

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-114 ◆MONDAY ◆20 OCTOBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୧୪ ◆ସୋମବାର ◆୨୦ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


### ଶୁଭେଚ୍ଛା

ଆଲୋକର ପର୍ବ ଦୀପାବଳି ଓ ମା' ଶ୍ୟାମାକାଳୀଙ୍କ ପୂଜା ଅବସରରେ 'ସକାଳ' ପରିବାର ପକ୍ଷରୁ ହାର୍ଦ୍ଦିକ ଶୁଭେଚ୍ଛା ॥

### 'ସକାଳ'ର ଛୁଟି

ଆଲୋକର ପର୍ବ ପବିତ୍ର ଦୀପାବଳି ଉପଲକ୍ଷେ ୨୦ ତାରିଖ 'ସକାଳ' କାର୍ଯ୍ୟାଳୟ ଛୁଟି ରହୁଥିବାରୁ ପରବର୍ତ୍ତୀ ସଂସ୍କରଣ ୨୨ ତାରିଖ (ବୁଧବାର) ପ୍ରକାଶ ପାଇବ।

-ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

## ଆମେରିକାରେ ଶାସନବିରୋଧୀ ବିକ୍ଷୋଭ

# ଟ୍ରମ୍ପ ରାଜା ନୁହେଁ

### ଦେଶବ୍ୟାପୀ ୨୬୦୦ରୁ ଅଧିକ ରାଲି ● ରାସ୍ତାକୁ ଓହ୍ଲାଇଲେ ୭୦ ଲକ୍ଷ ଲୋକ




■ ୱାଶିଂଟନ, ୧୯ ।୧୦ (ଏଜେନ୍ସି): ଗତ ଜାନୁଆରୀ ମାସରେ ଦ୍ୱିତୀୟ ଥର ଆମେରିକାର ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ସମଗ୍ର ବିଶ୍ୱକୁ ଅଶାନ୍ତ କରି ରଖିଛନ୍ତି ଡୋନାଲ୍ଡ ଟ୍ରମ୍ପ। ଏପରିକି ଏଥିରୁ ଆମେରିକା ବି ବାଦ୍ ପଡ଼ିନାହିଁ। ତାଙ୍କର ଏକଛତ୍ରବାଦ ଆଭିମୁଖ୍ୟ ଓ କଠୋରପନ୍ଥୀ ନୀତିର ଦୃଢ଼ ବିରୋଧ କରି ଆଜି ଲକ୍ଷ ଲକ୍ଷ ଲୋକ ରାସ୍ତାକୁ ଓହ୍ଲାଇଛନ୍ତି। ରାଜନୈତିକ ବିରୋଧୀ, ଗଣମାଧ୍ୟମ ଉପରେ ଟ୍ରମ୍ପଙ୍କ ଆକ୍ରମଣରେ କ୍ଷୁବ୍ଧ ଥିବା ଲୋକେ ସମଗ୍ର ଆମେରିକାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ଏହାକୁ ସବୁଠାରୁ ବଡ଼ ବିକ୍ଷୋଭ ବୋଲି କରାଯାଇଛି। ଦେଶର ସମସ୍ତ ୫୦ଟି ରାଜ୍ୟର ଭିନ୍ନ ଭିନ୍ନ ସହରରେ ୨୬୦୦ରୁ ଅଧିକ ରାଲି ବାହାର କରାଯାଇଛି। ଏହି ରାଲିଗୁଡିକରେ ପାଖାପାଖି ୭୦ ଲକ୍ଷ ଲୋକ ଅଂଶଗ୍ରହଣ କରିଛନ୍ତି। କେବଳ ନ୍ୟୁୟର୍କରେ ଲକ୍ଷେରୁ ଅଧିକ ଲୋକ ଟାଇମସ୍କ୍ୱାୟରରେ ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ଆନ୍ଦୋଳନକୁ 'ନୋ କିଙ୍ଗ୍' ପ୍ରୋଟେଷ୍ଟ ନାମ ଦିଆଯାଇଛି। ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ ଆମେରିକା ବିଶ୍ୱ ଦରବାରରେ ବଦନାମ ହେଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି।

ଟ୍ରମ୍ପଙ୍କ କାର୍ଯ୍ୟକାଳରେ ଏହାକୁ ତୃତୀୟ ବୃହତ୍ ବିକ୍ଷୋଭ ପ୍ରଦର୍ଶନ ବୋଲି କୁହାଯାଉଛି। ଟ୍ରମ୍ପଙ୍କ ଶାସନ କାଳରେ ଆମେରିକାରେ ସବୁଠାରୁ ଦୀର୍ଘକାଳୀନ ସଟ୍ ଡାଉନ୍ ଲାଗୁ ହୋଇଛି। ବିକ୍ଷୋଭକାରୀମାନେ ଟ୍ରମ୍ପଙ୍କ ବିରୋଧରେ ପ୍ରବଳ ଅସନ୍ତୋଷ ଜାହିର କରିଛନ୍ତି। ଗଣତନ୍ତ୍ର, ନ୍ୟାୟ ଓ କ୍ଷମତାର ଦୁରୁପୋଯୋଗ ନେଇ ବିକ୍ଷୋଭକାରୀ ଖୋଲାଖୋଲି ଭାବେ ନିଜର ମତ ରଖିଛନ୍ତି। ତେବେ ଏହି ବିକ୍ଷୋଭ ସଂପୂର୍ଣ୍ଣ ରୂପେ ଶାନ୍ତିପୂର୍ଣ୍ଣ ଥିଲା। ଏହାପୂର୍ବରୁ ଗତ ଜୁନ୍‌ରେ ମଧ୍ୟ 'ନୋ କିଙ୍ଗ୍' ପ୍ରୋଟେଷ୍ଟ ହୋଇଥିଲା ଓ ଏଥିରେ ପାଖାପାଖି ୨୧୦୦ ରାଲି ବାହରା କରାଯାଇଥିଲା। ନ୍ୟୁୟର୍କର ଟାଇମ୍ସ ସ୍କୋୟାର, ବୋଷ୍ଟନ, ଆଟଲାଣ୍ଟା ଓ ଚିକୋଗୋ ପାର୍କରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ସେହିପରି ୱାସିଂଟନ, ଲସ୍ ଏଞ୍ଜେଲସ ଓ ରିପବ୍ଲିକାନ ପାର୍ଟି ଶାସିତ ଅନ୍ୟ କେତୋଟି ରାଜ୍ୟରେ ମଧ ଆୟୋଜିତ ହୋଇଥିବା ରାଲିରେ ବହୁ ସଂଖ୍ୟାରେ ଲୋକ ଯୋଗ ଦେଇଥିଲେ।

ରାଷ୍ଟ୍ରପତି ଟ୍ରମ୍ପ ଏହି ବିକ୍ଷୋଭର ତୀବ୍ର ସମାଲୋଚନା କରିଛନ୍ତି। ସେ ତାଙ୍କ ସାମାଜିକ ଗଣମାଧମ 'ଟ୍ରୁଥ୍'ରେ କହିଛନ୍ତି, ସେମାନେ ମୋତେ ରାଜା କହୁଛନ୍ତି, କିନ୍ତୁ ମୁଁ କୌଣସି ରାଜା ନୁ।ହେଁ। ଏହାର କିଛି ସମୟ ପରେ ସେ ଏଆଇ ଦ୍ୱାରା ପ୍ରସ୍ତୁତ ଏକ ଭିଡିଓ କ୍ଲିପ୍ ଜାରି କରିଛନ୍ତି। ଏଥିରେ ସେ ମୁକୁଟ ପିନ୍ଧି ଯୁଦ୍ଧବିମାନ ଉଡ଼ାଉଥିବା ଦେଖାଯାଇଛି। ଏହି ବିମାନରୁ ବିକ୍ଷୋଭକାରୀଙ୍କ ଉପରେ ମଳ ବର୍ଷା ହେଉଥିବା ଭଳି ମନେ ହେଉଛି। ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟି ମଧ ଏହି ବିକ୍ଷୋଭ ଆନ୍ଦୋଳନକୁ 'ହେଟ୍ ଆମେରିକା ରାଲି' ବୋଲି ବର୍ଣ୍ଣନା କରିଛନ୍ତି।

# ଉତ୍ସାହ କମ୍; ଚିନ୍ତା ଅଧିକ

### ଧନ୍‌ତେରାସ୍‌ରେ ଲକ୍ଷେ କୋଟିର ବେପାର

■ ମୁମ୍ବଇ, ୧୯।୧୦ (ଏଜେନ୍ସି): ଚଳିତ ବର୍ଷ ଧନ୍‌ତେରାସରେ କିଣାବିକାରେ ନୂଆ ରେକର୍ଡ ସୃଷ୍ଟି ହୋଇଛି। ଭାରତୀୟମାନେ ପ୍ରାୟ ଲକ୍ଷେ କୋଟି ଟଙ୍କା କାରବାର କରିଛନ୍ତି। ଅଲ୍ ଇଣ୍ଡିଆ ଟ୍ରେଡର୍ସ କନ୍‌ଫେଡେରେସନ (ସିଏଆଇଟି) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଦରଦାମ ସହିତ ସୁନା ଏବଂ ରୁପା ମୂଲ୍ୟ ବୃଦ୍ଧି ଯୋଗୁଁ ଦୋକାନ ବଜାରରେ ସେତେ ଗହଳି ନ ଥିଲା। ଏହା ସତ୍ତ୍ୱେ ଗତ ବର୍ଷ ଅପେକ୍ଷା ୨୫ ପ୍ରତିଶତ ଅଧିକ କାରବାର ହୋଇଛି। ମାତ୍ର ଏହା ପରିମାଣ ତୁଳନାରେ କମ୍ ରହିଛି। ଦେୟ ବଢ଼ିବା ଯୋଗୁ ଆଗ୍ରହ କମ୍ ଥିବା ସତ୍ତ୍ୱେ ବିବାହ ଏବଂ ଅନ୍ୟ କାର୍ଯ୍ୟକ୍ରମ ଜନିତ ଚିନ୍ତା ପାଇଁ ଲୋକେ ଧନ୍‌ତେରାସ ଅଫରର ଲାଭ ଉଠାଇ ଥିଲେ। ଏହି ଅବସରରେ ଗଢା ମଜୁରୀ ଉପରେ ମିଳୁଥିବା ରିଆତିର ଲାଭ ଉଠାଇବା ପାଇଁ ଲୋକେ କାରବାର କରିଛନ୍ତି। ଚଳିତ କ୍ରୟରେ ସୁନା ଏବଂ ରୁପାର ବଡ଼ ଭୂମିକା ରହିଛି। ଉଚ୍ଚା ଦର ସତ୍ତ୍ୱେ ୬୦ ହଜାର କୋଟି ଟଙ୍କାର ସୁନା ଏବଂ ରୁପା ବିକ୍ରି ହୋଇଛି। କେବଳ ୩୬ କ୍ୱିଣ୍ଟାଲ ସୁନା ବିକ୍ରି ହୋଇଛି। ଏହା ଗତ ବର୍ଷ ତୁଳନାରେ ୨୫ ପ୍ରତିଶତ ଅଧିକ। ମାତ୍ର ପରିମାଣ ତୁଳନାରେ ୩ କ୍ୱିଣ୍ଟାଲ କମ୍। ଗତ ବର୍ଷ ଏହି ଅବସରରେ ୩୯ କ୍ୱିଣ୍ଟାଲ ସୁନା ବିକ୍ରି ହୋଇଥିଲା। ଚଳିତ ବର୍ଷ ସୁନା ମୂଲ୍ୟ ୬୫ ପ୍ରତିଶତ ଏବଂ ରୁପା ମୂଲ୍ୟ ୮୧ ପ୍ରତିଶତ ବୃଦ୍ଧି ପାଇଛି। ତେଣୁ ବଜାରରେ ଉତ୍ସାହ ସେତେ ନ ଥିଲେ ବି ଧନୀଶ୍ରେଣୀୟ ଲୋକଙ୍କ କିଣାବିକା ଏବଂ ବିବାହ ▶ପୃଷ୍ଠା-୭



**୬୦ ହଜାର କୋଟିର ସୁନା, ରୁପା ବିକ୍ରି**

**ଗତ ବର୍ଷ ତୁଳନାରେ ୨୫% ଅଧିକ କାରବାର**

**ଗତ ବର୍ଷ ୩୯ ଟନ୍ ସୁନା ବିକ୍ରି; ଚଳିତ ବର୍ଷ ବିକ୍ରିହେଲା ୩୬ ଟନ୍**

### ରବିବାର ବିଭିନ୍ନ ଜିଲ୍ଲାରେ ବର୍ଷା

## ଭିଜିବ ଦୀପାବଳି !

**ଏକାଧିକ ଜିଲ୍ଲାକୁ ପାଣିପାଗ କେନ୍ଦ୍ରର ୟେଲୋ ସତର୍କ ସୂଚନା**

**୨୦ ଓ ୨୧ ତାରିଖ ପାଗ ଶୃଙ୍ଖଳା ନେଇ ଡ. ପଶୁପାଳକଙ୍କ ଆକଳନ**

■ ଭୁବନେଶ୍ୱର, ୧୯।୧୦ (ସମିସ): ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ଏହାର ସଂଲଗ୍ନ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ କାରଣରୁ ରବିବାର ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ହୋଇଛି। ବିଶେଷକରି ଅନୁଗୋଳ, ଢେଙ୍କାନାଳ, ଖୋର୍ଦ୍ଧା, କଟକ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡା ପରି ଜିଲ୍ଲାରେ ଆଜି ବର୍ଷା ସହ ହାଲୁକା ବେଗରେ ପବନ ହୋଇଥିଲା। ସୋମବାର ଦୀପାବଳିକୁ ନେଇ ରାଜ୍ୟବାସୀ ଉତ୍ସାହ ମଧ୍ୟରେ ଥିବାବେଳେ ଆସନ୍ତାକାଲି ମଧ୍ୟ ଏକାଧିକ ଜିଲ୍ଲାରେ ବର୍ଷା ହେବା ନେଇ ଆକଳନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର।

କେନ୍ଦ୍ର ପ୍ରଦତ୍ତ ଆକଳନ ଅନୁଯାୟୀ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, ମାଲକାନଗିରି, ରାୟଗଡା ଓ କୋରାପୁଟ ଜିଲ୍ଲାରେ ୩୦ରୁ ୪୦ କିମି ବେଗରେ ପବନ ସହ ବର୍ଷା ହୋଇପାରେ। ସେଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ୟେଲେ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୨୧ ତାରିଖରେ ମଧ୍ୟ କେତେକ ଜିଲ୍ଲାରେ ବର୍ଷା ସମ୍ଭାବନା ଆକଳନ କରିଛି ପାଣିପାଗ କେନ୍ଦ୍ର। ଅପରପକ୍ଷେ ଦୀପାବଳିରେ ବର୍ଷାକୁ ନେଇ ବରିଷ୍ଠ ପାଣିପାଗ ବିଜ୍ଞାନୀ ଡ. ସୁରେନ୍ଦ୍ର ନାଥ ପଶୁପାଳକ ▶ପୃଷ୍ଠା-୭

## ବଡ଼ ଦୁର୍ଘଟଣାରୁ ବର୍ତ୍ତିଗଲା ବିଶାଖା ଏକ୍ସପ୍ରେସ୍

### ହଜାର ହଜାର ଯାତ୍ରୀଙ୍କ ଜୀବନ ବଞ୍ଚାଇଲେ ଲୋକୋ-ପାଇଲଟ୍



■ ଭୁବନେଶ୍ୱର, ୧୯ ।୧୦ (ସମିସ): ଭୁବନେଶ୍ୱରରୁ ବେଙ୍ଗାଲୁରୁ ଯାଉଥିବା ବିଶାଖା ଏକ୍ସପ୍ରେସ୍ (ଟ୍ରେନ୍ ନଂ-୧୮୪୬୩) ଶନିବାର ଦିନ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛି। ବେଙ୍ଗାଲୁରୁର ଗୌରୀବିଦାନପୁର ଓ ୟଲହଙ୍କା ଷ୍ଟେସନ୍ ମଝିରେ ରେଳ ଧାରଣାଟି ଦୁଇଖଣ୍ଡ ହୋଇଯାଇଥିବା ବେଳେ ତାହା ଟ୍ରେନ୍‌ର ଲୋକୋ-ପାଇଲଟ୍‌ଙ୍କ ନଜରରେ ପଡ଼ିଯାଇଥିଲା ଏବଂ ସେ ଟ୍ରେନ୍‌କୁ ତୁରନ୍ତ ଅଟକାଇ ଦେଇଥିଲେ। ସେତେବେଳକୁ ଟ୍ରେନ୍‌ର ଦୁଇଟି ବଗି ଭଙ୍ଗା ରେଳ ଧାରଣା ଅତିକ୍ରମ କରିଯାଇଥିଲା। କିନ୍ତୁ ସୌଭାଗ୍ୟକୁ ଟ୍ରେନ୍‌ର ଗତି ମନ୍ଥର ହୋଇଯାଇଥିବାରୁ ସେପରି କୌଣସି ଅଘଟଣ ଘଟିନଥିଲା।

### ପୁଲିସ ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ

## ଜେଲ୍‌ରେ ଆଉ ୬୩ ପରୀକ୍ଷାର୍ଥୀଙ୍କୁ ଜେରା

■ ବ୍ରହ୍ମପୁର, ୧୯ ।୧୦ (ସମିସ): ପୁଲିସ ସବ୍‌ଇନ୍‌ସପେକ୍ଟର୍ (ଏସ୍‌ଆଇ) ପରୀକ୍ଷା କେଲେଙ୍କାରୀ ମାମଲାରେ ଗିରଫ ୧୨୩ଅଭିଯୁକ୍ତଙ୍କ ମଧ୍ୟରୁ ରବିବାର ୬୩ଜଣ ପରୀକ୍ଷାର୍ଥୀଙ୍କୁ ବ୍ରହ୍ମପୁର ଜେଲରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଜେରା କରାଯାଇଛି। ଶନିବାର ୩୧ ଜଣଙ୍କୁ ପଚରାଉଚରା କରାଯାଇଥିବା ବେଳେ ରବିବାର ଆଉ ୬୩ ଜଣଙ୍କୁ ପଚରାଉଚରା କରାଯାଇଛି। ଫଳରେ ବର୍ତ୍ତମାନ ସୁଦ୍ଧା ମୋଟ ୯୪ଜଣଙ୍କୁ କ୍ରାଇମବ୍ରାଞ୍ଚ ଜେରା କଲାଣି। ଏଥିରେ ୨ ଦଲାଲ ମଧ ରହିଛନ୍ତି। ଅବଶିଷ୍ଟ ୨୯ଜଣଙ୍କୁ ଆଗାମୀ ଦିନରେ ଜେରା କରାଯିବ। ରବିବାର ତଦନ୍ତକାରୀ ଅଧିକାରୀ ତଥା କ୍ରାଇମବ୍ରାଞ୍ଚ ଡିଏସ୍‌ପି ▶ପୃଷ୍ଠା-୭

### ନୂଆପଡ଼ା ଉପନିର୍ବାଚନ


## ନାମାଙ୍କନ ପୂର୍ବରୁ ବିଜେଡିର ବିଶାଳ ଶୋଭାଯାତ୍ରା



**ଶୋଭାଯାତ୍ରାରେ ଯୋଗଦେଲେ ଦଳର ବହୁ ବରିଷ୍ଠ ନେତା**

**ଶକ୍ତି ପ୍ରଦର୍ଶନ ନୁହେଁ; ନବୀନଙ୍କ ପ୍ରତି ନୂଆପଡ଼ାବାସୀଙ୍କ ଭଲପାଇବାର ନିଦର୍ଶନ: ସ୍ନେହାଙ୍ଗିନୀ**

■ ନୂଆପଡା, ୧୯ ।୧୦ (ସମିସ): ନୂଆପଡା ଉପନିର୍ବାଚନ ପାଇଁ ଆସନ୍ତାକାଲି ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ନାମାଙ୍କନ ପତ୍ର ଦାଖଲ କରିବେ। ଏହାପୂର୍ବରୁ ଆଜି ନୂଆପଡ଼ାରେ ବିଜେଡି କରିଛି ବିଶାଳ ଶୋଭାଯାତ୍ରା। ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀଙ୍କ ସମର୍ଥନରେ ସ୍ଥାନୀୟ ଜନସାଧାରଣ ଓ ଦଳୀୟ ନେତା ଏକ ବିଶାଳ ଶୋଭାଯାତ୍ରାରେ ସହରକୁ କମ୍ପମାନ କରିଛନ୍ତି। ବାଣ, ବାଜା ସହ ଲୋକଙ୍କ ନାଚ ଗୀତରେ ସହର ପ୍ରକମ୍ପିତ ହୋଇଛି। ଅନ୍ୟପକ୍ଷରେ ସ୍ନେହାଙ୍ଗିନୀ ଏହା ଶକ୍ତି ପ୍ରଦର୍ଶନ ନୁହେଁ ବରଂ ନବୀନଙ୍କ ପ୍ରତି ଲୋକମାନଙ୍କର ଭଲପାଇବାର ନିଦର୍ଶନ ବୋଲି କହିଛନ୍ତି। ସ୍ନେହାଙ୍ଗିନୀ ପ୍ରଥମେ ନୂଆପଡାର ଦେବୀ କଣା ଭଏଁରା ମନ୍ଦିରକୁ ଯାଇଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ଆଦିବାସୀ କଲ୍ୟାଣ ସଂଘ ତରଫରୁ ଆୟୋଜିତ ସ୍ୱାଗତ ସମାରୋହରେ ଯୋଗ ଦେଇଥିଲେ। ସଂଘ ତରଫରୁ ଜିଲ୍ଲା ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ଭାନୁପ୍ରତାପ ▶ପୃଷ୍ଠା-୭

# ପ୍ୟାରିସ୍ ସଂଗ୍ରହାଳୟରୁ ଲୁଟିନେଲେ ମୂଲ୍ୟବାନ ଗହଣା

ପ୍ୟାରିସ, ୧୯।୧୦ (ଏଜେନ୍ସି): ଫ୍ରାନ୍ସ ରାଜଧାନୀ ପ୍ୟାରିସସ୍ଥିତ ବିଶ୍ୱ ପ୍ରସିଦ୍ଧ ଲୋଉଭ୍ରେ ସଂଗ୍ରହାଳୟକୁ ରବିବାର ସକାଳୁ ଅସ୍ଥାୟୀ ଭାବେ ବନ୍ଦ କରିଦିଆଯାଇଛି। ମିଳିଥିବା ସୂଚନା ଅନୁସାରେ, ସଂଗ୍ରହାଳୟରୁ କେତେକ ମୂଲ୍ୟବାନ ଗହଣା ତଥା ଆଭୁଷଣ ଚୋରି ହୋଇଯିବା ପରେ ଏହାକୁ ବନ୍ଦ



କରିବାକୁ ନିଷ୍ପତ୍ତି ନିଆଯାଇଛି। ରବିବାର ସକାଳେ ସଂଗ୍ରହାଳୟ ଖୋଲା ହେବା ସମୟରେ ଚୋରି ହୋଇଥିଲା ବୋଲି ଫ୍ରାନ୍ସ ସଂସ୍କୃତି ମନ୍ତ୍ରୀ ରଚିଦା ଡାତି ସାମାଜିକ ଗଣମାଧମ 'ଏକ୍ସ'ରେ ପୋଷ୍ଟ କରି ସୂଚନା ଦେଇଛନ୍ତି। କିନ୍ତୁ ଚୋରି ସମ୍ପର୍କରେ କୌଣସି ଅଧିକ ସୂଚନା ସରକାରଙ୍କ ତରଫରୁ ଦିଆଯାଇନାହିଁ। ଏହି ଘଟଣାର ଯାଞ୍ଚ କରାଯାଉଛି ବୋଲି ସେ କହିଛନ୍ତି। ଏହି ସଂଗ୍ରହାଳୟରେ ବିଶ୍ୱ ପ୍ରସିଦ୍ଧ ମୋନାଲିସା ପେଣ୍ଟିଂ ସହିତ ବିଶ୍ୱର କେତୋଟି ସବୁଠାରୁ ପ୍ରତିଷ୍ଠିତ ଐତିହାସିକ କାଳାକୃତି ରହିଛି। ଚୋରମାନେ ବିଶ୍ୱପ୍ରସିଦ୍ଧ କେତୋଟି ଗହଣା ଚୋରିକରି ନେଇଛନ୍ତି ବୋଲି କୁହାଯାଉଛି। ଚୋରମାନେ ନୋପୋଲିୟନ କଲେକ୍ସନ୍‌ରୁ ମୂଲବାନ ଗହଣା ଚୋରି କରି ନେଇଯାଇଛନ୍ତି ବୋଲି ଫ୍ରାନ୍ସର ଜଣାଶୁଣା ଖବର କାଗଜ 'ଲେ ପାରିସିଏନ୍' ଉଲ୍ଲେଖ କରିଛି। ଏହାକୁ ଫ୍ରାନ୍ସର ସାଂସ୍କୃତିକ ଇତିହାସ ଉପରେ ଏକ ବଡ଼ ଝଟ୍‌କା ବା ଆକ୍ରମଣ ବୋଲି କୁହାଯାଉଛି। ଏକରୁ ଊର୍ଦ୍ଧ୍ୱ ଚୋର ସଂଗ୍ରହାଳୟରେ ପଶିଥିଲେ ବୋଲି ପୁଲିସ କହିଛି। ଏହି ଚୋରମାନେ ସିନ ନଦୀର ସାମ୍ନାପଟୁ ସଂଗ୍ରହାଳୟରେ ପ୍ରବେଶ କରିଥିଲେ ଓ ସେଠାରେ ନିର୍ମାଣ କାର୍ଯ୍ୟ ଚାଲିଥିଲା। ଏହାପରେ ଚୋରମାନେ ଜିନିଷ ନିଆଯାଉଥିବା ଲିଫ୍ଟରେ ଆପୋଲୋ ଗ୍ୟାଲେରୀର ଏକ କଠୋରୀକୁ ଯାଇଥିଲେ ଓ ସେଠାରେ ଝରକା ଭାଙ୍ଗିଥିଲେ। ଏହାପରେ ସେମାନେ ସମ୍ରାଟ ନେପୋଲିୟନ ବେନାପାର୍ଟଙ୍କ ସମୟର ଓ ମହାରାଣୀଙ୍କର ୯ଟି ଆଭୁଷଣ ଚୋରି କରି ନେଇଯାଇଥିଲେ। ଉଲ୍ଲେଖଥାଉ କି, ଏହି ସଂଗ୍ରହାଳୟକୁ ବିଶ୍ୱର ସର୍ବାଧିକ ଲୋକ ଦେଖିବାକୁ ଆସିଥାନ୍ତି। ଏଠାରେ ବିଶ୍ୱ ପ୍ରସିଦ୍ଧ କଳାକୃତ ଓ ମୂଲ୍ୟବାନ ଜିନିଷ ରଖାଯାଇଛି।

# ଡ୍ରଗ୍ସ ବୁଡ଼ାଜାହାଜକୁ ଧ୍ୱଂସ କଲା ଆମେରିକା

ୱାସିଂଟନ, ୧୯।୧୦ (ଏଜେନ୍ସି): କ୍ୟାରିବିୟାନ ସାଗରରେ ଡ୍ରଗ୍ସ ଅର୍ଥାତ ନିଶା ଔଷଧ ନେଇ ଯାଉଥିବା ଏକ ଜାହଜ ଉପରେ ଆମେରିକା ଆକ୍ରମଣ କରିଛି। ଏଥିରେ ଦୁଇଜଣ ଡ୍ରଗ୍ସ ଚାଲାଣକରୀ ମୃତ୍ୟୁବରଣ କରିଛନ୍ତି। ବଞ୍ଚିଥିବା ଦୁଇଜଣ ବ୍ୟକ୍ତିଙ୍କୁ ସେମାନଙ୍କ ଦେଶ ଇକ୍ୱେଡର ଓ କଲମ୍ବିଆକୁ ପଠାଇ ଦିଆଯାଇଛି। ଏ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି। ଡ୍ରଗ୍ସ ନେଇ ଯାଉଥିବା ଏକ ବଡ଼ ଜାହାଜକୁ ନଷ୍ଟ କରିଦିଆଯାଇଥିବାରୁ

## ୨୫୦୦୦ ଆମେରିକୀୟ ବଞ୍ଚିଗଲେ: ଟ୍ରମ୍ପ

ଖୁସି ଓ ଗର୍ବ ଅନୁଭବ କରୁଛି ବୋଲି ଟ୍ରମ୍ପ ଉଲ୍ଲେଖ କରିଛନ୍ତି। ଏହି ଜାହଜ ଆମେରିକାକୁ ଯାଉଥିଲା। ଏଥିରେ ଫେଣ୍ଟେନାଇଲ୍ ଓ ଅନ୍ୟ ନିଶାଦ୍ରବ ଥିଲା। ଏହାଦ୍ୱାରା ୨୫୦୦୦ ଆମେରିକୀୟ ନାଗରିକ ବଞ୍ଚି ଯାଇଛନ୍ତି ବୋଲି ଟ୍ରମ୍ପ କହିଛନ୍ତି। ଲାଟିନ ଆମେରିକାରୁ ଆମେରିକାକୁ ଚାଲାଣ ହେଉଥିବା ଡ୍ରଗ୍ସ ଚାଲଣକୁ ରୋକିବା ପାଇଁ ଟ୍ରମ୍ପ ପ୍ରଶାସନ କ୍ରମାଗତ ଭାବେ ଅଭିଯାନ ଜାରି ରଖିଛି। ତେଣୁ ଏଭଳି ଆକ୍ରମଣ ଏହି ଅଭିଯାନର ଅଂଶ ବିଶେଷ ବୋଲି କୁହାଯାଇଛି। ଗତ ସେପ୍ଟେମ୍ବରରୁ ଏପର୍ଯ୍ୟନ୍ତ ଆମେରିକା ଆକ୍ରମଣରେ ୬ଟି ବୋଟ୍ ନଷ୍ଟ ହୋଇଛି। ଏଗୁଡିକ ମଧ୍ୟରେ ଅଧିକାଂଶ ସ୍ପିଡ୍ ବୋଟ୍ ସାମିଲ ରହିଥିଲା। ଡ୍ରଗ୍ସର ଚୋରା ଚାଲାଣକୁ ରୋକିବା ପାଇଁ ନିର୍ଣ୍ଣାୟକ ଆକ୍ରମଣ କରାଯାଉଛି ବୋଲି



# ଦୀପାବଳି, ଛଟ୍ ପାଇଁ ଅସମ୍ଭାଳ ଟ୍ରାଫିକ୍

## ରେଳ ଷ୍ଟେସନ୍‌ରେ ବିହାର-ୟୁପି ଯାତ୍ରୀଙ୍କ ପ୍ରବଳ ଭିଡ଼



ସୁରତ,୧୯।୧୦(ଏଜେନ୍ସି):

ଦୀପାବଳି, ଛଟ୍ ପୂଜା ଓ ବିହାର ବିଧାନସଭା ନିର୍ବାଚନ ପାଇଁ ଦେଶରେ ବହୁ ରେଳ ଷ୍ଟେସନରେ ନାହିଁ ନଥିବା ଭିଡ଼ ପରିଲକ୍ଷିତ ହୋଇଛି। ବିହାର, ଉତ୍ତରପ୍ରଦେଶ ଖାସ୍ କରି ଉତ୍ତର ଭାରତ ଯିବାକୁ ଥିବା ଯାତ୍ରୀଙ୍କ ଭିଡ଼ ଦେଖିବାକୁ ମିଳିଛି। ଦିଲ୍ଲୀ, ସୁରତ ଓ ସୁରତର ଉଧନା ଷ୍ଟେସନରେ ପ୍ରବଳ ଭିଡ଼ ଯୋଗୁ ଯାତ୍ରୀ ହନ୍ତସନ୍ତ ହୋଇଛନ୍ତି। ଯାତ୍ରୀମାନେ ଟ୍ରେନ୍‌କୁ ଅପେକ୍ଷା କରି ରହିଛନ୍ତି। କିନ୍ତୁ ଟ୍ରେନ୍‌ଗୁଡିକର ବଗି ଫୁଲ୍ ଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ଟିକେଟ ଥାଇ ମଧ୍ୟ ବହୁ ଯାତ୍ରୀ ସୁରତରେ ଟ୍ରେନ୍ ଚଢ଼ିପାରିନାହାନ୍ତି। ଫଳରେ ଷ୍ଟେସନଠାରୁ ଆରମ୍ଭ କରି ଯାତ୍ରୀମାନଙ୍କ ଲାଇନ୍ ବିଭିନ୍ନ ରେସିଡେନ୍ସିଆଲ ଏରିଆ ପର୍ଯ୍ୟନ୍ତ ଲମ୍ବିଥିବାର ଲକ୍ଷ୍ୟ କରାଯାଇଛି। ୧୨ ଓ ୧୮ ଘଣ୍ଟାଧରି ଲୋକ ଭୋକ ଉପାସରେ ଲାଇନ୍‌ରେ ଠିଆ ହୋଇଛନ୍ତି। କେବଳ ଘରକୁ ଯିବା ଲକ୍ଷ୍ୟରେ ଯାତ୍ରୀ ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସୁରତର ଉଧଡ଼ା ଷ୍ଟେସନରେ ଦୁଇକିମି ଧରି ଲମ୍ବା ଲାଇନ୍ ଦେଖିବାକୁ ମିଳିଛି। ଉତ୍ତର ଭାରତକୁ ଯାଉଥିବା ସବୁ ଟ୍ରେନ୍ ଫୁଲ୍ ହୋଇଛି। ଏହାକୁ ଦୃଷ୍ଟିରେ ରଖି ପଶ୍ଚିମ ରେଳବାଇ ୨୧ଟି ସ୍ପେଶାଲ ଟ୍ରେନ୍ ଚାଲୁ କରିଛି।

ନିଜ ଜନ୍ମସ୍ଥାନରେ ଦୀପାବଳୀ ଓ ଛଟ୍ ପୂଜା ପାଳନ କରିବାକୁ ଲୋକେ ଘରକୁ ଫେରୁଥିବା ବେଳେ

- ସୁରତରେ ୧୫ହଜାର ଯାତ୍ରୀ ସଡ଼କରେ ରାତି କାଟିଲେ
- କର୍ମଭୂମି ଏକ୍ସପ୍ରେସ୍‌ରୁ ଖସି ଦୁଇ ଯାତ୍ରୀ ମୃତ
- ଦିଲ୍ଲୀ ପ୍ଲାଟଫର୍ମରେ ଖଚାଖଚ୍ ଭିଡ଼

ଶନିବାର ବିଳମ୍ବିତ ରାତିରେ ଏକ ଦୁର୍ଘଟଣା ଘଟିଛି। ମୁମ୍ବାଇରୁ ବିହାରର ଇଷ୍ଟ ଚମ୍ପାରନ ଜିଲ୍ଲାର ରାକ୍ସାଉଲ ଯାଉଥିବା କର୍ମଭୂମି ଏକ୍ସପ୍ରେସ୍ ଟ୍ରେନ୍‌ରୁ ୩ଜଣ ଯୁବକ ଖସି ପଡ଼ିଥିଲେ। ଫଳରେ ଘଟଣାସ୍ଥଳରେ ଦୁଇଜଣ ଯୁବକ ମୃତ୍ୟୁବରଣ କରିଥିଲେ ଓ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି। ପୁଲିସ ମୃତକଙ୍କ ପରିଚୟ ପାଇବାକୁ ପ୍ରୟାସ କରୁଛି। ଏହି ଦୁର୍ଘଟଣା ନାସିକ ଷ୍ଟେସନ ନିକଟରେ ଘଟିଥିଲା।

# ଗାଜାରେ ଇସ୍ରାଏଲ୍‌ର ପୁଣି ଏୟାର ଷ୍ଟ୍ରାଇକ୍; ୩୫ ମୃତ

ଗାଜା,୧୯ ।୧୦(ଏଜେନ୍ସି): ଗାଜାରେ ଇସ୍ରାଏଲ ଓ ହାମାସ ମଧ୍ୟରେ ହୋଇଥିବା ଅସ୍ତ୍ରବିରତି ନେଇ ପୁଣିଥରେ ସଂଶୟ ସୃଷ୍ଟି ହୋଇଛି। ରାଫାରେ ଇସ୍ରାଏଲ ସୈନିକଙ୍କ ଉପରେ ହମାସ ଆକ୍ରମଣ କରିଛି। ଫଳରେ ଇସ୍ରାଏଲ ମଧ୍ୟ ଏହାର ଜବାବ ଦେଇଛି। ଇସ୍ରାଏଲ ଡିଫେନ୍ସ ଫୋର୍ସ (ଆଇଡିଏଫ୍) ଏୟାର ଷ୍ଟ୍ରାଇକ୍ କରିଛି। ଏ ସଂକ୍ରାନ୍ତରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କାଜ୍ ଓ ଆଇଡିଏଫ୍ ଚିଫ୍ ଅଫ୍ ଷ୍ଟାଫ୍ ଲେଫ୍ଟନାଣ୍ଟ ଜେନେରାଲ ଇୟାଲ ଜମୀରଙ୍କ ସହ ଖୁବଶୀଘ୍ର ଏକ ଜରୁରୀକାଳୀନ ବୈଠକରେ ମିଳିତ ହେବେ। ରବିବାର ରାଫାରେ ମିଲିଟାରୀ ଇଞ୍ଜିନିୟରିଂ ଗାଡ଼ିଗୁଡିକ ଉପରେ ହମାସ ଆଣ୍ଟି ଟ୍ୟାଙ୍କ ମିସାଇଲ ଦ୍ୱାରା ଆକ୍ରମଣ କରିଥିଲା ବୋଲି ଇସ୍ରାଏଲ କହିଛି। ଫଳରେ ଇସ୍ରାଏଲ ହମାସ ଅଞ୍ଚଳରେ ଆକାଶରୁ ଆକ୍ରମଣ କରିଥିଲା। ଏଥିରେ ବହୁ ଇସ୍ରାଏଲ ସୈନିକ ଆହତ ହୋଇଛନ୍ତି। ହମାସ ଅସ୍ତ୍ରବିରତି ଉଲ୍ଲଂଘନ କରିଛି ବୋଲି ଇସ୍ରାଏଲ କହିଛି। ଅନ୍ୟପଟେ ଇସ୍ରାଏଲ ଆକ୍ରମଣରେ ୩୫ ଜଣ ପାଲେଷ୍ଟାଇନ ନାଗରିକ ନିହତ ହୋଇଛନ୍ତି ବୋଲି କୁହାଯାଇଛି।

# ଦିଲ୍ଲୀରେ ପରକୀୟା ପ୍ରୀତି, ଗର୍ଭଧାରଣ ଓ ଡବଲ ମର୍ଡର

ନୂଆଦିଲ୍ଲୀ, ୧୯।୧୦ (ଏଜେନ୍ସି): କେନ୍ଦ୍ରୀୟ ଦିଲ୍ଲୀରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଏକ ପରକୀୟା ପ୍ରୀତିକୁ ନେଇ ଦୁଇଜଣ ଲୋକ ହତ୍ୟାର ଶିକାର ହୋଇଛନ୍ତି। ଜଣେ ଗର୍ଭବତୀ ମହିଳାଙ୍କୁ ତାଙ୍କ ପ୍ରେମିକ ଛୁରି ଭୁଷି ହତ୍ୟା କରିଥିଲେ। ପରେ ମହିଳାଙ୍କ ସ୍ୱାମୀ ମଧ୍ୟ ସମ୍ପୃକ୍ତ ହତ୍ୟାକାରୀ ପ୍ରେମିକଙ୍କୁ ହତ୍ୟା କରିଛନ୍ତି। ଶାଳିନୀ ନାମକ ଜଣେ ୨୨ ବର୍ଷୀୟା ମହିଳା ସ୍ୱାମୀ ଆକାଶଙ୍କ ସହ ରୁହନ୍ତି। ଆକାଶ ଇ- ରିକ୍ସା ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ଶାଳିନୀଙ୍କ ଦୁଇଟି ଝିଅ ଅଛନ୍ତି। ୩୪ ବର୍ଷୀୟ ସ୍ଥାନୀୟ ଅପରାଧୀ ଆଶୁ ଉରଫ୍ ଶୈଳେନ୍ଦ୍ରଙ୍କ ସହ ଶାଳିନୀଙ୍କ ଅବୈଧ ସମ୍ପର୍କ ରହିଥିଲା। ଶାଳିନୀ ତାଙ୍କ ପିଲାର ମା ହେବାକୁ ଯାଉଛନ୍ତି ବୋଲି ଆଶୁ ଦାବି କରୁଥିଲେ। କିନ୍ତୁ ସେ ସ୍ୱାମୀଙ୍କ ସହ ରହିବାକୁ ନିଷ୍ପତ୍ତି ନେଇଥିଲେ। ଏଥିରେ ଆଶୁ ଉତ୍ତେଜିତ ହୋଇ ଶାଳିନୀଙ୍କୁ ହତ୍ୟା କରିଛନ୍ତି ବୋଲି ପୁଲିସ କହିଛି। ଶନିବାର ରାତିରେ ଏହି ଘଟଣା ଘଟିଥିଲା। ଶାଳିନୀଙ୍କ ସହ ଆକାଶ କୁତୁବ ରୋଡ୍‌ରେ ତାଙ୍କ ଶାଶୁଙ୍କୁ ଦେଖିବାକୁ ଯାଇଥିଲେ। ବାଟରେ ଆଶୁ ଅଚାନକ ଆସି ଆକାଶଙ୍କୁ ଛୁରିରେ ଆକ୍ରମଣ କରିଥିଲେ। କିନ୍ତୁ ଆକାଶ ବର୍ତ୍ତିଯାଇଥିଲେ। ଏହାପରେ ଆଶୁ ଶାଳିନୀଙ୍କୁ ଇ-ରକ୍ସାରେ ବସିଥିବାର ଦେଖି ତାଙ୍କ ଉପରେ ବାରମ୍ବାର ଛୁରୀରେ ଆକ୍ରମଣ କରିଚାଲିଥିଲା। ଏତିକିବେଳେ ଆକାଶ ତାଙ୍କ ପତ୍ନୀଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ଆଶୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲା। କିନ୍ତୁ କୌଶଳକ୍ରମେ ଆକାଶ ଛୁରି ଛଡାଇ ଆଶୁଙ୍କୁ ବାରମ୍ବାର ଆକ୍ରମଣ କରି ହତ୍ୟା କରିଥିଲେ। ଏହାପରେ ୩ଜଣଙ୍କୁ ହସ୍ପିଟାଲ ନିଆଯାଇଥିଲା। ଶାଳିନୀ ଓ ଆଶୁଙ୍କୁ ଡାକ୍ତର ମୃତ ବୋଲି ଘୋଷଣା କରିଥିଲେ। କିନ୍ତୁ ଆକାଶ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି ବୋଲି ପୁଲିସ କହିଛି। ପୁଲିସ ଏ ନେଇ ମାମଲା ରୁଜୁ କରିଛି।

# ରାଘବ-ପରିଣିତିଙ୍କ ପୁତ୍ର ସନ୍ତାନ ଲାଭ

ନୂଆଦିଲ୍ଲୀ, ୧୯।୧୦ (ଏଜେନ୍ସି): ବଲିଉଡ ଅଭିନେତ୍ରୀ ପରିଣିତି ଚୋପ୍ରା ଓ ତାଙ୍କ ସ୍ୱାମୀ ଆମ ଆଦମି ପାର୍ଟି (ଆପ୍) ନେତା ରାଘବ ଚଡ୍ଢା ପ୍ରଥମ ସନ୍ତାନର ବାପା-ମା ହେବାର ସୌଭାଗ୍ୟ ଲାଭ କରିଛନ୍ତି। ରବିବାର ପରିଣିତି ଏକ ଶିଶୁ ପୁତ୍ରର ମା ହୋଇଛନ୍ତି। ଫଳରେ ଦୀପାବଳି ପୂର୍ବରୁ ଦୁଇଜଣଙ୍କ ଖୁସି ଦ୍ୱିଗୁଣିତ ହୋଇଛି। ଏ ନେଇ ସାମାଜିକ ଗଣମାଧମ ଇନ୍‌ଷ୍ଟାଗ୍ରାମ୍‌ରେ ଦୁହେଁ ପୋଷ୍ଟ କରି ସୂଚନା ଦେଇଛନ୍ତି। ରବିବାର ପରିଣିତି ଏକ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଚଳିତବର୍ଷ ଅଗଷ୍ଟରେ ଦୁହେଁ ଗର୍ଭଧାରଣ ନେଇ ସୂଚନା ଦେଇଥିଲେ। ଦୁହେଁ ୨୦୨୩ ସେପ୍ଟେମ୍ବରରେ ରାଜସ୍ଥାନର ଉଦୟପୁରର ଲୀଲା ପ୍ୟାଲେସ୍‌ରେ ବିବାହ କରିଥିଲେ। ଦୁହେଁ ଦୀର୍ଘଧରି ପରସ୍ପରକୁ ଡେଟ୍ କରିବା ପରେ ଶେଷରେ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ।

# ୫୦୦ ପୃଷ୍ଠାର ଜାମିନ ଆବେଦନକୁ ଖାରଜ କଲେ କୋର୍ଟ

ନୂଆଦିଲ୍ଲୀ, ୧୯।୧୦ (ଏଜେନ୍ସି): ୫୦୦ ପୃଷ୍ଠାର ଜାମିନ ଆବେଦନକୁ ଏକ ସ୍ଥାନୀୟ କୋର୍ଟ ଖାରଜ କରିଛନ୍ତି। ନୂଆଦିଲ୍ଲୀର କରକରଡୁମା କୋର୍ଟ ଶୁକ୍ରବାର ଜଣେ ଦୁଷ୍କର୍ମ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ଖାରଜ କରିଛନ୍ତି। ଅଭିଯୁକ୍ତଙ୍କ ତରଫରୁ ଓକିଲ ୫୦୦ ପୃଷ୍ଠାର ଆବେଦନ ଦାଖଲ କରିଥିଲେ। ଏହି ଆବେଦନ ବହୁତ ବଡ଼ ଓ ଏହାକୁ ପଢ଼ିବା ସମୟ ସାପେକ୍ଷ ବୋଲି କୋର୍ଟ କହିଥିଲେ। ଏହି ଦସ୍ତାବିଜ୍‌କୁ ପଢ଼ିବା ଓ ଏହାର ତର୍ଜମା କରିବା ସମ୍ଭବ ନୁହଁ ବୋଲି ଆଡିସନାଲ ସେସନ ଜଜ୍ ରମେଶ କୁମାର କହିଥିଲେ। କୋର୍ଟଙ୍କ ଉପରେ ପୂର୍ବରୁ ବହୁତ ବୋଝ ରହିଛି। ତେଣୁ ଜାମିନ ଆବେଦନର ଦସ୍ତାବିଜକୁ ଆହୁରି ଛୋଟ କରିବାକୁ ଓ ପୁଣିଥରେ ନୂଆ କରି ଆବେଦନ କରିବାକୁ ଜଜ୍ ଓକିଲଙ୍କୁ ପରାମର୍ଶ ଦେଇଥିଲେ। ଅଭିଯୁକ୍ତଙ୍କ ବିରୋଧରେ କଲ୍ୟାଣପୁର ଥାନାରେ ମାମଲା ରୁଜୁ ହୋଇଥିଲା।

# ଅସ୍ତ୍ରବିରତି ପାଇଁ ପାକ୍-ଆଫଗାନ୍ ତତ୍କାଳ ରାଜି

ଦୋହା, ୧୯।୧୦ (ଏଜେନ୍ସି): ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଅକ୍ଟୋବର ୯ରୁ ଆରମ୍ଭ ହୋଇଥିବା ସଂଘର୍ଷରେ ଯବନିକା ପଡିଛି। ଦୁଇ ଦେଶ ତତ୍କାଳ ଅସ୍ତ୍ରବିରତି ପାଇଁ ରାଜି ହୋଇଛନ୍ତି। ଏ ନେଇ କାତାର ବୈଦେଶିକ ମନ୍ତ୍ରଣାଳୟ ତରଫରୁ ଘୋଷଣା କରାଯାଇଛି। କାତାର ଓ ତୁର୍କୀ ମଧ୍ୟସ୍ଥତାରେ ରାଜଧାନୀ ଦୋହାରେ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଆଲୋଚନା ହୋଇଥିଲା। ଏଥିରେ ଦୁଇଦେଶ ତତ୍କାଳ ଅସ୍ତ୍ରବିରତି ପାଇଁ ସହମତି ପ୍ରକାଶ କରିଛନ୍ତି। ଏଥିସହ ସୀମାରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଓ ସ୍ଥିରତା ବଜାୟ ରଖିବାକୁ ଉଭୟ ପକ୍ଷ ରାଜି ହୋଇଛନ୍ତି। ଏଥିସହ ଆଗାମୀ କିଛିଦିନରେ ଦୁଇ ଦେଶ ଫଲୋଅପ୍ ମିଟିଂ ଅର୍ଥାତ କାର୍ଯ୍ୟବାହ ବୈଠକ ପାଇଁ ମଧ୍ୟ ରାଜି ହୋଇଛନ୍ତି ବୋଲି କୁହାଯାଇଛି। ଏହି ବୁଝାମଣାକୁ କାତାର ଏକ ବଡ଼ କୂଟନୈତିକ ସଫଳତା ବୋଲି କହିଛି। ଏହାଦ୍ୱାରା ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ସଂଘର୍ଷ ଓ ଉତ୍ତେଜନା କମ୍ ହେବ ଓ ସ୍ଥାୟୀ ଶାନ୍ତିର ମୂଳଦୁଆ ପଡିବ ବୋଲି କାତାର ପକ୍ଷରୁ କୁହାଯାଇଛି। ଉଲ୍ଲେଖଥାଉ କି, ପାକିସ୍ତାନ ଶୁକ୍ରବାର ଆଫଗାନିସ୍ତାନ ଉପରେ ଏୟାର ଷ୍ଟ୍ରାଇକ କରିଥିଲା ଓ ଏଥିରେ ୩ ଜଣ କ୍ରିକେଟରଙ୍କ ସମେତ ୧୭ ଲୋକ ମୃତ୍ୟୁବରଣ କରିଥିଲେ। ଏହାପୂର୍ବରୁ ଅକ୍ଟୋବର ୧୫ରେ ଦୁଇଦେଶ ମଧ୍ୟରେ ୪୮ ଘଣ୍ଟିଆ ଅସ୍ତ୍ରବିରତି ଘୋଷଣା ହୋଇଥିଲା ଓ ଏହା ଶୁକ୍ରବାର ସନ୍ଧ୍ୟା ୬ଟାରେ ଶେଷ ହୋଇଥିଲା।

- କାତାର ବିଦେଶ ମନ୍ତ୍ରଣାଳୟର ଘୋଷଣା
- ଦୋହାରେ ଦୁଇ ଦେଶ ମଧ୍ୟରେ ବୈଠକ



# ବଙ୍ଗରେ ନକଲି ପାସପୋର୍ଟ ର୍ୟାକେଟର ପର୍ଦ୍ଦାଫାସ

ନୂଆଦିଲ୍ଲୀ, ୧୯।୧୦ (ଏଜେନ୍ସି): ପଶ୍ଚିମବଙ୍ଗରେ ଏକ ବଡ଼ ନକଲି ପାସ୍‌ପୋର୍ଟ ର୍ୟାକେଟର ପର୍ଦ୍ଦାଫାସ ହୋଇଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏହି ର୍ୟାକେଟର ପର୍ଦ୍ଦାଫାସ କରିଛି। ଅବୈଧଭାବେ ଭାରତରେ ଥିବା ୪୦୦ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇଛି। ଏମାନେ ନକଲି ଦସ୍ତାବେଜ ତିଆରି କରି ଭାରତୀୟ ପାସ୍‌ପୋର୍ଟ ହାସଲ କରିଛନ୍ତି। ଏହି ର୍ୟାକେଟରେ ପାକିସ୍ତାନ ନାଗରିକ ଆଜାଦ ମଲିକ ଓ ଇନ୍ଦୁ ଭୂଷଣ ସାମିଲ ରହିଛନ୍ତି। ଏମାନେ ହାୱାଲା ମାଧ୍ୟମରେ ନେଣଦେଣ କରିବା ସହ ପରିଚୟପତ୍ର ପ୍ରସ୍ତୁତ କରୁଥିଲେ। ଏ ବାବଦରେ ଇଡି ୨ କୋଟି ଊର୍ଦ୍ଧ୍ୱ ଟଙ୍କାର ନେଣଦେଣ ନେଇ ପର୍ଦ୍ଦାଫାସ କରିଛି। ଏହିକ୍ରମରେ ୪୦୦ ବାଂଲାଦେଶୀଙ୍କୁ ଭରାତୀୟ ନାଗରିକରେ ପରିଣତ କରାଯାଇଛି ଓ ଏମାନଙ୍କୁ ଚିହ୍ନଟ ମଧ୍ୟ କରାଯାଇଛି। କୋଲକାତା ପାସ୍‌ପୋର୍ଟ କାର୍ଯ୍ୟାଳୟରୁ ଇଡି ଏନେଇ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। ପାସ୍‌ପୋର୍ଟ ଦେବା ପୂର୍ବରୁ ଏହି ଅନୁପ୍ରବେଶକାରୀଙ୍କର ଆଧାର ଓ ପାନ କାର୍ଡ ପ୍ରସ୍ତୁତ କରାଯାଉଥିଲା। ଏହାପରେ ଏମାନଙ୍କ ନାମ ଭୋଟର ତାଲିକାରେ ସାମିଲ କରାଯାଉଥିଲା। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ମାତ୍ର ୫ ଲକ୍ଷ ଟଙ୍କା ବିନିମୟରେ ନକଲି ପାସ୍‌ପୋର୍ଟ ପ୍ରସ୍ତୁତ କରାଯାଉଥିଲା ବୋଲି ଇଡି ତରଫରୁ କୁହାଯାଇଛି। ଏହିକ୍ରମରେ ଇଡି ନିକଟରେ ପଶ୍ଚିମବଙ୍ଗର ନଦିଆ ଜିଲ୍ଲାରେ ନକଲି ପାସ୍‌ପୋର୍ଟ ର୍ୟାକେଟ ଚଳାଉଥିବା ଜଣେ ସଂଦୀଗ୍ଧ ସଂଚାଳକକୁ ଗରିଫ କରିଥିଲା।

# ପଡ଼ିରହିଛି ୯ ଲକ୍ଷ ଏକ୍‌ଜିକ୍ୟୁଟିଭ୍ ପିଟିସନ୍; ସୁପ୍ରିମକୋର୍ଟ କ୍ଷୁବ୍ଧ

ନୂଆଦିଲ୍ଲୀ, ୧୯ ।୧୦ (ଏଜେନ୍ସି): ସାରା ଦେଶରେ ୮.୮୨ ଲକ୍ଷରୁ ଊର୍ଦ୍ଧ୍ୱ ଏକ୍‌ଜିକ୍ୟୁଟିଭ୍ ପିଟିସନ୍ ପଡିରହିଛି। ସୁପ୍ରିମକୋର୍ଟ ଏ ନେଇ ଅସନ୍ତୋଷ ଜାହିର କରିବା ସହ ଏହାକୁ ଅତ୍ୟନ୍ତ ନୈରାଶ୍ୟଜନକ ବୋଲି କହିଛି। କୋର୍ଟଙ୍କ ଆଦେଶକୁ ଲାଗୁ କରିବା ପାଇଁ ଦାଖଲ କରାଯାଉଥିବା ପିଟିସନକୁ ଏକ୍‌ଜିକ୍ୟୁଟିଭ୍ ପିଟିସନ୍ କୁହାଯାଇଥାଏ। ଦେଶରେ ଏଭଳି ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ବୋଲି ଜଷ୍ଟିସ୍ ଜେବି ପରଦିୱାଲା ଓ ଜଷ୍ଟିସ ପଙ୍କଜ ମିତ୍ତଲଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି।

ଯଦି କୌଣସି ସିଭିଲ ବିବାଦରେ କୋର୍ଟ ଆଦେଶ ଦେଇଥାନ୍ତି ଓ ହାରିଥିବା ବ୍ୟକ୍ତି ତାହାକୁ ମାନିବାକୁ ମନା କରିଥାନ୍ତି, ସେତେବେଳେ ନିର୍ଦ୍ଦେଶକୁ ଲାଗୁ କରିବା ପାଇଁ ବିଜେତା ପକ୍ଷ କୋର୍ଟରେ ଏଭଳି ଆବେଦନ ଦାଏର କରିଥାନ୍ତି। ମୋଟ ଉପରେ କୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରି କରିବାକୁ ଏହି ପ୍ରକ୍ରିୟାର ଅଲମ୍ବନ କରାଯାଇଥାଏ। ଯଦି କୋର୍ଟଙ୍କ ଆଦେଶକୁ ବର୍ଷ ବର୍ଷ ଧରି ଲାଗୁ କରା ନଯାଏ, ତେବେ ଏଭଳି ରାୟ ବା ନିର୍ଦ୍ଦେଶର କୌଣସି ଅର୍ଥନାହିଁ ଓ ଏହା ନ୍ୟାୟ ବ୍ୟବସ୍ଥା ପ୍ରତି ଉପହାସ ସୃଷ୍ଟି କରୁଛି ବୋଲି ଏହି ଖଣ୍ଡପୀଠ କହିଛନ୍ତି। ଏପର୍ଯ୍ୟନ୍ତ ଦେଶରେ ୮, ୮୨, ୫୭୮ଟି ଏକ୍‌ଜିକ୍ୟୁଟିଭ୍ ପିଟିସନ୍ ପଡିରହିଛି। ୨୦୨୪ ମାର୍ଚ୍ଚ ପର୍ଯ୍ୟନ୍ତ ୩.୩୮ ଲକ୍ଷ ମାମଲାର ସମାଧାନ ହୋଇଛି। ସବୁ ଜିଲ୍ଲା କୋର୍ଟଙ୍କୁ ସ୍ପଷ୍ଟ ଦିଶା ନିର୍ଦ୍ଦେଶ ଦେବା ପାଇଁ ସୁପ୍ରିମକୋର୍ଟ ହାଇକୋର୍ଟଙ୍କୁ କହିଛନ୍ତି।

**ମିଳିଲାନି ଟିକଟ୍**

# କାନ୍ଦି କାନ୍ଦି ଗଡ଼ିଲେ ନେତା

ନୂଆଦିଲ୍ଲୀ, ୧୯।୧୦ (ଏଜେନ୍ସି): ବିହାରରେ ପ୍ରଥମ ପର୍ଯ୍ୟାୟ ମତଦାନକୁ ମାତ୍ର ୧୮ ଦିନ ବାକି ରହିଛି। ସୋମବାର ପୂର୍ବରୁ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବା ପାଇଁ କଣ୍ଟ ରହିଛି। କିନ୍ତୁ ଏ ପର୍ଯ୍ୟନ୍ତ ବିରୋଧୀଙ୍କ ମହାମେଣ୍ଟ 'ଇଣ୍ଡିଆ'ରେ ଆସନ ବୁଝାମଣା ହୋଇପାରୁ ନାହିଁ। ଏହାକୁ ନେଇ କଂଗ୍ରେସ ଏବଂ ଆରଜେଡି ଭିତରେ ଟଣା ଓଟରା ଜାରି ରହିଛି। ତେବେ ଦୁଇ ଦଳ ଅଲଗା ଅଲଗା ଭାବେ ପ୍ରାର୍ଥିଙ୍କୁ ଟିକଟ ଦେଇଛନ୍ତି। ଲାଲୁ ପ୍ରସାଦ ଯାଦବଙ୍କ ଆରେଜଡି ରବିବାର ସକାଳେ ପ୍ରଥମ ତାଲିକା ଜାରି କରି ୪୮ ଜଣଙ୍କୁ ଟିକଟ ଦେଇଛି। ରାଧୋପୁରରୁ ବିଜେପି ପ୍ରାର୍ଥୀ ସତୀଶ ଯାଦବଙ୍କ ସହ ବିରୋଧୀ ଦଳ ନେତା ତେଜସ୍ୱୀ ମୁକାବିଲା କରିବେ। ୨୦୧୦ ନିର୍ବାଚନରେ ତେଜସ୍ୱୀଙ୍କ ମାଆ ରାବ୍‌ଡ଼ି ଦେବୀଙ୍କୁ ସତୀଶ ହରାଇ ଥିଲେ। ଏହି ତାଲିକାରେ ୨୨ ଯାଦବ, ୩ ମୁସଲିମ ଭୂମିହାର-ବ୍ରାହ୍ମଣ ସମାଜର ୩ ଜଣ ସାମିଲ ଅଛନ୍ତି। ତେବେ ଔରଙ୍ଗାବାଦର ତିନି ବିଧାୟକଙ୍କ ଟିକଟ କଟିଯାଇଥିବାରୁ ତାଙ୍କ ସମର୍ଥକ ହଙ୍ଗାମା କରିଛନ୍ତି। ଅନ୍ୟପଟେ ଟିକଟ ପାଇ ନ ଥିବା ଆରଜେଡି ନେତା ମଦନ ଶାହା ରବିବାର ସକାଳେ ରାବ୍‌ଡି ଦେବୀଙ୍କ ବାସଭବନ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେ ନିଜ କୁର୍ତ୍ତା ଚିରି ରାସ୍ତାରେ ଗଡ଼ି ଗଡ଼ି ଏବଂ କାନ୍ଦି କାନ୍ଦି ନିଜ ଦୁଃଖ କହିଛନ୍ତି। ମଧୁବନ ଟିକଟ ଦେବା ପାଇଁ ସଞ୍ଜୟ ଯାଦବ ତାଙ୍କୁ ୨.୭୦ କୋଟି ଟଙ୍କା ମାଗିଥିଲେ ବୋଲି ଅଭିଯୋଗ କରିଛନ୍ତି।



# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 43 ◆ISSUE-114 ◆MONDAY ◆20 OCTOBER 2025 ◆PAGE-12 ◆₹ 6.00
◆ବର୍ଷ-୪୩ ◆ସଂଖ୍ୟା-୧୧୪ ◆ସୋମବାର ◆୨୦ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଗର୍ଭଗୃହରେ ଖସୁଛି ଗୋଡ଼
## ଶୁଣୁନି ଶ୍ରୀମନ୍ଦିର ପ୍ରଶାସନ



■ ପୁରୀ, ୧୯।୧୦ (ସମିସ): ଶ୍ରୀମନ୍ଦିର ଗର୍ଭଗୃହରେ ଗୋଡ଼ ଖସୁଛି। ଫଳରେ ବିଭିନ୍ନ ସମୟରେ ସେବାୟତମାନେ ପଡ଼ି ଯାଉଛନ୍ତି। ଏନେଇ ମନ୍ଦିର ପ୍ରଶାସନକୁ ଅବଗତ କଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଶେଷରେ

### ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବରିଷ୍ଠ ସେବାୟତ

ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ବରିଷ୍ଠ ସେବାୟତ ଇପ୍‌ସିତ ପ୍ରତିହାରୀ। ସେ ଦର୍ଶାଇଛନ୍ତି ଯେ ଶ୍ରୀମନ୍ଦିର ଭିତରକାଠରୁ ରତ୍ନସିଂହାସନ ପର୍ଯ୍ୟନ୍ତ ଖସଡ଼ା ଦିନକୁ ଦିନ ବଢ଼ିଚାଲିଛି। ଫଳରେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଶ୍ରୀମନ୍ଦିର ପ୍ରଶାସନ ଦୃଷ୍ଟିକୁ ଆଣିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଗତ ୧୩ତାରିଖରେ ମହାପ୍ରଭୁଙ୍କ ସେବା ଚାଲିଥିଲା। ପହୁଡ଼ ଆଳତି ବେଳେ ଏହି ଖସଡ଼ା ଯୋଗୁଁ ଜଣେ ସେବକଙ୍କ ଗୋଡ଼ ଖସିଯାଇଥିଲା। ସେ କଚାଡ଼ି ହୋଇ ତଳେ ପଡ଼ିଥିଲେ। ତାଙ୍କ ସହ ଧକ୍କା ହେବାରୁ ତାଙ୍କ ହାତରୁ ରୁପା ବଟା ଅନ୍ୟତ୍ର ଯାଇ ପଡ଼ିଥିଲା ବୋଲି କହିଛନ୍ତି ଇପ୍‌ସିତ। ସିଂହାସନଠାରୁ ଭିତରକାଠ ପର୍ଯ୍ୟନ୍ତ ଖସଡ଼ା ସଫା କରାଯାଉନାହିଁ, ଯେଉଁଥିପାଇଁ ଦୁର୍ଘଟଣା ଘଟୁଛି। ତେଣୁ, ଏ ଦିଗରେ ପଦକ୍ଷେପ ନେବା ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ସେ ଅନୁରୋଧ କରିଛନ୍ତି।

# ୧୮ ହଜାର ବୃତ୍ତି ପାଉଥିବା ଛାତ୍ରୀଙ୍କୁ ମିଳିବନି 'ସୁଭଦ୍ରା'

■ ଭୁବନେଶ୍ୱର, ୧୯।୧୦(ସମିସ): 'ସୁଭଦ୍ରା' ଯୋଜନାରେ ସହାୟତା ପାଉଥିବା ଛାତ୍ରୀଙ୍କ ଚିନ୍ତା ବଢ଼ିଲା। ବାର୍ଷିକ ୧୮ ହଜାର ଟଙ୍କା ଛାତ୍ରବୃତ୍ତି ପାଉଥିଲେ ସୁଭଦ୍ରା ସହାୟତା ମିଳିବ ନାହିଁ। ମହିଳା ଓ ଶିଶୁ ବିକଶ ବିଭାଗ ପକ୍ଷରୁ ସେମାନଙ୍କ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ଉଚ୍ଚଶିକ୍ଷା ବିଭାଗ ସହିତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଏବଂ ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗକୁ ଏନେଇ ଚିଠି ଲେଖାଯିବା ସହ ୧୮ ହଜାରରୁ ଅଧିକ ଟଙ୍କାର ସ୍କୋଲାରସିପ୍ ପାଉଥିବା ଛାତ୍ରୀଙ୍କ ତଥ୍ୟ ଦେବାକୁ କୁହାଯାଇଛି।

ବିଭାଗ ପକ୍ଷରୁ କରାଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି ଯେ, ସୁଭଦ୍ରା ନିୟମାବଳୀ ଅନୁଯାୟୀ ୨୧ରୁ ୬୦ ବର୍ଷର ମହିଳାଙ୍କୁ ସୁଭଦ୍ରା ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାରେ ବାର୍ଷିକ ୧୮ ହଜାର ବା ତା ଠାରୁ ଅଧିକ ଆର୍ଥିକ ସହାୟତା ପାଉଥିଲେ, ସେ ସୁଭଦ୍ରା ଯୋଜନାରୁ ବାଦ୍ ପଡ଼ିବେ। ଏନେଇ ବିଭାଗ ନିକଟର ବହୁ ଅଭିଯୋଗ ହୋଇଛି। ଏଣୁ ବର୍ଷକୁ ୧୮ ହଜାରରୁ ଅଧିକ ଟଙ୍କା ଛାତ୍ରବୃତ୍ତି ପାଉଥିବା ୨୧ ବର୍ଷରୁ ଅଧିକ ବୟସର ଛାତ୍ରୀମାନଙ୍କ ତଥ୍ୟ ପ୍ରଦାନ କରିବାକୁ କୁହାଯାଇଛି। ୨୦୨୩-୨୪ ଏବଂ ୨୦୨୪-୨୫ ଆର୍ଥିକ ବର୍ଷର ଏହି ତଥ୍ୟ ଯଥାଶୀଘ୍ର ପ୍ରଦାନ କରିବା ପାଇଁ ମହିଳା ଓ ଶିଶୁ ବିକଶ ବିଭାଗ ପକ୍ଷରୁ ଚିଠିରେ ଉଲ୍ଲେଖ କରାଯାଇଛି।

# ୪୭୧ ପଞ୍ଚାୟତ କାର୍ଯ୍ୟାଳୟର ଭୂମି ପୂଜନ କଲେ ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୧୯।୧୦ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଲୋକସେବା ଭବନରେ ଆଭାସୀ ମାଧ୍ୟମରେ ରାଜ୍ୟରେ ୪୭୧ଟି ପଞ୍ଚାୟତ କାର୍ଯ୍ୟାଳୟର ଭୂମି ପୂଜନ ଏବଂ ଅନ୍ତ୍ୟୋଦୟ ଗୃହ ଯୋଜନାର ପ୍ରଥମ କିସ୍ତି ବଣ୍ଟନ କରିଛନ୍ତି। ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲା ବ୍ୟତୀତ ରାଜ୍ୟର ୨୮ଟି ଜିଲ୍ଲାରେ ୪୭୧ଟି ପଞ୍ଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର

- ■ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରଥମ କିସ୍ତି ବଣ୍ଟନ
- ■ ୪୮,୬୯୩ ହିତାଧିକାରୀଙ୍କୁ ପ୍ରଥମ କିସ୍ତିର ୪୦ ହଜାର ଟଙ୍କା ପ୍ରଦାନ

ସ୍ଥାପନ କରାଯିବା ସହ ୪୮,୬୯୩ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରଥମ କିସ୍ତି ବାବଦରେ ୪୦ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ପଞ୍ଚାୟତଗୁଡ଼ିକୁ ଜନକଲ୍ୟାଣ ଓ ଲୋକସେବାର କେନ୍ଦ୍ର ଭାବେ ବିକଶିତ କରୁଛନ୍ତି। ପ୍ରତ୍ୟେକ ପଞ୍ଚାୟତ ଅଫିସ୍ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ୩୫ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ଏହି ପଞ୍ଚାୟତ କାର୍ଯ୍ୟାଳୟଗୁଡ଼ିକରେ ସରପଞ୍ଚ, ପଞ୍ଚାୟତ ଏକ୍‌ଜିକ୍ୟୁଟିଭ୍ ଅଫିସର୍, ଜୁନିଅର ଇଞ୍ଜିନିୟର୍, ଗ୍ରାମ ରୋଜଗାର ସେବକ ଓ ଆକାଉଣ୍ଟାଣ୍ଟ କମ୍ ଡାଟାଏଣ୍ଟ୍ରି ଅପରେଟର୍‌ମାନଙ୍କ ପାଇଁ ସ୍ୱତନ୍ତ୍ର ରୁମ୍ ରହିବ। ପଞ୍ଚାୟତର ସମସ୍ତ ସେବା ଗୋଟିଏ ଜାଗାରେ ହିଁ ମିଳିବ। ଏହି କାର୍ଯ୍ୟାଳୟଗୁଡ଼ିକ ୱାନ୍-ଷ୍ଟପ୍-ସର୍ଭିସ୍ ସେଣ୍ଟର୍ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।



ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୨୦୨୪-୨୫ରୁ ୨୦୨୭-୨୮ ଆର୍ଥିକ ବର୍ଷ ମଧ୍ୟରେ ୭,୫୫୦ କୋଟି ଟଙ୍କା ବ୍ୟୟବରାଦ ରଖାଯାଇଛି। ଏଥିରେ ୫ଲକ୍ଷ ଘର ନିର୍ମାଣ କରାଯିବ। ନୂଆପଡ଼ା, କଳାହାଣ୍ଡି ଜିଲ୍ଲାକୁ ଛାଡ଼ି ବାକି ୨୮ ଜିଲ୍ଲାର ୪୮ ହଜାର ୬୯୩ ହିତାଧିକାରୀଙ୍କୁ ପ୍ରଥମ କିସ୍ତିର ୪୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ସମୁଦାୟ ୧୯୪ କୋଟି ୭୭ ଲକ୍ଷ ୨୦ହଜାର ଟଙ୍କା ବଣ୍ଟନ କରାଯାଇଛି। ହିତାଧିକାରୀମାନଙ୍କୁ ଦ୍ୱିତୀୟ କିସ୍ତିରେ ୬୫ ହଜାର ଏବଂ ତୃତୀୟ କିସ୍ତିରେ ୧୫ ହଜାର ଟଙ୍କା; ଏହିପରି ସମୁଦାୟ ୧ ଲକ୍ଷ ୨୦ ହଜାର ଟଙ୍କା ଦିଆଯିବ ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ଯେଉଁ ହିତାଧିକାରୀମାନେ ୪ ମାସ ମଧ୍ୟରେ ଘର ଶେଷ କରିବେ, ସେମାନଙ୍କୁ ୨୦ହଜାର ଟଙ୍କା ଏବଂ ଯେଉଁମାନେ ୬ ମାସରେ ଘର ଶେଷ କରିବେ, ସେମାନଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ଦିଆଯିବ। ସମସ୍ତ ହିତାଧିକାରୀଙ୍କୁ ଆଇଏପି ବା ସମନ୍ୱିତ କାର୍ଯ୍ୟ ଯୋଜନା ଜିଲ୍ଲାରେ ମନରେଗା କାର୍ଯ୍ୟକ୍ରମରେ ୯୫ ଦିନର ମଜୁରି ଏବଂ ଅଣ-ଆଇଏପି ଜିଲ୍ଲାରେ ୯୦ ଦିନର ମଜୁରି ମଧ୍ୟ ଦିଆଯାଉଛି। ଏହାସହ ହିତାଧିକାରୀଙ୍କୁ ଶୌଚାଳୟ, ପାଇପ ପାଣି ଆଦି ଅନ୍ୟାନ୍ୟ ମୌଳିକ ସୁବିଧା ମଧ୍ୟ ଦିଆଯାଉଛି। ଏହି ଅନ୍ତ୍ୟୋଦୟ ଗୃହ ଯୋଜନା ଗରିବ, ଅନଗ୍ରସର ତଥା ଅସହାୟ ପରିବାରମାନଙ୍କ ପାଇଁ ଏକ ସୁରକ୍ଷିତ ଓ ସ୍ଥାୟୀ ଆଶ୍ରୟସ୍ଥଳ ନିର୍ମାଣ କରିବାରେ ସହାୟକ ହେବ।

କାର୍ଯ୍ୟକ୍ରମରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ନିର୍ଦ୍ଦେଶକ ଭିନିତ ଭରଦ୍ୱାଜ ଏବଂ ଆଭାସୀ ମାଧ୍ୟମରେ ୨୮ଟି ଜିଲ୍ଲାରେ ମନ୍ତ୍ରୀ, ସାଂସଦ, ବିଧାୟକ, ପଞ୍ଚାୟତିରାଜ ପ୍ରତିନିଧିଙ୍କ ସମେତ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ।

**ଡଙ୍ଗାରେ ଯାନ୍ତ୍ରିକ ତ୍ରୁଟି**

# ମଝି ଚିଲିକାରେ ଘଣ୍ଟାଏ ଫସିଲେ ୪୦ ଯାତ୍ରୀ

■ ବ୍ରହ୍ମଗିରି, ୧୯।୧୦(ସମିସ): ତୀର୍ଥକ୍ଷେତ୍ର ପୁରୀ ତଥା କୃଷ୍ଣପ୍ରସାଦ ବ୍ଲକ୍‌ର ମୁଖ୍ୟ କାର୍ଯ୍ୟାଳୟକୁ ଯିବା ପାଇଁ ପ୍ରତିଦିନ ଶହଶହ ଯାତ୍ରୀ ଚିଲିକା ମଧ୍ୟରେ ବିପଜ୍ଜନକ ଯାତ୍ରା କରିଥା'ନ୍ତି। ପ୍ରତିଦିନ ଭଳି ରବିବାର ଅପରାହ୍ଣ ସମୟରେ ସାତପଡ଼ାରୁ ଏକ ଯାତ୍ରୀବାହୀ ଡଙ୍ଗା ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଏବଂ ୧୫ରୁ ଅଧିକ ବାଇକ୍ ନେଇ ଜହ୍ନିକୁଦା ଅଭିମୁଖେ ଆସୁଥିବା ବେଳେ ମଝି ଚିଲିକାରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଡଙ୍ଗା ଚାଳକ ବହୁ ଚେଷ୍ଟା କରିବା ସତ୍ତ୍ୱେ ମୋଟର ନ ଚାଲିବା ଯୋଗୁଁ ଡଙ୍ଗାଟି ମହିଁଷା ନିକଟ ମଝି ଚିଲିକାରେ ଅଟକିଥିଲା। ଡଙ୍ଗା ଚିଲିକା ମଧ୍ୟରେ ଅଟକିବା ଯୋଗୁଁ ଯାତ୍ରୀମାନେ ହୋ-ହାଲ୍ଲା ସହ ଚିତ୍କାର କରିଥିଲେ। ଯାତ୍ରୀମାନେ ୧ଘଣ୍ଟାରୁ ଅଧିକ ସମୟ ଜଳବନ୍ଦୀ ପରେ ଅନ୍ୟ ଏକ ଡଙ୍ଗା ସହାୟତାରେ ଜହ୍ନିକୁଦା ଜେଟି କୂଳରେ ପହଞ୍ଚିଥିଲେ। ଚିଲିକାର ଏହି ରାସ୍ତାରେ କେବେ ଭସାପୋଲ ତ କେବେ ଡଙ୍ଗା, ଏହିଭଳି ଦୁର୍ଘଟଣା ଘଟିବା ନିତିଦିନିଆ ଘଟଣା ହୋଇଯାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି।



**ବହୁ ଗହୀରକୁ ଲମ୍ବିଛି ସେକ୍ସ ରାକେଟ ଚେର**

# ଘର ତାଲା ଭାଙ୍ଗି ଫୋରେନ୍‌ସିକ୍ ଟିମ୍‌ର ଯାଞ୍ଚ

■ ଭୁବନେଶ୍ୱର,୧୯।୧୦(ସମିସ): ରାଜଧାନୀରେ ଦିନକ ତଳେ ଠାବ ହୋଇଥିବା ସେକ୍ସ ରାକେଟ୍ ସମ୍ପର୍କରେ ତଦନ୍ତକୁ ତ୍ୱରାନ୍ୱିତ କରିଛି ପୁଲିସ। ତାଲା ପଡିଥିବାରୁ ପୁଲିସ ଆଜି ଘର ତାଲା ଭାଙ୍ଗି ଯାଞ୍ଚ ଆରମ୍ଭ କରିଛି। ସେହିପରି ଫୋରେନସିକ୍ ଟିମ୍ ମଧ୍ୟ ଉକ୍ତ ଘରେ ଅନୁସନ୍ଧାନ କରିବା ସହ ଏକାଧିକ ନମୁନା ସଂଗ୍ରହ କରିଛି। ଦୁଷ୍କର୍ମ ପୀଡ଼ିତା ନାବାଳିକାଙ୍କ ଘରର ଠିକଣା ଖୋଜିବା ସହ ବିଭିନ୍ନ ସୂତ୍ରକୁ ପୁଲିସ ଅନୁଧ୍ୟାନ କରିଛି।

ଗତ ୧୬ ତାରିଖ ରାତିରେ ଜଣେ ମହିଳା ଏକ ଅଟୋରେ ଜଣେ ନାବାଳିକାଙ୍କୁ ଆଣି କ୍ୟାପିଟାଲ ହସପିଟାଲରେ ଭର୍ତ୍ତି କରିଥିଲେ। ତାଙ୍କ ଜନନେନ୍ଦ୍ରୀୟରୁ ପ୍ରବଳ ରକ୍ତସ୍ରାବ

### ଦୁଷ୍କର୍ମ ପୀଡ଼ିତାଙ୍କୁ ଭେଟିଲେ ମହିଳା କମିଶନ

ହେଉଥିବାରୁ ଗଣଦୁଷ୍କର୍ମ ସନ୍ଦେହରେ ଡ୍ୟୁଟିରେ ଥିବା ଡାକ୍ତର ନାବାଳିକାଙ୍କ ସାଙ୍ଗରେ ଥିବା ମହିଳାଙ୍କୁ ପଚରାଉଚରା କରିଥିଲେ। ମାତ୍ର ମହିଳାଜଣକ ଚତୁରତାର ସହ ସେଠାରୁ ଚମ୍ପଟ ମାରିଥିଲେ। ତେଣୁ ଡାକ୍ତର ତୁରନ୍ତ କ୍ୟାପିଟାଲ୍ ହସ୍ପିଟାଲ୍ ଫାଣ୍ଡିକୁ ଏମ୍‌ଏଲ୍ସି(ମେଡିକୋ ଲିଗାଲ୍ କେସ୍) ରିପୋର୍ଟ ଦେଇଥିଲେ। ସେପଟେ ନାବାଳିକାଙ୍କ ଅବସ୍ଥା ବିଗିଡ଼ିବା ଦେଖି ଡାକ୍ତର ତାଙ୍କୁ ଆଇସିୟୁକୁ ସ୍ଥାନାନ୍ତର କରିଥିଲେ। କ୍ୟାପିଟାଲ୍ ଥାନା ପୁଲିସ ପହଞ୍ଚି ସିସିଟିଭି ଯାଞ୍ଚ କରିଥିଲା। ସିସିଟିଭି ଫୁଟେଜରୁ ମହିଳାଜଣକ ଏକ ଅଟୋ ଯୋଗେ ପଳାଇଥିବା ଜଣାପଡ଼ିଥିଲା। ପୁଲିସ ଅଟୋ ନମ୍ବରକୁ ପିଛା କରିଥିଲା ଏବଂ ଗତକାଲି ରାତିରେ ତାକୁ ଠାବ କରିବା ପରେ ସେ ମହିଳାଙ୍କ ସମ୍ପର୍କରେ ସୂଚନା ଦେଇଥିଲା। ଅନ୍‌ଲାଇନରେ ଯାତ୍ରୀ ସେବା ଯୋଗାଉଥିବା ଅଟୋଚାଳକଙ୍କ ସୂଚନାନୁସାରେ ମହିଳାଜଣକ ଲକ୍ଷ୍ମୀସାଗରରୁ ବୁକିଂ କରିଥିଲେ ବୋଲି ଜଣାପଡ଼ିଥିଲା। ତେଣୁ ପୁଲିସ ବୁକିଂ କରାଯାଇଥିବା ମୋବାଇଲ୍ ନମ୍ବରକୁ ଟ୍ରାକ୍ କରି ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଚାଲିଥିବା ସେକ୍ସ ରାକେଟ୍‌ରେ ଚଢଉ କରିଥିଲା। ଚଢଉରେ ୩ଜଣ ନାବାଳିକା ସହ ୪ଜଣଙ୍କୁ ଗିରଫ କରିଥିଲା ପୁଲିସ।

ଏହି ଘଟଣା ପଛରେ ଆନ୍ତଃରାଜ୍ୟ ସେକ୍ସ ରାକେଟ୍‌ର ସମ୍ପୃକ୍ତି ଥିବା ପୁଲିସ ସନ୍ଦେହ କରୁଛି। ତେଣୁ ଘଟଣାରେ ସମ୍ପୃକ୍ତ ଦୁଇ ମହିଳାଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରିବ ବୋଲି ପୁଲିସ ସୂଚନା ଦେଇଛି। କେବଳ ଏହି ଗୋଟିଏ ରାକେଟ୍ ନୁହେଁ ରାଜଧାନୀରେ ଏହିଭଳି ଏକାଧିକ ବାହାର ରାଜ୍ୟର ନାବାଳିକାଙ୍କୁ ସେକ୍ସ ରାକେଟରେ ବ୍ୟବହାର କରାଯାଉଛି। ଅନ୍ୟପକ୍ଷରେ ମହିଳା କମିଶନ ଶୋଭନା ମହାନ୍ତ ମଧ୍ୟ ସେକ୍ସ ରାକେଟ ଠାବ ହୋଇଥିବା ଘର ଏବଂ



ଲକ୍ଷ୍ମୀସାଗର ଥାନା ଯାଇ ଅନୁର୍ଦ୍ଧାନ କରିଛନ୍ତି। ଏହି ଘଟଣାରେ ଅନ୍ୟତମ ଅଂଶୀଦାର କୁହାଯାଉଥିବା ବାରିକ ବାବୁ ଓ ମଞ୍ଜୁ ସେଠୀଙ୍କ ହ୍ୱାଇଁ ଫେରାର ଥିବା କୁହାଯାଉଛି। ତେଣୁ ସେହି ବାରିକ ବାବୁ କିଏ, ତାଙ୍କର ପରିଚୟ କ'ଣ ଓ ସେ କାହା ପାଇଁ ଅନ୍ୟ ରାଜ୍ୟରୁ ଝିଅମାନଙ୍କୁ ଆମଦାନୀ କରୁଥିଲେ ତାହାର ଅନୁସନ୍ଧାନ ଚାଲିଛି।

ଅନ୍ୟପଟରେ ଏହି ମାମଲାରେ ପୀଡ଼ିତାଙ୍କୁ ଆଜି ଅପରାହ୍ନରେ ମହିଳା କମିସନର ସଦସ୍ୟ ଉର୍ମିଳା ମହାପାତ୍ର ଭେଟିଛନ୍ତି। ସମ୍ପୃକ୍ତ ନାବାଳିକାଙ୍କୁ ଭେଟିବା ପରେ ସେ କହିଛନ୍ତି ଯେ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ପୂର୍ବ ଅପେକ୍ଷା ସୁଧାର ଆସିଛି। ହସ୍ପିଟାଲରୁ ସେ କେବେ ଡ଼ିସଚାର୍ଜ ହେବେ ତାହା ଡାକ୍ତର କହିବେ। ଘଟଣା ସମ୍ପର୍କରେ ଥାନା ଅଧିକାରୀ ଏବଂ ତଦନ୍ତ ଅଧିକାରୀଙ୍କ ସହ ଆଲୋଚନା କରିଛୁ। ଏହି ଘଟଣା ପଛରେ କେଉଁ ରାକେଟ ରହିଛି ତାହା ନିଶ୍ଚୟ ଜଣାପଡ଼ିବ। ଦୋଷୀ ନିଶ୍ଚୟ ଦଣ୍ଡ ପାଇବ।






● ଧର୍ମଶାଳା ମହାବିଦ୍ୟାଳୟରେ ଛାତ୍ର ଅଶାନ୍ତି

## ଛାତ୍ରଙ୍କୁ ଅଣଛାତ୍ରଙ୍କ ଆକ୍ରମଣ

**ଧର୍ମଶାଳା,୧୯।୧୦(ସମିସ):** ଧର୍ମଶାଳା ମହାବିଦ୍ୟାଳୟରେ ଦିନକୁ ଦିନକୁ ଅଣଛାତ୍ରଙ୍କ ଦାଦାଗିରି ବଢ଼ିବାରେ ଲାଗିଛି। ସେମାନଙ୍କୁ ରୋକିବାରେ କଲେଜ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ଯାହାର ପରିଣାମ ସ୍ୱରୂପ ଗତକାଲି ମଧ୍ୟାହ୍ନରେ ୨ଜଣ ଅଣଛାତ୍ର କଲେଜ ଭିତରେ ବାଇକ୍ ନେଇ ପଶି କେତେଜଣ କଲେଜ ଛାତ୍ରଙ୍କୁ ପିଟି ମୁଣ୍ଡ ଫଟାଇ ଲହୁଲୁହାଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ନାକପୋଲ ଗ୍ରାମର ଚୋରା ଧନେଶ୍ୱର ଦାସ (ପଲୁଆ)ଙ୍କ ପୁଅ ନାଗେଶ୍ୱର ଦାସ (କୁଲୁଆ) ଓ ତାର ସାଙ୍ଗ କଲେଜ ଭିତରେ ପଶି ଯୁକ୍ତ ୩ ଛାତ୍ର ସ୍ୱାଧୀନ ସ୍ୱାଇଁ ଓ ଅନ୍ୟ ଛାତ୍ର ମାନଙ୍କୁ ମାଡ଼ ମାରିଥିଲେ। ସ୍ୱାଧୀନ ମୁଣ୍ଡରେ ଆଘାତ ଲାଗିବା ଫଳରେ ମୁଣ୍ଡ ଫାଟିବା ସହିତ ଗୁରୁତର ଆହତ ହୋଇଛନ୍ତି। ଏ ସଂକ୍ରାନ୍ତରେ କଲେଜ ପକ୍ଷରୁ ଅଧ୍ୟକ୍ଷ ସ୍ୱରୂପାନନ୍ଦ ପଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ୬୫୮/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ଅଣ ଛାତ୍ର ୨ଜଣ ଫେରାର ହୋଇଯାଇଥିବା ଥାନା ଅଧିକାରୀ ତପନ କୁମାର ମାଝୀ ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ମାଝୀ କହିଛନ୍ତି। ଅନ୍ୟପଟେ ଯଦି ଅଭିଯୁକ୍ତଙ୍କୁ ଗିରଫ କରା ନ ଯାଏ ତେବେ ଧର୍ମଶାଳାରେ ଛାତ୍ର ଆନ୍ଦୋଳନ ତେଜିବ ଏଥିରେ ସନ୍ଦେହ ନାହିଁ।

ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

## ଗୋଟିଏ ରାତିରେ ସିରିଜ୍ ଚୋରି

**ବାଲିଚନ୍ଦ୍ରପୁର,୧୯।୧୦(ସମିସ)**

ବାଲିଚନ୍ଦ୍ରପୁର ବଜାରର ପତରାଜପୁର ଅଞ୍ଚଳରେ ଗୋଟିଏ ରାତିରେ ୩ଟି ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଥାନାଠାରୁ ମାତ୍ର ୫ ଶହ ମିଟର ଦୂରରେ ଥିବା ଏହି ଅଞ୍ଚଳରେ ଗୋଟିଏ ରାତିରେ ଏମିତି ଚୋରି ହେବା ନେଇ ନାନା ସନ୍ଦେହ ସୃଷ୍ଟି ହୋଇଛି। ଏ ନେଇ ରାତିରେ ଥାନାଧିକାରୀଙ୍କ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ 'ରାତି ପାଉ ଦେଖିବା' କହି ଫୋନ୍ କାଟିନେଇଥିଲେ। ତେବେ ସକାଳେ ଗଣମଧ୍ୟମ ପ୍ରତିନିଧିମାନେ ଏସ୍‌ଡିପିଓଙ୍କୁ ଖବର ଦେବାକୁ ତଦନ୍ତ ଆରମ୍ଭ ହୋଇଥିଲା।

ଖବର ଅନୁସାରେ ପତରାଜପୁର ଅଞ୍ଚଳରେ ବସବାସ କରୁଥିବା ବାଲିଚନ୍ଦ୍ରପୁର ପଲ୍ଲିଶ୍ରୀ ଯୁକ୍ତ ୨ ମହିଳା ବିଦ୍ୟାଳୟର ଅଧ୍ୟକ୍ଷା ମାମି ବଳବନ୍ତରାୟ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାମଲ ଓ

### ୫ ଘଣ୍ଟା ପରେ ପହଞ୍ଚିଲା ପୁଲିସ

ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୁଷମାରାଣୀ ସାମଲ ଏବଂ ମହେଶ୍ୱର ନାମକ ଜୈନିକ ବ୍ୟବସାୟୀଙ୍କ ଘରୁ ଶନିବାର ରାତିରେ ଦୁର୍ବୃତ୍ତମାନେ ପଶି ଲୁଟପାଟ କରିଛନ୍ତି। ଏହି ଖବର ପାଇ ସକାଳୁ ଗଣମାଧ୍ୟମ ପ୍ରତିନିଧିମାନେ ପହଞ୍ଚି ଥାନା ବାବୁଙ୍କ ସହ ଫୋନରେ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ ଉଠାଇନଥିଲେ। ପରବର୍ତ୍ତି ପର୍ଯ୍ୟାୟରେ ଏସ୍‌ଡିପିଓଙ୍କୁ ଲକ୍ଷ୍ମୀଧର ସ୍ୱାଇଁଙ୍କୁ ଅବଗତ କଲା ପରେ ତାଙ୍କ ହସ୍ତକ୍ଷେପ ପରେ ବାଲିଚନ୍ଦ୍ରପୁର ପୁଲିସର ନିଦ ଭାଙ୍ଗିଥିଲା।



୫ ଘଣ୍ଟା ପରେ ଜଣେ ଏଏସ୍‌ଆଇ ଓ ତିନି ଜଣ କର୍ମଚାରୀଙ୍କୁ ତଦନ୍ତ କରିବାକୁ ପଠାଯାଇଥିଲା। ବିଳମ୍ବରେ ହେଲେ ମଧ୍ୟ ଥାନାଧିକାରୀ ପହଞ୍ଚି ଘଟଣାସ୍ଥଳର ପରିସ୍ଥିତି ଅନୁଧ୍ୟାନ କରି କୌଣସି ଜିନିଷପତ୍ରରେ ହାତ ନମାରିବାକୁ ପରାମର୍ଶ ଦେଇ ଆସନ୍ତାକାଲି ଅର୍ଥାତ୍ ଚୋରିର ଦୁଇ ଦିନ ପରେ ସାଇଣ୍ଟିଫିକ୍ ଟିମ ଓ ସନ୍ଧାନି କୁକୁର ଆସିବ ବୋଲି କହିକି ଚାଲିଯାଇଥିଲେ। ଏ ନେଇ ମାମି ବଳବନ୍ତରାୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ ତାଙ୍କ ଘରୁ ୨୦ ଗ୍ରାମର ସୁନା ଗହଣା, ନଗଦ ୧୦ ହଜାର ଟଙ୍କା ଓ କଲେଜର କିଛି ଆବଶ୍ୟକୀୟ କାଗଜପତ୍ର ଲୁଟ୍ ହୋଇଥିବା ନେଇ ସେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ଥାନା ପକ୍ଷରୁ ୩୨୧/୨୫ରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଥିବା ଥାନାଧିକାରୀ ସମରଜିତ୍ ନାୟକ ସୂଚନା ଦେଇଛନ୍ତି। ପ୍ରକାଶ ଥାଉ କି ବାଲିଚନ୍ଦ୍ରପୁର ଅଞ୍ଚଳରେ ଦିନକୁ ଦିନ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ନିକଟରେ ସାହାସପୁର କଲେଜରୁ ଚୋରି ହେବା, ମହିଳାଙ୍କ ଠାରୁ ପଟାମୁଣ୍ଡାଇ କେନାଲ ବନ୍ଧରୁ ବିଭିନ୍ନ ସ୍ଥାନରୁ ଲୁଟ ହେବା। ନିଶା ବେପାରିଙ୍କ ଦୌରାତ୍ମ୍ୟ ଭଳି ଘଟଣା ମାନ ଘଟିଚାଲିଛି। ଥାନାରେ ବିଭିନ୍ନ ସମୟରେ ମାମଲା ରୁଜୁ ହୋଇଥିଲେ ମଧ୍ୟ ପୁଲିସ କୌଣସି ଗୋଟିଏ ହେଲେ କେଶରେ ସଫଳତା ପାଇନାହିଁ। ଏପରିକି ଥାନାଧିକାରୀଙ୍କ ମନମାନି ନେଇ ବଡ଼ଚଣା କଂଗ୍ରେସ ଦଳ ଓ ବିଜୁ ଜନତା ଦଳ ପକ୍ଷରୁ ଦୁଇ ଥର ଥାନା ଘେରଉ ମଧ୍ୟ କରିଛି। କିନ୍ତୁ ପୁଲିସ୍‌ର ନିଦ ଭାଙ୍ଗୁନି।

## ଧର୍ମଶାଳା-କବାଟବନ୍ଧ ରାସ୍ତା ଅବସ୍ଥା ଶୋଚନୀୟ

**ଧର୍ମଶାଳା,୧୯।୧୦(ସମିସ):** ଧର୍ମଶାଳା-କବାଟବନ୍ଧ ନଦୀବନ୍ଧ ପୂର୍ତ୍ତ ବିଭାଗ ରାସ୍ତାଟି ଏବେ ଶୋଚନୀୟ ହୋଇପଡିଛି। ମରାମତି ଅଭାବରୁ ଏହି ରାସ୍ତାଟି ଖାଲଖମାରେ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳିଛି। ରାସ୍ତାର ଗୁରୁତ୍ୱ ଦୃଷ୍ଟିରୁ ବିଭାଗ ପକ୍ଷରୁ ରାସ୍ତାକୁ ମରାମତି କରାଯାଉନାହିଁ। ଫଳରେ ରାସ୍ତାର ଅନେକ ସ୍ଥାନରେ ଖାଲଖମା ସୃଷ୍ଟି ହେବା ସହିତ କିଛି ଜାଗାରେ ଗର୍ତ୍ତ ସୃଷ୍ଟି ହୋଇଗଲାଣି। ଫଳରେ ଦୈନନ୍ଦିନ ଦୁର୍ଘଟଣା ଘଟୁଥିବା ସୂଚନା ମିଳୁଛି। ଧର୍ମଶାଳା ନିର୍ବାଚନମଣ୍ଡଳୀର ଏହା ଏକ ପ୍ରମୁଖ ରାସ୍ତା ହୋଇଥିବାରୁ ଏହାକୁ ତୁରନ୍ତ ମରାମତି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



ସୂଚନା ମୁତାବକ, ଧର୍ମଶାଳା ବ୍ଲକ ଶାନ୍ତିବଜାର ଠାରୁ କବାଟବନ୍ଧ ପର୍ଯ୍ୟନ୍ତ ଲମ୍ବିଥିବା ୨୬ କିମି ପୂର୍ତ୍ତ ବିଭାଗ ରାସ୍ତା ଚଳାଚଳ ପାଇଁ ଉଭୟ ପାର୍ଶ୍ୱରୁ ଗୁରୁତ୍ୱ ବହନ କରେ। ଏହି ରାସ୍ତା ଉପରେ ଦୈନନ୍ଦିନ ହଜାର ହଜାର ଲୋକ ଯାତାୟାତ କରିଥାଆନ୍ତି। ଯାଜପୁରର ପଡ଼ୋଶୀ ଜିଲ୍ଲା ଢେଙ୍କାନାଳକୁ ରାସ୍ତାଟି ସଂଯୋଗ କରିଥିବାରୁ ପ୍ରତିଦିନ ଅନେକ ଗାଡ଼ି ମୋଟର, କାର୍, ବାଇକ୍ ଯାତାୟାତ କରିଥାଏ। ଏବେ ରାସ୍ତାଟି ବ୍ୟସ୍ତ ବହୁଳ ରାସ୍ତାରେ ପରିଣତ ହୋଇଛି। ଅନେକ ସମୟରେ ଉକ୍ତ ରାସ୍ତାର କବାଟବନ୍ଧ ବଜାରରେ ଟ୍ରାଫିକ ସମସ୍ୟା ଦେଖାଦେଇଥାଏ। ବ୍ୟବସାୟୀ ମାନେ ରାସ୍ତା ଉପରେ ଦୋକାନ ସାମଗ୍ରୀ ରଖୁଥିବାରୁ ରାସ୍ତାଟି ଜାମ ରହିଥାଏ। ଜରୁରୀକାଳୀନ ସେବା ଯୋଗାଉଥିବା ଆମ୍ବୁଲାନ୍ସ ମଧ୍ୟ ଏଠାରେ ଫସି ରହିଥାଏ ନଜିର ରହିଛି। ବ୍ରାହ୍ମଣୀ ନଦୀ ବନ୍ଧ ରାସ୍ତାକୁ ଚଉଡ଼ା କରିବାକୁ ବିଭାଗ ନିକଟରେ ଦାବି ହୋଇଛି। ଏଦିଗରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ଲୋକେ ଅବଗତ କରିଛନ୍ତି। ହେଲେ ବିଭାଗ ରାସ୍ତା ମରାମତି କାର୍ଯ୍ୟକୁ ସେତେଟା ଗୁରୁତ୍ୱ ଦେଉନଥିବା ଅଭିଯୋଗ ହୋଇଛି। ବ୍ଲକର ଅଧା ପଞ୍ଚାୟତର ଲୋକମାନେ ଏହି ରାସ୍ତାରେ ଯାତାୟାତ କରିଥାନ୍ତି। ସେମାନେ ବିଭିନ୍ନ କାର୍ଯ୍ୟରେ ଜାରକା ଆସିବା ସହିତ ଜିଲ୍ଲା ମହକୁମାକୁ ଯାଇଥାନ୍ତି। ସେହିପରି ଧର୍ମଶାଳା, ବରୀ ଓ ବଡ଼ଚଣା ବ୍ଲକରୁ ଏହି ରାସ୍ତା ଦେଇ କଳିଙ୍ଗ ନଗର ଯାଇଥାନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ଗମନାଗମନ କ୍ଷେତ୍ରରେ ସୁଧାର ଆଣିବା ପାଇଁ ବିଭିନ୍ନ ରାସ୍ତାକୁ ପ୍ରଶସ୍ତୀକରଣ ଓ ନବୀକରଣ କରୁଛନ୍ତି। ନଦୀ ବନ୍ଧ ଓ କେନାଲ ରାସ୍ତାକୁ ପ୍ରଶସ୍ତୀକରଣ କରିବା ସହିତ ବିଭିନ୍ନ ସ୍ଥାନକୁ ସଂଯୋଗ କରିଛନ୍ତି। ମାତ୍ର ଏଠାରେ ପୂର୍ତ୍ତ ବିଭାଗ ଯନ୍ତ୍ରୀମାନେ ଗୁରୁତ୍ୱ ବହନ କରୁଥିବା ରାସ୍ତାର ଉନ୍ନତ ମାନର ମରାମତି କରିବା ପରିବର୍ତ୍ତେ ଠିକାଦାର ସହିତ ସଲାସୁତାର କରି ରାସ୍ତା କାର୍ଯ୍ୟ ନିମ୍ନମାନର କରି ଅଧେ ଅଧେ ବଣ୍ଟି ନେଉଥିବା ଅଭିଯୋଗ ହୋଇଛି। ସେଥିପାଇଁ ରାସ୍ତା ମରାମତି ମାସେ ନ ପୁରୁନୁ ରାସ୍ତାରେ ଖାଲଖମା ସୃଷ୍ଟି ହେଉଛି। କେବଳ ମରାମତି ପାଇଁ ଆସୁଥିବା ଅର୍ଥ ଅସାଧୁ ଠିକାଦାର ଓ ଯନ୍ତ୍ରୀଙ୍କ ପକେଟକୁ ଯାଉଛି ବୋଲି ସ୍ଥାନୀୟ ଲୋକମାନ କହିଛନ୍ତି। ବ୍ରାହ୍ମଣୀ ନଦୀ ବନ୍ଧ ଓ ହାଇ ଲେବଲ କେନାଲ ରାସ୍ତା ଯାହା କି ଧର୍ମଶାଳା- କବାଟବନ୍ଧ ରାସ୍ତା ନାମରେ ନାମିତ। ଉକ୍ତ ରାସ୍ତାର ଗୁରୁତ୍ୱକୁ ଲକ୍ଷ୍ୟ କରି ରାସ୍ତାକୁ ତୁରନ୍ତ ମରାମତି କରିବା ସହ ପ୍ରଶସ୍ତୀକରଣ କରିବାକୁ ବିଭାଗ ନିକଟରେ ଦାବି ହେଉଛି।

## ନିର୍ମାଣାଧୀନ ଘରୁ ଚୋରି

**ପାଣିକୋଇଲି, ୧୯।୧୦ (ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ମାଳଆନନ୍ଦପୁର ପଞ୍ଚାୟତ ବାଲିପଶି ଗ୍ରାମର ଏକ ନିର୍ମାଣାଧୀନ ଘରୁ ଶନିବାର ବିଳମ୍ବିତ ରାତ୍ରୀରେ ଚୋରି ହେବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ପ୍ରକାଶଯେ ବାଲିପଶି ଗ୍ରାମର ଫକିର ପଲେଇଙ୍କ ପୁଅ ଭାଗବତ ପଲେଇ ବାଲିପଶି କରଦା ରାସ୍ତା କଡ଼ରେ ଏକ ନୂତନ ଗୃହ ନିର୍ମାଣ କରୁଛନ୍ତି। ଶନିବାର ରାତି ୧୧ଟା ବେଳେ ଉକ୍ତ ଗୃହର ଗ୍ରୀଲ ଚାବି ଦେଇ ଘରକୁ ଯାଇଥିଲେ। ହେଲେ କେହି ଦୁର୍ବୃତ୍ତ ବିଳମ୍ବିତ ରାତ୍ରୀରେ ଚୋରି କରିଛି। ଆଜି ସକାଳୁ ଆସି ଦେଖିବା ବେଳକୁ ଗ୍ରୀଲ ଭଙ୍ଗାଯାଇ ଘର ମଧ୍ୟରେ ଥିବା ପାଣିମଟର, ଷ୍ଟାଣ୍ଡ ଫ୍ୟାନ, ପାଣିଡ୍ରମ, ଏକ ବଡ଼ ହାଣ୍ଡି, ୨ଟି କଡ଼େଇ, ୧ଟି ଚେୟାର, ୨ଟି ପିତ୍ତଳ ନୋଟା, କୋଦାଳ, ପାଣିଜଗ, ଗାଡି ଜଗ୍ ଇତ୍ୟାଦି ଚୋରି ହୋଇଯାଇଛି। ଭାଗବତ ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

## ୧୮ ଲିଟର ଦେଶୀ ମଦ ଜବତ; ୨ ଗିରଫ

**ପାଣିକୋଇଲ,୧୯।୧୦(ସମିସ):** ପାଣିକୋଇଲି ପୁଲିସ ଦୁଇ ଜଣ ଚୋରା ଦେଶୀ ମଦ ବେପାରୀଙ୍କ ଠାରୁ ୧୮ ଲିଟର ଦେଶୀ ମଦ ଜବତ କରିବା ସହ ଆଜି ଉଭୟଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି। ପ୍ରକାଶଯେ ଶନିବାର ପାଣିକୋଇଲି ପୁଲିସ ସନ୍ଧ୍ୟା ପାଟ୍ରୋଲିଂ ସମୟରେ ଚୋରା ଦେଶୀ ମଦ ବେପାରର ଖବର ପାଇଥିଲା। ଥାନାଧିକାରୀ ରଞ୍ଜିତ କୁମାର ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ସବଇନ୍ସପେକ୍ଟର ପ୍ରଶାନ୍ତ କୁମାର ଦାଶ ସଦଳବଳେ ଚଢ଼ଉ କରିଥିଲେ। ଯାଜପୁର ବ୍ଲକ ମାଳଆନନ୍ଦପୁର ପଞ୍ଚାୟତ ବାଲିପଶି ଗ୍ରାମରେ ଚଢ଼ଉ କରିବା ବେଳେ ସେହି ଗ୍ରାମର କୃଷ୍ଣଚନ୍ଦ୍ର ସାହୁଙ୍କ ପୁଅ ନବଘନ ସାହୁ(୫୨)ଙ୍କୁ ଧରିବାରୁ ତା' ନିକଟରୁ ୧୦ ଲିଟର (୫୦ ବୋତଲ) ଦେଶୀମଦ ଜବତ କରି ଥାନାକୁ ଆଣିଥିଲେ। ସେହିପରି ପାଣିକୋଇଲି ପଞ୍ଚାୟତ ମଣିପୁର ଗ୍ରାମର ଭିକାରୀ ବେହେରାଙ୍କ ପୁଅ ସୁଶାନ୍ତ ବେହରା(୪୦)କୁ ଧରିବା ପରେ ତା' ନିକଟରୁ ୮ ଲିଟର (୪୦ ବେତଲ) ଦେଶୀ ମଦ ଜବତ କରି ଥାନାକୁ ଆଣିଥିଲେ। ଏନେଇ ଦୁଇଟି ମାମଲା ୩୩୯/୨୫ ଓ ୩୪୦/୨୫ ରୁଜୁ କରାଯାଇ ଆଜି ନବଘନ ଓ ସୁଶାନ୍ତକୁ ୫୨(ଏ) ଓଡିଶା ଅବକାରୀ ଆଇନ ବଳରେ ଅଦାଲତ ଚାଲାଣ କରାଯାଇଛି।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଶ୍ରମିକ ମୃତ

**ବରୀ, ୧୯।୧୦ (ସମିସ):** ବରୀ ବ୍ଲକ ଅନ୍ତର୍ଗତ ଗୋଲକୁଣ୍ଡଠାରେ ଚାଲିଥିବା ମେଗା ଜଳ ପ୍ରକଳ୍ପରେ ଅଘଟଣ ଘଟି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତ ଶ୍ରମିକ ଜଣଙ୍କ ଘର ସିଲିଗୁଡ଼ି ଠାରେ ବୋଲି ପୁଲିସ ସୂତ୍ରରୁ ଜଣାପଡିଛି। ତାଙ୍କର ନାମ ଆର୍ଶଦ ଆଲାମ୍ ବୟସ (୩୦)। ବେଆଇନ୍ ଭାବେ ହୁକ ପକାଇ ନିଆ ଯାଇଥିବା ବିଦ୍ୟୁତ ସଂସ୍ପର୍ଶରେ ଆସି ଅଘଟଣ ଘଟିଛି ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ଲୁହା ରଡ୍ କାଟିବା ବେଳେ ଏହି ଅଘଟଣ ଘଟିଛି। ଆହତ ଅବସ୍ଥାରେ ତାଙ୍କୁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଭାରୀଯାନ ଚଳାଚଳ ଉପରେ ନିୟନ୍ତ୍ରଣ

**ଯାଜପୁର, ୧୯।୧୦ (ସମିସ):** ଯାଜପୁର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ବର କୁମାର କରଙ୍କ ନିର୍ଦ୍ଦେଶକ୍ରମେ ମୋଟର ଭେହିକଲ ଆକ୍ଟ ୧୯୮୮ ପ୍ରଦତ୍ତ ଧାରା ୧୧୫ ଓ ଓଡିଶା ମୋଟର ଭେହିକଲ ଆକ୍ଟ ୧୯୯୩ ର ଧାରା ୬୩ ଓ ୯୩ ଅନୁଯାୟୀ କୋରେଇ ବ୍ଲକ ଅଧୀନ ଷଠିପୁର ଠାରୁ ବୈତରଣୀ ରୋଡ଼ ପର୍ଯ୍ୟନ୍ତ ସମସ୍ତ ଭାରୀଯାନ ଚଳାଚଳ ଉପରେ ପ୍ରତିବନ୍ଧକ ଜାରି କରାଯାଇଛି। ଜିଲ୍ଲାପାଳ ଶ୍ରୀ କର ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଚାଲିଥିବା ବେଳେ ହେଉଥିବା ଟ୍ରାଫିକ ଜାମ ଏବଂ ସଡ଼କ ଦୁର୍ଘଟଣାକୁ ଦୃଷ୍ଟିରେ ରଖି ଏହି ନିର୍ଦ୍ଦେଶାଦେଶ ଜାରି କରିଛନ୍ତି। ଏହାସହିତ ଭାରୀ ଯାନଗୁଡିକୁ ବିକଳ୍ପ ରୁଟ୍ ଭାବେ ବୈତରଣୀ ରୋଡ଼ ଠାରୁ ରଗଡି ଯିବା ପାଇଁ ବାରୁଣ୍ଡାଇ, ମୀନାବଜାର ଓ ପଟିକୋଟେ ମାର୍ଗ ଦ୍ୱାରା ଚଳାଚଳ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିଷେଧାଜ୍ଞା ୨୧ ତାରିଖରୁ ନଭେମ୍ବର ୨୦ ତାରିଖ ଏକମାସ ପର୍ଯ୍ୟନ୍ତ ରହିବ।

## ବିଞ୍ଝାରପୁର ମଣ୍ଡଳସ୍ତରୀୟ ଯାଦବ ସମ୍ମିଳନୀ


**ବିଞ୍ଝାରପୁର,୧୯।୧୦(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଫତେପୁର ପଞ୍ଚାୟତ ନଛିପୁରସ୍ଥିତ ମା' ଥାନପତି ମନ୍ଦିର ପ୍ରାଙ୍ଗଣରେ ବିଞ୍ଝାରପୁର ମଣ୍ଡଳ ସ୍ତରୀୟ ଯାଦବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ନାରାୟଣ ଚନ୍ଦ୍ର ଦାସଙ୍କୁ ପୁନଃ ମଣ୍ଡଳ ସଭାପତି, ବସନ୍ତ କୁମାର ଦାସଙ୍କୁ ସମ୍ପାଦକ, ସୁଲୋଚନା ଦାସଙ୍କୁ ଉପସଭାପତି ଓ ଅଭୟ କୁମାର ଦାସଙ୍କୁ କୋଷାଧକ୍ଷ ଭାବେ ନିର୍ବାଚିତ କରାଯାଇଥିଲା।



ଏହି ସମ୍ମିଳନୀକୁ ମଣ୍ଡଳ ସଭାପତି ଶିକ୍ଷାବିତ ନାରାୟଣ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତା କରିଥିଲା ବେଳେ ମୁଖ୍ୟଅତିଥି ରୂପେ ଜିଲ୍ଲା ଯାଦବ ମହାସଭାର ମୁଖ୍ୟ ପରାମର୍ଶଦାତା ପଦ୍ମାକର ଗୁରୁ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ରୂପେ ସିଂହପୁର ଗ୍ରାପର ସରପଞ୍ଚ ଶଶାଙ୍କ ଶେଖର ଖିଲାର ଯୋଗଦେଇଥିଲେ। ଏହି ମଣ୍ଡଳସ୍ତରୀୟ ଯାଦବ ସମ୍ମିଳନୀର ପରବର୍ତ୍ତୀ ବୈଠକ ଚଳିତ ଅକ୍ଟୋବର ୨୬ ତାରିଖ ରବିବାର ଅରେଇ ଗ୍ରାମପଞ୍ଚାୟତର ବାବା ବରୁଣେଶ୍ୱର କଲ୍ୟାଣ ମଣ୍ଡପରେ ଆୟୋଜନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଉକ୍ତ ଯାଦବ ସମ୍ମିଳନୀରେ ଶିଶିର କୁମାର ଦାସ, ସରୋଜ କୁମାର ନାୟକ, ବିଜୟ କୁମାର ଦାସ, ନକୁଳ ଚରଣ ଦାସ, କଳିଙ୍ଗ ମହାକୁଳ, କିଶୋର କୁମାର ବେହେରା, ଗୌରାଙ୍ଗ ଚରଣ ପରିଡା, ପ୍ରଫୁଲ୍ଲ ବେହେରା, ପ୍ରଦୀପ କୁମାର ଦାସ, ସୁବ୍ରତ କୁମାର ବାରିକ୍, ପାଣ୍ଡବ ଖିଲାର, ଶାନ୍ତନୁ ନାୟକ, ଜଗଦାନନ୍ଦ ବାରିକ୍, ବିଜୟ କୁମାର ଘଡେଇ, ରମେଶ ଚନ୍ଦ୍ର ଗୁରୁ, ପ୍ରେମାନନ୍ଦ ବାରିକ, ଯଜାତି କେଶରୀ ଦାସ, ଅଜିତ କୁମାର ବେହେରା, ପଞ୍ଚାନନ ମହାକୁଳ, ପ୍ରକାଶ କୁମାର ଦାସ, ପ୍ରଭାତ କୁମାର ଜେନା, ବେଣୁଧର ଗୁରୁ, ପ୍ରତାପ କୁମାର ଦାସ, ଉତ୍ତମ କୁମାର ଦାସ, ଅଜୟ କୁମାର ଦାସ, ପ୍ରତାପ କୁମାର ପାଣ୍ଡବ, ପ୍ରଫୁଲ୍ଲ କୁମାର ଗୁରୁ, ଅଜୟ କୁମାର ଗୁରୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିବା ବେଳେ ସର୍ବେଶ୍ୱର ମହାକୁଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଓ ଶିକ୍ଷାଦାନ

**ଧର୍ମଶାଳା,୧୯।୧୦(ସମିସ):** ଧର୍ମଶାଳା ବ୍ଲକ ଜାରକାସ୍ଥିତ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ଥିବା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଷ୍ଟଡି ସେଣ୍ଟରରେ ଚଳିତ ବର୍ଷ ଓଡ଼ିଆ ବିଭାଗରେ ନାମ ଲେଖାଇଥିବା ଏମ୍‌ଏ ପିଲାମାନଙ୍କର ସମ୍ବର୍ଦ୍ଧନା ଓ ଶିକ୍ଷାଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଷ୍ଟଡିସେଣ୍ଟରର ସଂଯୋଜକ ଡ.ବସନ୍ତ କୁମାର ତ୍ରିପାଠୀ ପୌରୋହିତ୍ୟ କରି ସେଣ୍ଟରରେ ଚାଲିଥିବା ବିଭିନ୍ନ ବିଭାଗର ଶିକ୍ଷାଦାନ ଉପରେ ସୂଚନା ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ସ୍ୱରୂପାନନ୍ଦ ପଣ୍ଡା ଯୋଗଦେଇ ନୂତନ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ପ୍ରାଧାପକ ସନ୍ତୋଷ କୁମାର ଦାଶ, ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଅଧାପକ ଅଭିନ୍ନ ଚନ୍ଦ୍ର ଦାଶ, ଦୀପକ ଶତପଥୀ, ଅଧାପିକା ସସ୍ମିତା ରାଉଳ ଯୋଗଦେଇଥିଲେ। ଷ୍ଟଡିସେଣ୍ଟର ଅଫିସ ସହାୟକ ଦେବାଶିଷ ଜେନା ଓ ଯୋଗେନ୍ଦ୍ର କୁମାର ନାୟକ କାର୍ଯ୍ୟକ୍ରମକୁ ପରିଚାଳନାରେ ସହାୟତା କରିଥିଲେ।














ମାଫିଆଙ୍କ କବ୍‌ଜାରେ ଖରସ୍ରୋତା

## ବେଆଇନ ଭାବେ ଚାଲିଛି ବାଲିଚାଲାଣ

**ଯାଜପୁର,୧୯।୧୦ (ସମିସ):** ବିଞ୍ଝାରପୁର ଅଞ୍ଚଳର ଜୀବନରେଖା କହିଲେ ଖରସ୍ରୋତା ନଦୀକୁ ବୁଝାଏ। ହେଲେ ଏହି ତହସିଲ ଅଞ୍ଚଳରେ ଖରସ୍ରୋତା ନଦୀ ଶଯ୍ୟା ସମ୍ପୂର୍ଣ୍ଣ ଭାବରେ ବାଲି ମାଫିଆଙ୍କ କବ୍ଜାରେ ରହିଛି। ବର୍ତ୍ତମାନ ସମୟରେ ଖରସ୍ରୋତା ନଦୀରୁ ବାଲିଉଠାଣ ପାଇଁ ପ୍ରଶାସନ ପକ୍ଷରୁ କଟକଣା ରହିଛି। କିନ୍ତୁ ଏଭଳି କଟକଣାକୁ ଫୁ' କରି ବାଲି ମାଫିଆମାନେ ଦିନ ରାତି ବେଆଇନ ଭାବେ ବାଲି ଉଠାଇବାରେ ଲାଗିଛନ୍ତି। ଖାଲି ସେତିକି ନୁହେଁ ନଦୀରେ ଏବେ ଭରାପାଣି ପ୍ରବାହିତ ହେଉଥିବା ବେଳେ ବାଲିମାଫିଆମାନେ ଡଙ୍ଗାରେ କମ୍ପ୍ରେସର ମେସିନ ଲଗାଇ ବାଲି ଉଠାଣ କରୁଛନ୍ତି। ବାରମ୍ବାର ଏ ସଂପର୍କରେ ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ପ୍ରଶାସନ ନିଦାବିଷ୍ଟ ସାଜି ଥିବା ଅଭିଯୋଗ ହୋଇଛି। ଫଳରେ ସରକାରୀ ସୈରାତ ଲୁଟ୍ କରାଯାଇ ରାଧେ ରାଧେ ଅଧେ ଅଧେ ନ୍ୟାୟରେ ଏହା ଚାଲୁଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏସବୁ ଘଟଣା ପ୍ରଶାସନର ଆଖି ସାମ୍ନାରେ ହେଉଥିଲେ ମଧ୍ୟ ସରକାରୀ କଳର ନୀରବତାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ବିଞ୍ଝାରପୁର ତହସିଲ ଅଧୀନସ୍ଥ ଓଳେଇ ଚନ୍ଦନପୁର ନିକଟସ୍ଥ ଖରସ୍ରୋତା ନଦୀ ବାଲିଘାଟରୁ ଦିନ ଦ୍ୱିପହରରେ ମେସିନ୍ ଲଗାଇ ହେଉଛି ଲୁଟ୍। ଏନ୍‌ଜିଟି ନିର୍ଦ୍ଦେଶକୁ ଫୁ' କରି ଟ୍ରକ୍ ଟ୍ରକ୍ ବାଲି ବାହାର ରାଜ୍ୟକୁ ହେଉଛି ଚାଲାଣ ହେଉଛି। ଆଗାମୀ ଦିନରେ ଏହି ବେଆଇନ ବାଲି ଚାଲାଣ ବନ୍ଦ ନ ହେଲେ ସ୍ଥାନୀୟ ଅଞ୍ଚଳବାସୀ ଜିଲ୍ଲାପାଳ ଅଫିସ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।








## ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ଦୀପାବଳି ନୀତିକାନ୍ତି

# ଆଜି ରାତ୍ର ୯ରେ ଚୂଡ଼ାକୁ ଉଠିବ ମହାଦୀପ

ଭଦ୍ରକ/ଆରଡି, ୧୯।୧୦(ସମିସ): ଆରଡିପୀଠ ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ପବିତ୍ର ଦୀପାବଳିରେ ମନ୍ଦିରଚୂଡାକୁ ଉଠିବ ମହାଦୀପ। ଏଥିପାଇଁ ଉଭୟ ମନ୍ଦିର ପ୍ରଶାସନ ଓ ସେବାୟତଙ୍କ ପକ୍ଷରୁ ଚୂଡାନ୍ତ ହୋଇଛି ନୀତିକାନ୍ତି। ପବିତ୍ର ଦୀପାବଳି ଉତ୍ସବ ଅବସରରେ ଭୋର ୪ଟାରେ ଦ୍ୱାରଫିଟା ଯିବା ପରେ ମଙ୍ଗଳ ଆଳତୀ, ଘର୍ଷଣଲାଗି, ଜଳାଭିଷେକ ନୀତି ସମ୍ପନ୍ନ ହେବ, ପରେ ନବବସ୍ତ୍ର ଲାଗି କରାଯାଇ ଦିଗମ୍ବର ବେଶରେ ସଜ୍ଜିତ କରାଯିବ ବାବାଙ୍କୁ। ସକାଳ ୯ଟାରେ ପହଡଖିଆ ଅନ୍ନନୀତି, ମଧ୍ୟାହ୍ନ ୧ଟାରେ ଯୋଗୀବେଶ ଓ ବଡନୀତି, ୧ଘଣ୍ଟା ଅବକାଶ(ଶୟନ) ନୀତି ସମ୍ପନ୍ନ ହେବା ପରେ ଦୀପାବଳି ନୀତି ନିମନ୍ତେ ବାବାଙ୍କୁ ବଡସିଂହାର ବେଶରେ ସଜ୍ଜିତ କରାଯାଇ ସନ୍ଧ୍ୟାରେ ଭକ୍ତମାନଙ୍କ ଦ୍ୱାରା ହଜାରହଜାର ଦୀପ ପ୍ରଜ୍ୱଳନ କରାଯିବ। ସନ୍ଧ୍ୟା ୭ଟାରେ ମହାଦୀପ ପ୍ରସ୍ତୁତି କରାଯାଇ ଶୋଡଷ ଉପଚାରରେ ପୂଜାର୍ଚ୍ଚନା ଓ ଅଗ୍ନି ସଂଯୋଗ କରାଯିବା ପରେ ରାତ୍ର ୯ଟାରେ ମନ୍ଦିର ବେଢା ପରିକ୍ରମା କରାଯାଇ ମନ୍ଦିର ଚୂଡାରେ ସ୍ଥାପନ କରାଯିବ। ଏଥିପାଇଁ ମନ୍ଦିର ବାହାରେ ଓ ଭିତରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବା ପାଇଁ ଜିଲ୍ଲା ପୁଲିସ ସହ ଆଲୋଚନା କରାଯାଇଥିବା ମନ୍ଦିର ଅଧିକାରୀ ବିଦ୍ୟାଧର ପଲାଇ କହିଛନ୍ତି।



# ଶହେରୁ ଅଧିକ ବର୍ଷର ଧାମନଗର କାଳୀପୂଜା



ଧାମନଗର, ୧୯।୧୦(ସମିସ): ଧାମନଗର ବହୁ ପୁରାତନ ଅନୁଷ୍ଠାନ ତଥା ବରିଷ୍ଠ ବ୍ୟକ୍ତି ବିଶେଷ ଏବଂ ବଜାର କମିଟି ପ୍ରଚେଷ୍ଟାରେ ଶହେ ବର୍ଷରୁ ଅଧିକ ହେବ ଧାମନଗର କାଳୀପୂଜା। ସେତେବେଳେ ସ୍ଥାନୀୟ ବରିଷ୍ଠ ଲୋକମାନେ ଏବଂ ବଜାର କମିଟି ମିଶି ତାଙ୍କ ପ୍ରଚେଷ୍ଟାରେ ପରିବା ହାଟ କୋଣରେ କରକଟି ଟିଣ ଘେରି ପ୍ରଥମେ ମା' ଶ୍ୟାମା କାଳୀଙ୍କ ପୂଜା ଶୁଭାରମ୍ଭ କରିଥିଲେ। ସେବେଠାରୁ ଆଜିପର୍ଯ୍ୟନ୍ତ ବଜାର କମିଟି ଦ୍ୱାରା ଏହି କାଳୀପୂଜା ଅବିରତ ଭାବେ ଚାଲିଆସୁଛି। ଏହି ପୂଜା ଆଜି ଏକ ଛାତଘରେ ଭବ୍ୟ ମଣ୍ଡପ ରୂପେ ପରିଣତ ହୋଇଛି। ପୂଜାର ସମସ୍ତ ବ୍ୟୟ ଓ ବ୍ୟବସ୍ଥାପନାର ଦୋକାନୀମାନେ ସଦସ୍ୟ ହୋଇ ସହଭାଗୀ ହୋଇ ଅନୁଷ୍ଠାନକୁ ସଫଳ କରୁଛନ୍ତି। ଏଥିସହ ଧାମନଗର ବଜାରର ସମସ୍ତ ଦୋକାନୀମାନେ ମଧ୍ୟ ଆବଶ୍ୟକ ସାମଗ୍ରୀ ଓ ଅର୍ଥ ସହାୟତା ଦେଇ ସାମାଜିକ ଏକତାର ଦୃଢ଼ ଉଦାହରଣ ସୃଷ୍ଟି କରୁଛନ୍ତି। ସବୁଠାରୁ ବଡ଼ କଥା ହେଲା ଏଠି ଚାନ୍ଦା ଆଦାୟର ବ୍ୟବସ୍ଥା ନାହିଁ। ପ୍ରତିଦିନ ମା' ଶ୍ୟାମାକାଳୀଙ୍କ ବ୍ରହ୍ମ ପୂଜା କରାଯାଇଥାଏ। ଚଳିତ ବର୍ଷ କାଳୀପୂଜା ୨୦ ତାରିଖରୁ ଆରମ୍ଭ ହୋଇ ୨୭ ତାରିଖରେ ଶେଷ ହେବ ବୋଲି ସୂଚନା ମିଳିଛି। ମା'ଙ୍କ ମୃଣ୍ମୟ ମୂର୍ତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମିନାବଜାର, ସୁନ୍ଦର ତୁରଣ ସହ ଆଲୋକର ସାଜସଜ୍ଜା ବେଶ୍ ଲୋକମାନଙ୍କୁ ଆକର୍ଷିତ କରିଥାଏ। ପ୍ରତ୍ୟେକ ଦିନ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି ବୋଲି ସଭାପତି ଦିଲ୍ଲୀପ ସେଠୀ ଏବଂ ସମ୍ପାଦକ ଶ୍ୟାମସୁନ୍ଦର ରାଉତ, କୋଷାଧ୍ୟକ୍ଷ ରମାକାନ୍ତ ସାହୁ ଓ ଅନ୍ୟ କର୍ମକର୍ତ୍ତା ସୂଚନା ଦେଇଛନ୍ତି। ସେହିପରି ଧାମନଗର ବ୍ଲକ ଓ ଏନଏସି ଅଞ୍ଚଳ ବିଭିନ୍ନ ସ୍ଥାନରେ ମହାସମାରୋହରେ ମା'ଶ୍ୟାମାକାଳୀଙ୍କ ପୂଜା ପାଳନ କରାଯିବ ସୂଚନା ମିଳିଛି। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ପ୍ରଶାସନ ପକ୍ଷରୁ ପୋଲିସ ବ୍ୟବସ୍ଥା କରାଯାଇଛି।

## ପ୍ରସିଦ୍ଧ ଭଦ୍ରକ କାଳୀପୂଜା

# ମା'ଭଦ୍ରକାଳୀ ପୀଠ ଓ ଚରମ୍ପା ଅଞ୍ଚଳ ଚଳଚଞ୍ଚଳ



ଭଦ୍ରକ, ୧୯।୧୦(ସମିସ): ଭଦ୍ରକର ଗଣପର୍ବ ଭାବେ ପରିଚିତ ପ୍ରସିଦ୍ଧ ଭଦ୍ରକ କାଳୀପୂଜା ଲାଗି ଏବେ ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀଙ୍କ ପୀଠ ଓ ଚରମ୍ପା ଅଞ୍ଚଳ ହୋଇ ଉଠିଛି ଚଳଚଞ୍ଚଳ। ଭଦ୍ରକର ବିଭିନ୍ନ ପୂଜା ମଣ୍ଡପରେ ମା'କାଳୀଙ୍କ ମୂର୍ତ୍ତି, ପାଶ୍ୱର୍ମୂର୍ତ୍ତି, ତୋରଣ ସଜା କାମ ସରିଥିବା ବେଳେ ଭଦ୍ରକର ରଚମ୍ପା ଅଞ୍ଚଳ ବେଶ ଚଳଚଞ୍ଚଳ ହୋଇଉଠିଛି। ଚଳିତ ବର୍ଷ ମା'ଭଦ୍ରକାଳୀ, ଚରମ୍ପାର ଟ୍ରାଫିକ୍ କାଳୀ, ଓଏସଆରଟିସି କାଳୀ, ରାଜଘାଟ କାଳୀ, ପଥରକାଳୀ, ଦକ୍ଷିଣକାଳୀ, ପାଟଣାସାହି କାଳୀ, ବାସନ୍ତୀ ଦୁର୍ଗା କାଳୀ, ବାଙ୍କାବଜାର କାଳୀ, ଏରେଇ କାଳୀ, ଡଗରାସାହି କାଳୀ, ସ୍କୁଲ ରୋଡ କାଳୀ, ପିଡବୁଡି କାଳୀ, ସ୍କୁଲ ରୋଡ କାଳୀ ପୂଜା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରାତି ପାହିଲେ ମା' କାଳୀଙ୍କର ପୂଜାର୍ଚ୍ଚନା ଆରମ୍ଭ ହେବ। କାଳୀ ପୂଜା ପାଇଁ ଚରମ୍ପାରେ ୯ଟି ଯାତ୍ରା ପାର୍ଟି ସେମାନଙ୍କ ଅପେରା ପରିବେଷଣ କରିବେ ବୋଲି ବିଭିନ୍ନ ସ୍ଥାନରେ ଟେଣ୍ଟ ମାରିଲେଣି। ସେହିପରି ମୀନାବଜାର, ରାମ ଦୋଳି, ସର୍କସ ଓ ଅନ୍ୟାନ୍ୟ ଯାନି ଯାତ୍ରା ପାଇଁ ଏଠାରେ ଏବେଠାରୁ ବିଭିନ୍ନ ସ୍ଥାନରୁ ଦୋକାନୀମାନେ ସେମାନଙ୍କ ଦୋକାନ ବଜାର ବସାଇବା କାର୍ଯ୍ୟ ଶେଷ ହୋଇଛି। ବିଶେଷ କରି ଭଦ୍ରକ ସହର ଏବେ ରାଜନେତା ଓ ଯାତ୍ରା ପାର୍ଟି ହୋର୍ଡିଂରେ ଆଚ୍ଛାଦିତ ହୋଇପଡିଛି।

### ୬ ଶହ ବର୍ଷର ଆଦିଶକ୍ତି ପୀଠ ମା' ଭଦ୍ରକାଳୀ

ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା'ଭଦ୍ରକାଳୀ ଆଦ୍ୟ ଶକ୍ତିପୀଠ ଭାବେ ସ୍ୱତନ୍ତ୍ର ମହିମା ରହିଛି। ୧୫୬୮ ମସିହା ବେଳକୁ ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କୁ ଆକ୍ରମଣ କରିବା ଲାଗି କଳାପାହାଡ ଯୁଦ୍ଧକୁ ଯିବା ବାଟରେ ମା' ଭଦ୍ରକାଳୀଙ୍କୁ ଦେଖିଥିଲେ। କଳାପାହାଡର ଡରରେ ଭକ୍ତମାନେ ମା' ଭଦ୍ରକାଳୀଙ୍କୁ ମନ୍ଦିରରୁ ନେଇ ସାଳନ୍ଦୀ ନଦୀ ଗର୍ଭରେ ଲୁଚାଇ ରଖିଥିଲେ। ଏହାର କିଛି ବର୍ଷ ପରେ ଭଦ୍ରକର ଆହାରପଦା ନିକଟସ୍ଥ ସାଳନ୍ଦୀ ନଦୀ ଗର୍ଭରୁ ମା'ଙ୍କର ମୂର୍ତ୍ତିକୁ ଉଦ୍ଧାର କରି ହିନ୍ଦୁ ଭକ୍ତମାନେ ଏକ କାଠ ନିର୍ମିତ ମନ୍ଦିରରେ ରଖି ମା' ଭଦ୍ରକାଳୀଙ୍କୁ ପୂଜାର୍ଚ୍ଚନା କଲେ। ପରବର୍ତ୍ତୀ ପର୍ଯ୍ୟାୟରେ ୧୯୫୩ରେ ମା' ଭଦ୍ରକାଳୀଙ୍କ ପାଇଁ ଏକ ନୂତନ ମନ୍ଦିର ନିର୍ମାଣ କରାଯାଇ ଆଜି ପର୍ଯ୍ୟନ୍ତ ମା' ଭଦ୍ରକାଳୀ ସେହି ମନ୍ଦିରରେ ପୂଜା ପାଇଆସୁଛନ୍ତି। ଭଦ୍ରକାଳୀ ସାହିରେ ଥିବା ମା' ଭଦ୍ରକାଳୀ ମନ୍ଦିରରେ ପୂଜାବିଧି ଓ ନୀତିକାନ୍ତି ମନ୍ଦିର ଟ୍ରଷ୍ଟ ବୋର୍ଡ ଓ ସେବାୟତଙ୍କ ଦ୍ୱାରା ହୋଇ ଆସୁଛି। କାଳୀ ପୂଜା ବେଳେ ଏଠାରେ ୭ ଦିନ ବ୍ୟାପୀ ମାଙ୍କର ପୂଜା ଅର୍ଚ୍ଚନା ଚାଲେ। ୭ ଦିନରେ ସାତଟି ରୂପରେ ମା' ପୂଜା ପାଆନ୍ତି। ମା'ଙ୍କ ଏହି ସପ୍ତମାତୃକା ବେଶ ପୂଜା ଦେଖିବା ପାଇଁ ମା' ଭଦ୍ରକାଳୀଙ୍କ ପୀଠକୁ କାଳୀ ପୂଜା ଅବସରରେ ଲକ୍ଷ ଲକ୍ଷ ଭକ୍ତ ଆସିଥାନ୍ତି। ମା'ଙ୍କର ସାନିଧ ନେଇ ଯାଇଛାନ୍ତି। କାଳୀପୂଜା ବେଳେ ଏଠାରେ ମହାଯଜ୍ଞ ଅନୁଷ୍ଠିତ ହୋଇଥାଏ। ଏହି ମହାଯଜ୍ଞର ପୂର୍ଣ୍ଣାହୁତି ଦିନ ମା'ଙ୍କର ଚରୁ ଭୋଗ ପାଇବା ପାଇଁ ହାଜର ହଜାର ଭକ୍ତଙ୍କର ସମାଗମ ହୋଇଥାଏ। ଭଦ୍ରକାଳୀ ପୀଠରେ ମା' ମୁଗୁନୀ ପଥର ମୂର୍ତ୍ତିରେ ପୂଜା ପାଉଛନ୍ତି। ଯୋଗୀନୀ ତନ୍ତ୍ରରେ ଭଦ୍ରକାଳୀ ପାଠକୁ ଏକ ମହାନ ତନ୍ତ୍ର ପୀଠ ଭାବେ ପରିଗଣିତ ହୋଇଛି। ଭଦ୍ରକାଳୀଙ୍କୁ ମେଘାସନୀ ଓ ଏଠାରେ ବହିଯାଇଥିବା ସାଳନ୍ଦୀ ନଦୀକୁ ମେଘାସନ କନ୍ୟା ବୋଲି କିମ୍ବଦନ୍ତୀ ଓ ଲୋକ କଥା ରହିଛି। ମନ୍ଦିର କମିଟି ଓ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଏଠାରେ କାଳୀପୂଜା ବେଶ୍ ଧୁମ୍ ଧାମରେ ପାଳନ କରାଯିବାକୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟ ରହିଛି।

### ୩ ଶହ ବର୍ଷର ଆଦିଶକ୍ତି ପୀଠ ମା' ପଥରକାଳୀ

ପ୍ରାୟ ୩ ଶହ ବର୍ଷ ତଳେ ମା ପଥର କାଳୀ ଏଠାରେ ବିରାଜମାନ କରିଥିଲେ। କିମ୍ବଦନ୍ତୀକୁ ଆଧାର କରି ମା'ପଥରକାଳୀଙ୍କର ପୂଜାର୍ଚ୍ଚନା କରାଯାଉଥିବା ବେଳେ ଏଠାରେ ମଧ ମା'ଙ୍କ ପୀଠରେ ପୂଜା ହେଉଥିବା ବେଳେ ମା'ଙ୍କ ପୀଠରେ ପୂଜାର ପାର୍ଶ୍ୱ ମୂର୍ତ୍ତି ନିର୍ମାଣ ହୋଇ ପୂଜା କରାଯାଏ। ଏଠାରେ ଆକର୍ଷଣୀୟ ତୋରଣ ସାଜସଜା ପାଇଁ ପ୍ରସିଦ୍ଧ ଅର୍ଜନ କରିଛି। ୧୯୨୫ଠାରୁ ମା' ପଥର କାଳୀ ପୀଠରେ ମା କାଳୀଙ୍କ ମୃଣ୍ମୟୀ ମୂର୍ତୀ ନିର୍ମାଣ କରାଯାଇ ପୂଜା ପାଳନ କରାଯାଉଛି।

### ୧୦୨ ବର୍ଷର ପିଡବ୍ଲୁଆଇ କାଳୀ ପୂଜା

୧୦୨ ବର୍ଷର ପୂଜା ପରମ୍ପରା ହେଉଛି ଚରମ୍ପା ପିଡବ୍ଲୁଆଇ କାଳୀ ପୂଜା ମେଢ। ରେଳବାଇ କର୍ତ୍ତୃପକ୍ଷଙ୍କ ଦ୍ୱାରା ରେଳ ଷ୍ଟେସନ ପ୍ରବେଶ ପଥରେ ଏହି ପୂଜା ଆରମ୍ଭ ହୋଇଥିଲା। ଏଇ ପୂଜା କମିଟିର ସଭାପତି ରବି ରାଘବ ତେଜା, ସଂପାଦକ ନଳିନୀକାନ୍ତ ମହାନ୍ତି ଓ ପୂଜା କମିଟିର ଅନ୍ୟ କର୍ମକର୍ତାଙ୍କ ସହଯୋଗରେ ପୂଜା କାର୍ଯ୍ୟ ଆଗକୁ ଚାଲିଛି।

### ୫୯ ବର୍ଷରେ ଚରମ୍ପା ସ୍କୁଲ ରୋଡ କାଳୀ ପୂଜା

ଏଥର ୫୯ ବର୍ଷରେ ପଦାର୍ପଣ କରିଛି ପ୍ରସିଦ୍ଧ ଚରମ୍ପା ସ୍କୁଲ ରୋଡ କାଳୀ ପୂଜା। ତୋରଣ ସଜ୍ଜା ଓ ମୂର୍ତି ଗଢ଼ା କାମ ସରିଛି। ପୂଜା କମିଟି ସଭାପତି କଲ୍ଲୋଳ ଲେଙ୍କା ଓ ସଂପାଦକ ମଦମମୋହନ ମହାନ୍ତିଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ସବୁ କାର୍ଯ୍ୟ ତଦାରଖ କରିଛନ୍ତି। ଚଳିତ ବର୍ଷ ଏଠାରେ ପୂଜା ପାଇଁ ମୂର୍ତୀ ଗଢାରେ ୧ ଲକ୍ଷ ୨୦ ହଜାର ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ତୋରଣ ସଜ୍ଜା ଓ ପୂଜା ପାଇଁ ପ୍ରାୟ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି କମିଟି ସୂତ୍ରରୁ ଜଣାଯାଇଛି। ଆସନ୍ତା ସୋମବାର ପୂଜା ଆରମ୍ଭ ହେବ। ଏଥିପାଇଁ ଏରେଇଁ ଗ୍ରାମର ମୂର୍ତ୍ତି କାରିଗର ବିନୋଦ ବିହାରୀ ଧଳଙ୍କ ସମେତ ୭ ଜଣ କାରିଗର ମୂର୍ତ୍ତି ଗଢିଛନ୍ତି। ଏଥର ଏଇ ପୂଜା ମଣ୍ଡପରେ ତୋରଣ ସଜା ପାଇଁ କଲିକତାରୁ ଆସିଥିବା କାରିଗରମାନେ ତୋରଣ ନିର୍ମାଣ କରିଛନ୍ତି। ବାଉଁଶ ପାଟିଆରେ ଆକର୍ଷଣୀୟ ତୋରଣ କାମ ବେଶ୍ ମନଛୁଆଁ ହୋଇଛି।

### ୧୭ ବର୍ଷର ବାସନ୍ତୀ ଦୁର୍ଗା ପୂଜା

ଆଜକୁ ୧୭ ବର୍ଷ ଧରି ଚରମ୍ପାର ବିଶାଣି ଖରିଦାଠାରେ ମା ବାସନ୍ତୀ ଦୁର୍ଗା ପୂଜା କମିଟି ପକ୍ଷରୁ କାଳୀପୂଜା ପାଳିତ ହେଉଛି। ଏଠାରେ ପୂଜା ପାଇଁ ପ୍ରାୟ ୧୦ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ପୂଜା କମିଟିର ସଭାପତି ଶ୍ୟାମସୁନ୍ଦର ଗୁପ୍ତା ଓ ସଂପାଦକ ନାରାୟଣଚନ୍ଦ୍ର ବିଶ୍ୱାଳ ପ୍ରକାଶ କରିଛନ୍ତି। କମିଟିର ସମସ୍ତ ସଦସ୍ୟମାନେ ଏହି ପୂଜା ପାଳନରେ ସକ୍ରିୟ ସହଯୋଗ କରି ଆସୁଛନ୍ତି। ଏଠାରେ ୯ ଦିନ ଧରି ମା'ଙ୍କର ପୂଜା ଚାଲିବ ବୋଲି ପୂଜା କମିଟିର ସଂପାଦକ ଶ୍ରୀ ବିଶ୍ୱାଳ ପ୍ରକାଶ କରିଛନ୍ତି।

### ଏରେଇ କାଳୀ ପୂଜା ମେଢ





ଚରମ୍ପାର ସବୁଠାରୁ ବ୍ୟୟ ବହୁଳ ଦୁର୍ଗା ପୂଜା ହେଉଛି ଏରେଇ କାଳୀ ପୂଜା। ଏଠାରେ ଆକର୍ଷଣୀୟ ତୋରଣ ସାଙ୍ଗକୁ ମା'କାଳୀଙ୍କ ସୁଉଚ୍ଚ ମୂର୍ତ୍ତି ଗଢା ହୋଇଛି। କଲିକାତାର ମେଦିନାପୁର ଅଞ୍ଚଳର ତୋରଣ କାରିଗରମାନେ ଏଠାରେ ତୋରଣ ନିର୍ମାଣ କରିଛନ୍ତି। ନୂଆନୂଆ ଡିଜାଇନର ତୋରଣ କରିବାରେ ଏରେଇ କାଳୀ ମଣ୍ଡପର ସ୍ୱତନ୍ତ୍ର ଅକାର୍ଷଣ ରହିଛି। ପୂଜା କମିଟିର ସଭାପତି ଅମୟ ରାଉତ, ସଂପାଦକ ରାଜକିଶୋର ଶତପଥୀ ଓ ପୂଜା କମିଟିର ସବୁ କର୍ମକର୍ତାମାନେ କାଳୀ ପୂଜା କାର୍ଯ୍ୟକୁ ଅଧିକ ଆକର୍ଷଣୀୟ କରିବାକୁ ଜୋରଦାର ପ୍ରୟାସ କରିଛନ୍ତି। ଏଇ ପୂଜା କମିଟି ପକ୍ଷରୁ ପ୍ରାୟ ୧୨ ଲକ୍ଷରୁ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି।

## ଆମ ମାତୃଭାଷା ପରିଷଦର ଗର୍ଭଣା ସଂକ୍ରାନ୍ତି ଆସର

# 'ସୁକର୍ମ ସୁପଥ' କବିତା ସଙ୍କଳନ ଉନ୍ମୋଚିତ

ଭଦ୍ରକ,୧୯।୧୦(ସମିସ)



ଆମ ମାତୃଭାଷା ପରିଷଦର ଗର୍ଭଣା ସଂକ୍ରାନ୍ତି ଆସର ସାମରାଇପୁର ଗୁରୁକୃପା ଭବନରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ତଥା କବି ନାରାୟଣଚନ୍ଦ୍ର ପାଢ଼ୀଙ୍କ ପୌରହିତ୍ୱରେ ଅଧ୍ୟାପକ ସୁରଞ୍ଜନ ପଣ୍ଡା ଆସରକୁ ଉଦ୍‌ଘାଟନ କରିଥିଲେ। ପ୍ରତିଷ୍ଠାତା ସମ୍ପାଦକ ଡାକ୍ତର ଅନିଲ କୁମାର ଦାଶ ପ୍ରାରମ୍ଭିକ ଭଜନ ଓ ସମ୍ପାଦକୀୟ ପାଠ କରିଥିଲେ। କମି ଉମେଶ ଚନ୍ଦ୍ର ମହାପାତ୍ରଙ୍କ ଲିଖିତ "ସୁକର୍ମ ସୁପଥ" କବିତା ସଙ୍କଳନ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଉକ୍ତ ପୁସ୍ତକକୁ କବୟିତ୍ରୀ ମମତା ରାଣୀ ଦାଶମିଶ୍ର ସମୀକ୍ଷା କରିଥିଲେ। ଆମ ସାହିତ୍ୟ ଓ ସଂସ୍କୃତିରେ ଦୀପାବଳି ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଶିକ୍ଷାବିତ୍, ବରିଷ୍ଠ ସାମ୍ବାଦିକ ରାମନାରାୟଣ ନାୟକ, ମୁଖ୍ୟବକ୍ତା ଶିକ୍ଷୟିତ୍ରୀ କବି ମନୋରମା ଆଚାର୍ଯ୍ୟ, ସମ୍ମାନିତ ଅତିଥି ଅଧ୍ୟକ୍ଷ ନୀହାର ରଞ୍ଜନ କର, ଅଧ୍ୟକ୍ଷ ଡ. ନିତ୍ୟାନନ୍ଦ ମିଶ୍ର, ଶିକ୍ଷାବିତ୍ ସାମ୍ବାଦିକ ଜଗନ୍ନାଥ ନାୟକ, ପ୍ରାକ୍ତନ ଅଧ୍ୟାପକ କମଳାକାନ୍ତ ସ୍ୱାଇଁ, ପ୍ରାକ୍ତନ ଅଧକ୍ଷ ରାମଚନ୍ଦ୍ର ପଣ୍ଡା, ସମାଜସେବୀ ଲକ୍ଷ୍ମଣ କୁମାର ମହାନ୍ତି, ନାଟ୍ୟଶ୍ରୀ ନିର୍ମଳ ରାଉତ, ଅଧ୍ୟାପକ ମାଧବଚନ୍ଦ୍ର ଜେନା, ପରିଶଚନ୍ଦ୍ର ଦାସ ପ୍ରମୁଖ ଦୀପାବଳି ଉତ୍ସବ ଅନ୍ଧାର ଉପରେ ଆଲୋକର ବିଜୟ ତଥା ସମୃଦ୍ଧି ଓ ଆନନ୍ଦର ପର୍ବ, ନୂତନତାର ଉତ୍ସ ଆଣି ଦିଏ ବୋଲି ମତ ପ୍ରକାଶ କରିଥିଲେ। ଅଧ୍ୟାପିକା ପ୍ରମୋଦା ପଣ୍ଡା ଓ ବିଜୟଶ୍ରୀ ଗୋକୁଳାନନ୍ଦ ରାଉତଙ୍କ ସଂଯୋଜନାରେ ଆୟୋଜିତ କବିତା ଆସରରେ ବିଜୟ କୁମାର ବହଳୀ, ପଲ୍ଲବୀ ମହାପାତ୍ର, ମନୋରମା ମହାନ୍ତି, ଶ୍ରୀହର୍ଷ ସ୍ୱାଇଁ, ସୁରଞ୍ଜନ ପଣ୍ଡା, ପାଲାଗାୟକ ସୁବାସଚନ୍ଦ୍ର ବଳ, ଅଧିବକ୍ତା ମନୋରଞ୍ଜନ ଦାସ, ରମାକାନ୍ତ ପାଳ, ଅଂଶୁମାନ ସ୍ୱାଇଁ, ମୋନାଲିସା ସାହୁ, ଇଂ ଉତ୍ତମ ମହାନ୍ତି, ପୀତାମ୍ବର ଦାଶ,ରମେଶ ଚନ୍ଦ୍ର ଦାସ, କୈଳାସ ଚନ୍ଦ୍ର ଦାସ, ବିପ୍ଲବ ହୋତା, ସୁରେଶ ସାହୁ, ସନ୍ତୋଷ ମିଶ୍ର ପ୍ରମୁଖ କବି ସ୍ୱରଚିତ କବିତା ପାଠ କରିଥିଲେ। ଶିକ୍ଷୟିତ୍ରୀ କବି ସରୋଜିନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।


# ଉତ୍ସବମୁଖର ବୈତରଣୀ କୂଳ: ଚଳଚଞ୍ଚଳ ଦକ୍ଷିଣକାଳୀ ପୀଠ

ବାରିକପୁର, ୧୯।୧୦(ସମିସ)



ପବିତ୍ର ଦୀପାବଳିଠାରୁ ବିଭିନ୍ନ ପୀଠରେ ପୂଜା ପାଇବେ ମା' କାଳୀ। ଏହି ଉପଲକ୍ଷେ ଭଣ୍ଡାରିପୋଖରୀ ବ୍ଲକ ବନ୍ଦାଳମଡିଆଳୀ ପଞ୍ଚାୟତ ବୈତରଣୀ କୂଳସ୍ଥିତ ଖପୁରିଆପଦାଠାରେ ମା' ଦକ୍ଷିଣ କାଳୀଙ୍କ ବାର୍ଷିକ ପୂଜା ଉତ୍ସବ ପାଇଁ ପ୍ରସ୍ତୁତି ଶେଷ ହୋଇଛି। ନଦୀକୂଳ ଗାଁ ଉତ୍ସବମୁଖର ହୋଇ ଉଠିଥିବା ବେଳେ ମା'ଙ୍କ ପୂଜା ପୀଠ ଚଳଞ୍ଚଳ ହୋଇପଡିଛି। ଗ୍ରାମରେ କେଉଁ ଆବାହମାନ କାଳରୁ ମା' ଆବିର୍ଭାବ ହୋଇଛନ୍ତି। ପ୍ରାୟ ଦେଢ ଶହ ବର୍ଷରୁ ଅଧିକ ହେବ ଦକ୍ଷିଣ କାଳୀଙ୍କ ବାର୍ଷିକ ପୂଜା ହେଉଛି। ଗ୍ରାମବାସୀଙ୍କ ଦ୍ୱାରା ଦୀପାବଳିଠାରୁ ୧୦-୧୨ ଦିନ ଯାଏଁ ଉତ୍ସବ ଅନୁଷ୍ଠିତ ହୋଇଥାଏ। ମା'ଙ୍କ ପାଇଁ ପ୍ରତ୍ୟେକ ଦିନ ବୈଦିକ ରୀତି ନୀତି ଅନୁଯାୟୀ ଚାରିପ୍ରହର ପୂଜା ଆୟୋଜନ ହୋଇଥାଏ। ସବୁ ଦିନ ପୀଠରେ ବନ୍ଦାଳମଡିଆଳୀ ସମେତ ଝୁଟଣା, ନାଆମୀ, ରାଜେନ୍ଦ୍ରପୁର, କେସିଙ୍ଗା, ଶାନସାଶନ, ନେରଡା ପଂଚାୟତ ସମେତ ପଡୋଶୀ ବନ୍ତ, ହାଟଡିହି ଓ କୋରେଇ ବ୍ଲକର ଜନସାଧାରଣ ମାନଙ୍କ ସମାଗମ ହୋଇଥାଏ। ଶହଶହ ମାନସିକ ଓ ବ୍ରତ ଧାରୀ ଶ୍ରଦ୍ଧାଳୁ ମଧ ପୂଜାରେ ଯୋଗ ଦେଇଥାନ୍ତି। ବୈତରଣୀ କୂଳରେ ଅବସ୍ଥିତ ଖପୁରିଆପଦା ଗାଁରେ ମା' ଦକ୍ଷିଣ କାଳୀଙ୍କ ବାର୍ଷିକ ପୂଜା ଉତ୍ସବ ପାଇଁ ଏବେ ଭାବ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ସବୁ ବର୍ଷ ଭଳି ଚଳିତ ବର୍ଷ ମଧ ଆୟୋଜକ କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

### ସେମାନେ ଯାହା କହନ୍ତି..



ପୀଠ ଦେବୀ ଭାବେ ପ୍ରସିଦ୍ଧ ମା' ଦକ୍ଷିଣ କାଳୀଙ୍କ ବାର୍ଷିକ ପୂଜା ଉତ୍ସବରେ ମୁଁ ପ୍ରାୟ ୩୫ ବର୍ଷ ହେବ ସଙ୍କଳ୍ପ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରୁଛି। ମା' ଦୁଃଖ ହରଣ କରିଥାନ୍ତି। ମାନସିକଧାରୀଙ୍କ ମନୋସ୍କାମନା ପୁରଣ ହୋଇଥାଏ। ନଦୀ କୂଳବର୍ତ୍ତୀ ଗାଁକୁ ମା' ହିଁ ସହାୟ ହୋଇଥାନ୍ତି।

- ଭରତଚନ୍ଦ୍ର ନନ୍ଦ, ସଙ୍କଳ୍ପ କର୍ତ୍ତା



ବୈତରଣୀ ନଦୀରୁ ଘଟ ଉତ୍ତୋଳନ ହେବା ପରେ ଆଜି ନିଶାର୍ଦ୍ଧରୁ ମା'ଙ୍କ ପୂଜା ଆରମ୍ଭହେବ। ପୂଜାଦିନରେବିଭିନ୍ନନୈବେଦ୍ୟ ସହ ବିଧିମତେ ଦକ୍ଷିଣ କାଳୀଙ୍କୁ କଖାରୁ ଓ ଶାଗ ବଳୀ ଅର୍ପଣ କରାଯାଏ। ଏହି ବଳୀ ପୂଜାରେ ଶହଶହ ମାନସିକ ଧାରୀ ଯୋଗ ଦିଅନ୍ତି।


- ପ୍ରଶାନ୍ତ ନନ୍ଦ, ପୂଜକ






ସକାଳ
THE SAKALA

# ସମ୍ପାଦକୀୟ



ବୈଜ୍ଞାନିକ ନିର୍ଯାସର ଆଧାର ସ୍ୱାଧୀନ ଚିନ୍ତନ ଓ କଠିନ ପରିଶ୍ରମ; ବ୍ୟୟବହୁଳ ଉପକରଣ ନୁହେଁ।
- ସିଭି ରମଣ

## ଆତସ ଆତଙ୍କ

ଆମର ଏହି ଅଗ୍ରଲେଖ ପାଠ କରିବା ବେଳକୁ ପାଠକମାନେ ଦୀପାବଳୀ ପାଳନର ପ୍ରସ୍ତୁତି ଚୂଡ଼ାନ୍ତ କରିସାରିଥିବେ ଏବଂ ପସନ୍ଦ ମୁତାବକ ବାଣ କିଣିସାରିଥିବେ। ତଥାପି ସଚେତନଧର୍ମୀ ଗଣମାଧ୍ୟମର ଦାୟିତ୍ୱ ଭାବେ ଆମେ ସେ ବିଷୟରେ କିଛି ଉଲ୍ଲେଖ କରିବାକୁ ଉଚିତ ମନେ କରୁଛୁ। ବାଣ(ଆତସବାଜି)ର ପରିବେଶ ଓ ଜନସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ବିଷୟରେ ଆଉ ଲୋକମାନଙ୍କର ଅଜ୍ଞତା ବିଶେଷ ନାହିଁ। ତଥାପି କେବଳ ବାଣ ଫୁଟାଇବାର ପ୍ରତିଯୋଗୀ-ମାନସିକତା ଯୋଗୁଁ ଦେଶରେ ବର୍ଷକୁ ବର୍ଷ ବାଣ ଉତ୍ପାଦନ, ବିକ୍ରିବଟା ଓ ବ୍ୟବହାର ବଢ଼ିବାରେ ଲାଗିଛି। ତତ୍କାଳ ପ୍ରଭାବରେ ବାୟୁମଣ୍ଡଳ ବିଷାକ୍ତ ଧୂଆଁ ଓ ଶବ୍ଦରେ ପରିପୂର୍ଣ୍ଣ ହୋଇପଡୁଛି। ବିଶେଷକରି ରାଜଧାନୀ ଦିଲ୍ଲୀ ଅଞ୍ଚଳରେ ବାୟୁର ମାନ ଅତି ଉତ୍କଟ ସ୍ତରକୁ ଚାଲିଯାଉଛି। ଲୋକଙ୍କୁ ଏହି ବିଷମୟ ଆନନ୍ଦ ଉପଲବ୍ଧିରୁ ନିବୃତ କରିବା ପାଇଁ ବ୍ୟାପକ ସଚେତନ କରାଯାଉଥିଲେ ହେଁ ଫଳପ୍ରଦ ହେଉନାହିଁ। ଶେଷରେ ଦେଶର ସର୍ବୋଚ୍ଚ ଅଦାଲତ ଏଥିରେ ହସ୍ତକ୍ଷେପ କରି ଦିଲ୍ଲୀ ଅଞ୍ଚଳରେ ବାଣ ବିକ୍ରି ଓ ବ୍ୟବହାର ଉପରେ କଟକଣା ଜାରି କରିଥିଲେ ଏବଂ ଚଳିତ ବର୍ଷ ଦେଶର ସବୁ ଅଞ୍ଚଳରେ ଲାଗୁ କରାଯିବା ପାଇଁ ସରକାରଙ୍କୁ ପରାମର୍ଶ ଦେଇଥିଲେ। କିନ୍ତୁ ଲୋକଙ୍କ ବାଣ ଫୁଟା ଜିଦ୍ ଆଗରେ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ନିରୂପାୟ ଓ ଅସହାୟ ହୋଇପଡ଼ିଥିବା ଦେଖାଯାଇଛି। ତେଣୁ ଦିଲ୍ଲୀ ଓ ଆଖପାଖ ଅଞ୍ଚଳରେ ଗ୍ରୀନ୍ କ୍ରାକର ବା ସବୁଜ ବାଣର ନିର୍ଦ୍ଦିଷ୍ଟ ଦିନ, ନିର୍ଦ୍ଦିଷ୍ଟ ଅଞ୍ଚଳରେ ମାତ୍ର କିଛି ଘଣ୍ଟା ପାଇଁ ବିକ୍ରି କରିବାକୁ ସର୍ବୋଚ୍ଚ ଅଦାଲତ ଅନୁମତି ଦେଇଛନ୍ତି।

ସବୁଜ ବାଣ ନାମରେ ବିକ୍ରି ହେଉଥିବା ଆତସ କେତେ ସବୁଜ ବା ପରିବେଶ ଅନୁକୂଳ ତାହା ପ୍ରମାଣ କରିବାର ଉପାୟ ନାହିଁ। କାରଣ ଆମ ମାନବ ସମ୍ବଳ ଏତେ କମ୍ ଏବଂ ବ୍ୟବସ୍ଥା ଏତେ ଦୁର୍ବଳ ଯେ ଖୋଲା ବଜାରରେ ବିକ୍ରି ହେଉଥିବା ସବୁଜ ବାଣ ର ଖୋଳପା ଭିତରେ ପାରମ୍ପରିକ ବାଣ ବିକ୍ରି ହେଉଥିବା ମଧ୍ୟ ଅସମ୍ଭବ ନୁହେଁ। ଏହାଛଡ଼ା ଖାଣ୍ଟି ସବୁଜ ବାଣ ଯେ ସମ୍ପୂର୍ଣ୍ଣ ପରିବେଶ ଅନୁକୂଳ ତାହା ମଧ୍ୟ ନିଶ୍ଚିତ ନୁହେଁ। ନିକଟରେ ଆପୋଲୋ ହସ୍‌ପିଟାଲ୍‌ର ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସଚେତନଧର୍ମୀ ବାର୍ତ୍ତାଟିଏ ଦେଇ କହିଛନ୍ତି ଯେ ସବୁଜ ବାଣ ସମ୍ପୂର୍ଣ୍ଣ ପରିବେଶ ଅନୁକୂଳ କିମ୍ବା ପ୍ରଦୂଷଣମୁକ୍ତ ନୁହେଁ। ପାରମ୍ପରିକ ବାଣଠାରୁ ଏହା କେବଳ ୩୦% ପ୍ରଦୂଷଣ ହ୍ରାସ କରିପାରେ। ତେଣୁ ସବୁଜ ବାଣ ମଧ୍ୟ ସ୍ୱାସ୍ଥ୍ୟ ଉପଯୋଗୀ ନୁହେଁ।

ଏଠାରେ ପ୍ରଶ୍ନ ଉଠୁଛି ପରିବେଶକୁ ନିଜ ହାତରେ ଜାଣିଶୁଣି ବିଷାକ୍ତ କରି ଉତ୍ସବ ପାଳନ କ’ଣ ନିହାତି ଜରୁରୀ। ମାତ୍ର ଦୁଇ/ତିନି ଦଶନ୍ଧି ଭିତରେ ଦେଶର ସାମାଜିକ-ଅର୍ଥନୈତିକ ଚିତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି। ପୂର୍ବାପେକ୍ଷା ଯାନବାହନ ଓ ଜୀବାଶ୍ମ ଇନ୍ଧନ ଦହନ ମାତ୍ରା ଏତେ ବଢ଼ିଯାଇଛି ଯେ ବାୟୁର ସ୍ୱାଭାବିକ ମାନ ଉଦ୍‌ବେଗଜନକ ଭାବେ ହ୍ରାସ ପାଇଛି। ଏବେ ସମୟ ଆସିଛି ପ୍ରଦୂଷଣ ସୃଷ୍ଟିକାରୀ ତତ୍ତ୍ୱଗୁଡ଼ିକୁ ଯଥାସମ୍ଭବ ହ୍ରାସ କରିବାର। କିନ୍ତୁ ଆମେ ତା’ର ବିପରୀତ ଆଚରଣ କରୁଛୁ। ପରମ୍ପରା ଓ ପର୍ବ ନାମରେ ପାଳନ ହୋଇଆସୁଥିବା ବାଣଫୁଟା ଅଭ୍ୟାସକୁ ଯଥାଶୀଘ୍ର ତ୍ୟାଗ ନ କଲେ ଆଗକୁ ପରିସ୍ଥିତି ଭୟାବହ ହୋଇପାରେ। ଏ ଦିଗରେ ସରକାରୀ ତତ୍ପରତା ସହିତ ଲୋକ ସଚେତନତା ମଧ୍ୟ ଅନେକ ମହତ୍ତ୍ୱ ରଖେ।



ପ୍ରଥମ କଥା ହେଲା ନିର୍ଦ୍ଦେଶନାମା ଆସିବାର ଯଥେଷ୍ଟ ଆଗରୁ ବିଭିନ୍ନ ପ୍ରଦୂଷଣସୃଷ୍ଟିକାରୀ ବାଣ ସବୁ ବଜାରକୁ କିମ୍ବା ଗ୍ରାହକଙ୍କ ହାତକୁ ଯଥେଷ୍ଟ ଆଗରୁ ଏଥର ଚାଲିଯାଉଛି। ଦ୍ୱିତୀୟ କଥା ହେଲା ବାଣ ଫୁଟାକୁ ନିୟନ୍ତ୍ରଣ କରିବା ଏବଂ ସବୁଜ ଓ ପ୍ରଦୂଷିତ ଆତସବାଜି ମଧ୍ୟରେ ଥିବା ପାର୍ଥକ୍ୟ ଦେଖିବାକୁ ସରକାର କିମ୍ବା ପୁଲିସ ପ୍ରଶାସନ ପାଖରେ ଯଥେଷ୍ଟ ଲୋକଶକ୍ତି ତଥା ସାଧନ ନାହିଁ। ତେଣୁ ଅଦାଲତ ଅଥବା ସରକାରୀ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାର ବ୍ୟବସ୍ଥାଟି ଅତ୍ୟନ୍ତ ଦୁର୍ବଳ ହୋଇ ପଡ଼ିଛି। ତେଣୁ ବାଣ ଯେପରି ଫୁଟୁଥିଲା, ତା’ଠାରୁ ଅଧିକ ଫୁଟୁଛି ଏବଂ ତତ୍‌ଜନିତ ପ୍ରଦୂଷଣ ବଢ଼ିବାରେ ଲାଗିଛି। ବାଣଫୁଟାକୁ ନିୟନ୍ତ୍ରଣ କରିବାକୁ ହେଲେ ପ୍ରଥମେ ଉତ୍ପାଦନର ଉତ୍ସକୁ ଜଗିବାକୁ ପଡ଼ିବ। ବାଣ ପ୍ରସ୍ତୁତି, ଚାଲାଣ ଓ ବିକ୍ରିବଟା ଉପରେ ସରକାରୀ କଟକଣା ବା ନିଷେଧାଦେଶ ଆଗୁଆ ରହିଲେ ବାଣ ବ୍ୟବହାର କମି ପାରନ୍ତା। କିନ୍ତୁ ସଚେତନ ଓ କଟକଣା ଦାୟିତ୍ୱରେ ଥିବା ପକ୍ଷ ଯଦି ବାଣ କିଣା ଓ ବାଣ ଫୁଟାକୁ ଆନନ୍ଦ ନାମରେ ଅଗ୍ରାଧିକାର ଦେବ ତେବେ ବାଣଫୁଟା କମିବ କେମିତି?

ଏକଦା ଆନନ୍ଦର ଉତ୍ସ ଆତସ ଏବେ ଆତଙ୍କର ରୂପ ନେବାରେ ଲାଗିଛି। ବେଳ ହୁଁ ସଚେତନ ନ ହେଲେ ଏହି ଅଦୃଶ୍ୟ ଆତଙ୍କ ଆମ ପରିବେଶ ସହିତ ଉତ୍ତରପିଢ଼ିଙ୍କୁ ପଙ୍ଗୁ କରିଦେବା ଅସମ୍ଭବ ନୁହେଁ। ‘ରୋଗୀଣା ଭାରତ’ର ଅପବାଦ ଅର୍ଜନ କରିବା ପୂର୍ବରୁ ଏବେଠାରୁ ପ୍ରତିକାର ଓ ପ୍ରତିରୋଧ ଆରମ୍ଭ ହେବା ଆବଶ୍ୟକ। ନ ହେଲେ ଉତ୍ତରପିଢ଼ି ଆମକୁ କ୍ଷମା ଦେବ ନାହିଁ। ଏ ଦାୟିତ୍ୱ ଏବେ ଅଭିଭାବକଙ୍କର।

# ଗଣତନ୍ତ୍ରର ବିବର୍ତ୍ତନଧାରା

ଡ.ବିମଳ ଷଡ଼ଙ୍ଗୀ

ଭେନେଜୁଏଲାର ବିରୋଧୀଦଳ ନେତ୍ରୀ ତଥା ଗଣତାନ୍ତ୍ରିକ ଦଳ ‘ଭେଣ୍ଟ ଭେନେଜୁଏଲା’ର ପ୍ରତିଷ୍ଠାତା ନେତ୍ରୀ ମାରିଆ କୋରିନା ମାଚାଡୋ ୨୦୨୫ମସିହାର ଶାନ୍ତି ନୋବେଲ ପୁରସ୍କାର ପାଇଁ ମନୋନୀତ ହେବା ଅତ୍ୟନ୍ତ ଖୁସିର ଖବର। ମାତ୍ର ଭେନେଜୁଏଲାରେ ପୂର୍ବ ପ୍ରଚଳିତ ଗଣତନ୍ତ୍ରର ବିଲୟ ପ୍ରକ୍ରିୟା ମଧ୍ୟ ପ୍ରଣିଧାନଯୋଗ୍ୟ। ଭେନେଜୁଏଲା ଏକଦା ଲାଟିନ୍ ଆମେରିକାର ସବୁଠାରୁ ସ୍ଥିର ଗଣତାନ୍ତ୍ରିକ ରାଷ୍ଟ୍ର ମଧ୍ୟରୁ ଗୋଟିଏ ଥିଲା, ଯାହାର ଶାସନ ବ୍ୟବସ୍ଥା ଗଣତନ୍ତ୍ରରୁ ଏକଛତ୍ରବାଦୀକୁ ପରିବର୍ତ୍ତନ ଅପ୍ରତ୍ୟାଶିତ ନଥିଲା। ଏହା ଏକ ଧୀର ଲୁକ୍କାୟିତ ପ୍ରକ୍ରିୟା ମାଧ୍ୟମରେ ଗଣତନ୍ତ୍ରର ତଥାକଥିତ ନେତାମାନଙ୍କ ଦ୍ୱାରା ରଚିତ ହୋଇଥିଲା। ଅର୍ଥାତ ନେତାମାନେ ଯେତେବେଳେ କୌଣସି ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଭିତରୁ ଫାଙ୍କା କରି ସ୍ୱେଚ୍ଛାଚାରୀ ପଦକ୍ଷେପକୁ ଯଥାର୍ଥ ଦର୍ଶାନ୍ତି, ପ୍ରତାରଣା ପୂର୍ଣ୍ଣ ଭାଷଣବାଜି ଓ ନୀଚକାର୍ଯ୍ୟ ସାହାରାରେ ନିଜ ସପକ୍ଷରେ ଜନସମର୍ଥନର ଫଳାଫଳକୁ ଅକ୍ତିଆର କରନ୍ତି ଏବଂ ଆଇନକୁ ରାଜନୀତିକରଣ, ଭିନ୍ନମତକୁ ଦମନ, ସଂସ୍ଥାଗତ ବ୍ୟବସ୍ଥାକୁ ଭାଙ୍ଗିବା ଆଦି କାର୍ଯ୍ୟରେ ଲିପ୍ତ ହୁଅନ୍ତି, ସେତେବେଳେ ଗଣତନ୍ତ୍ର ବିପଦରେ ପଡ଼ିଥାଏ।

ପ୍ରତ୍ୟେକ ଦେଶର ସମ୍ବିଧାନର ନିୟମ ଅନୁସାରେ କିଛି ରାଜନୈତିକ ଦଳ ସଂଖ୍ୟାଗରିଷ୍ଠ ଜନତାଙ୍କ ଭୋଟ ଆଧାରରେ ଶାସନ କ୍ଷମତାକୁ ଆସି ଜନତାଙ୍କ ପାଖରେ ଉତ୍ତରଦାୟୀ ରହି ଜନତାଙ୍କ ସୁଖ, ଶାନ୍ତି, ସମୃଦ୍ଧି, ବିକାଶ ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି ସମସ୍ୟାକୁ ସମାଧାନ କରିବାର ସଂକଳ୍ପ ନେଇଥା’ନ୍ତି। ମାତ୍ର ଗଣତନ୍ତ୍ରର ଯାତ୍ରା ଦାର୍ଶନିକ ବିତର୍କ, ରାଜନୈତିକ ସଂଘର୍ଷ, ଭ୍ରଷ୍ଟାଚାର, ଆତ୍ମକୈନ୍ଦ୍ରିକ ଆଚାର, ହିଂସା, ପରଶ୍ରୀକାତରତା, କ୍ଷମତାର ଅପବ୍ୟବହାର ଆଦି ସାମାଜିକ ପରିବର୍ତ୍ତନରେ ପରିପୂର୍ଣ୍ଣ ହୋଇଚାଲେ। ଗଣତନ୍ତ୍ର ବାସ୍ତବତାରୁ ବହୁଦୂରକୁ ଚାଲିଯାଏ। ଗଣତନ୍ତ୍ରକୁ ଅପବ୍ୟବହାର କରି ବିଜୟୀ ଦଳର ଏକଛତ୍ରବାଦୀ କାର୍ଯ୍ୟକଳାପ ନୂତନ ପିଢ଼ିର ସ୍ଥାୟିତ୍ୱ ପାଇଁ ବିପଦ ଆଣେ।

ଖ୍ରୀଷ୍ଟପୂର୍ବ ପଞ୍ଚମ ଶତାବ୍ଦୀରୁ ଗଣତନ୍ତ୍ର ତା’ର ଜନ୍ମସ୍ଥାନ ଏଥେନ୍ସରୁ ଯାତ୍ରା ଆରମ୍ଭ କରିଥଲା। ୧୭୮୯ ମସିହାର ଫରାସୀ ରାଷ୍ଟ୍ର ବିପ୍ଳବ ଏବଂ ବିଂଶ ଶତାବ୍ଦୀରେ ବିଶ୍ୱଯୁଦ୍ଧ ଓ ଉପନିବେଶୀକରଣ ଆନ୍ଦୋଳନ ପରେ ୟୁରୋପ, ଏସିଆ ଓ ଆଫ୍ରିକାରେ ଅନେକ ନୂତନ ଗଣତାନ୍ତ୍ରିକ ରାଷ୍ଟ୍ର ଗଠନ ହୋଇଥିଲା। ଆମେରିକାରେ ନାଗରିକ ଅଧିକାର ଆନ୍ଦୋଳନ, ମହିଳା ମତଦାନ, ବର୍ଣ୍ଣବୈଷମ୍ୟ ବିରୋଧୀ ଆନ୍ଦୋଳନ, ୧୯୪୭ ରୁ ୧୯୯୧ ମସିହା ମଧ୍ୟରେ ଗଣତାନ୍ତ୍ରିକ ପୁଞ୍ଜିବାଦୀ ବ୍ୟବସ୍ଥା ଏବଂ ସାମ୍ୟବାଦୀ ଶାସନ ମଧ୍ୟରେ ଏକ ବିଶ୍ୱ ଏକ ଆଦର୍ଶଗତ ଯୁଦ୍ଧ ଦେଖିଥିଲା। ବିଂଶ ଶତାବ୍ଦୀରେ ଭାରତ ପରି ବୃହତ ଗଣତାନ୍ତ୍ରିକ ରାଷ୍ଟ୍ରର ଜନ୍ମପରେ ସାରା ବିଶ୍ୱରେ ଗଣତନ୍ତ୍ର ପ୍ରତି ଆଗ୍ରହ ବୃଦ୍ଧି ପାଇଥିଲା। ମାତ୍ର ନିକଟରେ ବାଂଲାଦେଶ, ଶ୍ରୀଲଙ୍କା, ନେପାଳ, ବୁର୍କିନା ଫାସୋ ଆଦି ଦେଶଗୁଡ଼ିକରେ ଗଣତାନ୍ତ୍ରିକ ବ୍ୟବସ୍ଥାର ଅପ୍ରାସଙ୍ଗିକ ରୂପକୁ ନୂଆ ଢଙ୍ଗରେ ଉପସ୍ଥାପନ କରିବାର ପ୍ରୟାସ ଆଜି ଗଣତନ୍ତ୍ରର ସଂଜ୍ଞା ପରିବର୍ତ୍ତନ କରିଦେଇଛି।

ପ୍ରଚଳିତ ଗଣତାନ୍ତ୍ରିକ ବ୍ୟବସ୍ଥାର ବିକୃତ ରୂପ ପାଇଁ ୨୦୨୫ମସିହା ସେପ୍ଟେମ୍ବର ମାସ ପ୍ରାରମ୍ଭରେ ନେପାଳରେ ଏକ ବିସ୍ଫୋରଣ ସୃଷ୍ଟି କରିଥିଲା। ନେପାଳର ସମ୍ବିଧାନ ମତାମତ ଏବଂ ବିଭିନ୍ନ ସଭାର ସ୍ୱାଧୀନତା ଶାନ୍ତିପୂର୍ଣ୍ଣ ପ୍ରତିବାଦକୁ ଏକ ମୌଳିକ ଗଣତାନ୍ତ୍ରିକ ଅଧିକାର ଦେଇଥାଏ। ଜାତିଗତ, ଆଞ୍ଚଳିକ ଓ ପରିଚୟଭିତ୍ତିକ ଆନ୍ଦୋଳନ ଗଣତାନ୍ତ୍ରିକ ଭାବରେ ଉପେକ୍ଷିତ ଗୋଷ୍ଠୀ ଯଥା ମାଧେସୀ, ଥରୁ, ଜନଜାତି, ଦଳିତ ଉପରେ ହେଉଥିବା ଅଶାନ୍ତିର ପ୍ରତିବାଦ ସ୍ୱରୂପ ଆରମ୍ଭ ହୋଇଥିଲା ଏବଂ ତାହା ଶାନ୍ତିପୂର୍ଣ୍ଣ ପ୍ରତିବାଦ ଥିଲା। ମାତ୍ର ଶାସକ ଦଳର ହିଂସାତ୍ମକ କାର୍ଯ୍ୟାନୁଷ୍ଠାନ, ଅତ୍ୟଧିକ ବଳ ପ୍ରୟୋଗ କିମ୍ବା ମନମୁଖି ଗିରଫଦାରୀ ଅଗଣତାନ୍ତ୍ରିକ ଥିଲା। ଏକ ଗଣତାନ୍ତ୍ରିକ ରାଷ୍ଟ୍ର ଦମନ ନୁହେଁ, ବରଂ ଆଲୋଚନା ଏବଂ ଆଇନଗତ ପ୍ରତିକାର ସହିତ ପ୍ରତିକ୍ରିୟା ଦେବା ଉଚିତ। ପ୍ରତିବାଦ ଉପରେ କଟକଣା, ରାଜନୈତିକ ଅଚଳାବସ୍ଥା ସମୟରେ ନାଗରିକ ସମାଜ ପ୍ରତିବାଦ ବିରୁଦ୍ଧରେ ପୁଲିସ କାର୍ଯ୍ୟାନୁଷ୍ଠାନ, ନ୍ୟାୟିକ ସ୍ୱାଧୀନତା ଏବଂ ଆଇନର ଶାସନ ଉପରେ ବିବାଦ ସହିତ ଜଡ଼ିତ ଅଶାନ୍ତି, ସାମ୍ବିଧାନିକ ବିଳୟ, ଦୁର୍ନୀତି ମାମଲା, ଗଣତାନ୍ତ୍ରିକ ପ୍ରତିଷ୍ଠାନର ଭଙ୍ଗୁରତାକୁ ସୂଚାଉଥିଲା। ଯେତେବେଳେ ନେତାମାନେ ଜନକଲ୍ୟାଣ ଅପେକ୍ଷା ଦଳୀୟ ଓ ନିଜର ସ୍ୱାର୍ଥକୁ ଅଗ୍ରାଧିକାର ଦିଅନ୍ତି ସେତେବେଳେ ଜନଅସନ୍ତୋଷ ଦେଖାଯାଏ।

ଶ୍ରୀଲଙ୍କାରେ ପୂର୍ବତନ ରାଷ୍ଟ୍ରପତି ରାଜପକ୍ଷେ ପରିବାରର ପ୍ରାଧାନ୍ୟ, ମିଥ୍ୟା ଲୋକବାଦୀ ଭାଷଣବାଜି ମାଧ୍ୟମରେ କ୍ଷମତାର କେନ୍ଦ୍ରୀକରଣ, ରାଷ୍ଟ୍ର ସମ୍ବଳର ଅପବ୍ୟବହାର ଯୋଗୁଁ ଗଣତାନ୍ତ୍ରିକ ସନ୍ତୁଳନର କ୍ଷୟ ହୋଇଥିଲା। ତେଣୁ ଆର୍ଥିକ ଅସ୍ଥିରତା ଏବଂ ଅସମାନତା, ଉଚ୍ଚ ଦାରିଦ୍ର୍ୟ, ବେକାରୀ ଓ ମୁଦ୍ରାସ୍ଫୀତି ଗଣତାନ୍ତ୍ରିକ ସରକାର ଉପରେ ବିଶ୍ୱାସକୁ ହ୍ରାସ କରିଥିଲା। ଫଳରେ ୨୦୨୨ମସିହାରେ ଶ୍ରୀଲଙ୍କାର ଅର୍ଥନୈତିକ ପତନ ଜନବିରୋଧ ସୃଷ୍ଟି କରିଥିଲା, ଯାହା ରାଷ୍ଟ୍ରପତିଙ୍କ ଇସ୍ତଫାର କାରଣ ହୋଇଥିଲା। ଏହା ଗଣତାନ୍ତ୍ରିକ ଅବକ୍ଷୟର ଏକ ସଙ୍କେତ ଭାବରେ ଗଭୀର ବ୍ୟବସ୍ଥାଗତ ବିଫଳତାକୁ ସୂଚିତ କରିଥିଲା।

ବାଂଲାଦେଶରେ ଧର୍ମନିରପେକ୍ଷ ଓ ଇସଲାମିକ ଶକ୍ତି ମଧ୍ୟରେ ଉତ୍ତେଜନା ରାଜନୈତିକ ଅସ୍ଥିରତା ଏବଂ ସଂଖ୍ୟାଲଘୁ ଅଧିକାର ପ୍ରତି ବିପଦ ସୃଷ୍ଟି କରିଛି। ବାହ୍ୟ ପ୍ରଭାବ ଭାବରେ କିଛି ଶକ୍ତିଶାଳୀ ଦେଶ, ଆଞ୍ଚଳିକ ପ୍ରତିଦ୍ୱନ୍ଦ୍ୱୀ କେତେକ ସମୟରେ ଘରୋଇ ରାଜନୀତିରେ ହସ୍ତକ୍ଷେପ କରିପାରନ୍ତି ବା ଶାସନକୁ ସମର୍ଥନ କରିପାରନ୍ତି କିମ୍ବା ନିଜ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ଗଣତନ୍ତ୍ରକୁ ଦୁର୍ବଳ କରିପାରନ୍ତି। ତେଣୁ ଶାସନରେ ରହିବାକୁ ହେଲେ ଦେଶ ଭିତର ସମସ୍ୟା ସହିତ ବାହ୍ୟଶତ୍ରୁଙ୍କ କାର୍ଯ୍ୟକଳାପକୁ ସବୁସମୟରେ ନଜର ରଖିବାକୁ ପଡ଼ିଥାଏ। ସେହିପରି୧୯୮୪ ମସିହାରେ ସ୍ୱାଧୀନ ରାଷ୍ଟ୍ର ବୁର୍କିନା ଫାସୋ ଏକ ବିକାଶଶୀଳ ଦେଶ ରୂପେ ଆତ୍ମପ୍ରକାଶ କରିଥିଲେ ହେଁ ଦୁର୍ନୀତି, ଅନ୍ୟାୟ, ପ୍ରିୟାପ୍ରୀତି ତୋଷଣ, ବେକାରି, ଖାଦ୍ୟାଭାବ ଆଦି ପ୍ରମୁଖ କାରଣ ସହିତ ମାଲି, ନିଜେର୍, ଗିନି ଭଳି ପଡ଼ୋଶୀ ଦେଶଗୁଡ଼ିକର ସାମରିକ ବିପ୍ଳବ ସେମାନଙ୍କୁ ସାମରିକ ଶାସନ ପ୍ରତି ଆକୃଷ୍ଟ କରିଥିଲା।

ଏସବୁକୁ ଅନୁଧ୍ୟାନ କଲେ ଆମେ ଦେଖିବା ଯେ ଆଧୁନିକ ଯୁଗରେ ଗଣତନ୍ତ୍ରର ପରିଭାଷାକୁ ପୁନଃ ବ୍ୟାଖ୍ୟା କରାଯିବାର ସମୟ ଆସିଯାଇଛି। ଡିଜିଟାଲ ଯୁଗରେ ପୁରୁଣା ଗଣତନ୍ତ୍ର ପଦ୍ଧତିକୁ ନୂଆ ରୂପରେ କିଛି ଉଦାହରଣ ସହିତ ବିକଶିତ କରାଯାଇପାରେ ଏବଂ ଏକ ମୌଳିକ ଉପାଦାନ ଭାବରେ ଡିଜିଟାଲ ଅଂଶଗ୍ରହଣକୁ ଅନ୍ତର୍ଭୁକ୍ତ କରି ଗଣତନ୍ତ୍ରକୁ ବିକଶିତ କରାଯାଇପାରେ। ଏଷ୍ଟୋନିଆ, ବ୍ରାଜିଲ ନ୍ୟୁୟର୍କ, କାଲିଫର୍ଣ୍ଣିଆ, ନ୍ୟୁଜିଲ୍ୟାଣ୍ଡର ‘ନାଗରିକ ସଭା’, ଫିନଲ୍ୟାଣ୍ଡର ଗଣତାନ୍ତ୍ରିକ ଶିକ୍ଷା ବ୍ୟବସ୍ଥା ଓ ସମାଲୋଚନାତ୍ମକ ଚିନ୍ତାଧାରା ସହିତ ‘ଡିଜିଟାଲ୍ ଗଣତନ୍ତ୍ର’ ଆଡ଼କୁ ଅଗ୍ରସର ହେଉଛନ୍ତି, ଯାହା ନାଗରିକମାନଙ୍କୁ ଅନଲାଇନରେ ଭୋଟ ଦେବା ଏବଂ ଇ-ସରକାରୀ ସେବାରେ ଅଂଶଗ୍ରହଣ କରିବାର ଅନୁମତି ଦେଇଛି। କେବଳ ନୀତି ଉପରେ ଭୋଟ ଦେବା ପରିବର୍ତ୍ତେ, ନାଗରିକମାନେ ଅର୍ଥପୂର୍ଣ୍ଣ ଆଲୋଚନା, ବିତର୍କ ଏବଂ ନିଷ୍ପତ୍ତି ଗ୍ରହଣରେ ସାମିଲ ହୋଇପାରୁଛନ୍ତି। ଭବିଷ୍ୟତ ପାଇଁ ଏକ ଶିକ୍ଷିତ ଭୋଟର ଭାବରେ ନିଜର ଅଧିକାର ସର୍ବତ୍ର ସାବ୍ୟସ୍ତ କରିପାରୁଛନ୍ତି। ହାନ ନା ଆରେଣ୍ଟ କହିଥିଲେ ଯେ ଏକ ଗୋଷ୍ଠୀତାନ୍ତ୍ରିକ ଶାସନ ମଣିଷର ବ୍ୟକ୍ତିଗତ ଭାବନା, ମତ ଓ ଶ୍ରଦ୍ଧାକୁ ଧ୍ୱଂସ କରେ। ସେ ବିଶ୍ୱାସ କରୁଥିଲେ ଯେ ମଣିଷ ମଧ୍ୟରେ ବିଭିନ୍ନତା ଅତ୍ୟନ୍ତ ସ୍ୱାଭାବିକ, ଯାହା ଆବଶ୍ୟକ। ଅର୍ଥାତ ଦୁଇଜଣ ଲୋକ କେବେ ବି ସମାନ ହୋଇପାରିବେ ନାହିଁ। ତାଙ୍କ ମତରେ ଏହି ବିଭିନ୍ନତା ମଧ୍ୟରେ ମତ ଭିନ୍ନତା, ସଂଘର୍ଷ ଓ ଆଲୋଚନା ଦ୍ୱାରା ଲୋକତନ୍ତ୍ର ଶକ୍ତିଶାଳୀ ହୁଏ।

ଗାଲଟୁଙ୍ଗ୍ କହିଥିଲେ ଯେ ହିଂସା କେବଳ ଶାରୀରିକ ନୁହେଁ। ସମାଜ ଓ ରାଜନୈତିକ ପ୍ରଣାଳୀ ମଧ୍ୟରେ ଥିବା ଅନ୍ୟାୟ ବ୍ୟବସ୍ଥା ମଧ୍ୟ ହିଂସା ରୂପ। ଦାରିଦ୍ର୍ୟ, ଶିକ୍ଷାର ଅଭାବ, ଜାତିବାଦ, ଲିଙ୍ଗ ବେଦଭାବ, ଏମାନେ ଗୁପ୍ତ ହିଂସାର ଆକାର। ବିବିଧତା ହେଉଛି ପାର୍ଥକ୍ୟତାର ଏକ ଉତ୍ସବ ଏବଂ ପାର୍ଥକ୍ୟ ହେଉଛି ଗଣତନ୍ତ୍ରର ଏନଜାଇମ୍। ଗଣତନ୍ତ୍ରକୁ ବହୁସଂଖ୍ୟକବାଦର ଆବଶ୍ୟକତା ନାହିଁ। ଏହାକୁ ବହୁସଂଖ୍ୟକବାଦର ଆବଶ୍ୟକତା ଅଛି। ଗଣତନ୍ତ୍ର କେବଳ ଅଧିକାଂଶ ଲୋକଙ୍କ ସ୍ୱାର୍ଥ ପାଇଁ ନୁହେଁ, ବରଂ ସବୁଲୋକଙ୍କ ସ୍ୱାର୍ଥ ପାଇଁ ଆବଶ୍ୟକ। ଯେଉଁ ଦେଶରେ ଇଣ୍ଟରନେଟର ସୁବିଧାକୁ ରାଜନୀତିକରଣ କରାଯାଇଛି କିମ୍ବା ଦୁର୍ବଳ କରାଯାଇଛି ସେଠାରେ ନେତାମାନେ କ୍ଷମତାକୁ ଅପବ୍ୟବହାର କରିପାରିବେ ଏବଂ ବିରୋଧୀଙ୍କୁ ନିରବ କରିପାରିବେ, ସଂଖ୍ୟାଲଘୁଙ୍କୁ ଆକ୍ରମଣ କରିପାରିବେ, ଧର୍ମ ନାମରେ ବିଭେଦ ସୃଷ୍ଟିକରିପାରିବେ, ଦେଶକୁ ଋଣଗ୍ରସ୍ତକରି ନିଜର ବା ନିଜ ଦଳର ପାଣ୍ଠି ବୃଦ୍ଧି କରିପାରିବେ, ନିଜର ପରିବାରକୁ ଅଧିକ ବିତ୍ତଶାଳୀ, କ୍ଷମତାଶାଳୀ କରି ନିଜର ପ୍ରକୃତ ଦାୟିତ୍ୱ ଏଡ଼ାଇ ପାରିବେ। ଯେତେବେଳେ ରାଜନୈତିକ ନେତାମାନେ କ୍ଷମତା ହାସଲ ପାଇଁ ଗଣତନ୍ତ୍ରକୁ କେବଳ ଏକ ଉପକରଣ ଭାବରେ ବ୍ୟବହାର କରନ୍ତି ଏବଂ ଗଣତାନ୍ତ୍ରିକ ମାନଦଣ୍ଡକୁ ଦୁର୍ବଳ କରନ୍ତି, ସେତେବେଳେ ଗଣତନ୍ତ୍ର ନିଜର ସତ୍ତା ହରାଏ। ଭବିଷ୍ୟତ ଗଣତନ୍ତ୍ରକୁ ନୈତିକତାର ଏକ ନୂତନ ଭାବନା ଏବଂ ବିଜ୍ଞାନ ଅପେକ୍ଷା ଅଧିକ ଉଦ୍ଭାବନଶୀଳ ହେବା ଆବଶ୍ୟକ। ଗଣତନ୍ତ୍ରକୁ ସମୃଦ୍ଧ, ସୁରକ୍ଷିତ ଓ ଶକ୍ତିଶାଳ କରିବା ପାଇଁ ବିଶେଷଜ୍ଞମାନଙ୍କ ଅପେକ୍ଷା ସମସ୍ତ ନାଗରିକ ନୀତି ନିର୍ଦ୍ଧାରଣର ଏକ ଅଂଶ ହେବା ଜରୁରୀ।

ଭୁବନେଶ୍ୱର, ମୋ: ୯୪୩୭୧୨୩୮୯୨

# ବୁଭୁକ୍ଷୁର ମାନସିକତା

ପ୍ରଶାନ୍ତ ମିଶ୍ର

ଭୋକ କାହାକୁ ଛାଡ଼େ ନାହିଁ। ଜିତେନ୍ଦ୍ରିୟ ମୁନିଋଷିଙ୍କଠାରୁ ଆରମ୍ଭ କରି ସାଧାରଣ ମଣିଷ, ପଶୁ, ପକ୍ଷୀ, କୀଟ, ପତଙ୍ଗ ସମସ୍ତଙ୍କୁ ଗ୍ରାସ କରେ। ଏପରି କି ଅମୃତ ପିଇଥିବା ଅମରମାନେ ବି ଭୋକର କବଳରୁ ନିଜକୁ ବଞ୍ଚାଇ ପାରନ୍ତି ନାହିଁ। ନଡ଼ିଆ କଦଳୀଠାରୁ ଆରମ୍ଭ କରି ପଶୁପକ୍ଷୀଙ୍କ ରକ୍ତ ପର୍ଯ୍ୟନ୍ତ ବହୁଜିନିଷ ଭୋଗ ଲଗାଇ ଭକ୍ତଙ୍କୁ ତେଣୁ ସେମାନଙ୍କ କ୍ଷୁଧା ମେଣ୍ଟାଇବା ପାଇଁ ପଡ଼େ। ଏହାଛଡ଼ା ଭୋକିଲା ପ୍ରାଣୀ ଆଗରେ ପାରମ୍ପରିକ ରୀତିସମ୍ମତ ଖାଦ୍ୟର କୌଣସି ମହତ୍ତ୍ୱ ରହେ ନାହିଁ। ଯାହା ତା’ ଆଖିରେ ପଡ଼େ ସେ ଖାଇଯାଏ। ଭାବେ ତା’କୁ ମିଳିଥିବା ଜିନିଷ ହିଁ ତା’ର ଖାଦ୍ୟ ଏବଂ ସେ ଖାଦ୍ୟ ଉପରେ ତା’ର ପ୍ରଥମ ଅଧିକାର। ସେଇଥିପାଇଁ ବୋଧେ କବି ସଚ୍ଚି ରାଉତରାୟ ଲେଖିଥିଲେ - ‘ଖାଦ୍ୟ ଥାଉ ଯେଉଁଠାରେ ତାହା ମୋର, ଯେଣୁ ମୁଁ କ୍ଷୁଧାର୍ତ୍ତ / ଥାଉ ତାହା ପୁଲିସ ଘେରରେ ଅବା କାହା ଗୋଦାମେ ଖମାରେ ତାହା ମୋର ଅଗ୍ର ଦାବି / ମୋ କ୍ଷୁଧାର ଅଂଶ।’

ଶାସ୍ତ୍ର ବି କ୍ଷୁଧାର୍ତ୍ତ ମଣିଷର ଅପାରମ୍ପରିକ ଖାଦ୍ୟ ଭକ୍ଷଣକୁ ସମର୍ଥନ କରେ। କହେ - ଏହା ଆପଦ ଧର୍ମର ରୀତି। ଅର୍ଥାତ ଆପଦ କାଳରେ ମଣିଷ ପ୍ରତିଷ୍ଠିତ ଧର୍ମ ଓ ପରମ୍ପରା ଅନୁଯାୟୀ ବର୍ଜନୀୟ କାର୍ଯ୍ୟ ବି କରିପାରେ। ଜୀବନ ଜଟିଳ। ମଣିଷ ଜୀବନ ଜଟିଳତର। କୌଣସି କଳାଧଳା ଡବାରେ ମଣିଷ ଜୀବନକୁ ରଖି ତା’ର ମୂଲ୍ୟାୟନ ସମ୍ଭବ ନୁହେଁ। ତେଣୁ ପ୍ରତିଷ୍ଠିତ ଧର୍ମ ପରମ୍ପରା ଆଧାରିତ ମୂଲ୍ୟବୋଧ ସବୁପ୍ରକାର ପରିସ୍ଥିତିର ମୁକାବିଲା ପାଇଁ ମଣିଷର ସହାୟକ ନ ହେବା ଏକ ସ୍ୱାଭାବିକ କଥା। କେତେକ ସୂତ୍ରରୁ ଜଣାପଡ଼େ ଯେ ବୁଦ୍ଧ ମାଂସାହାରକୁ ଉତ୍ସାହିତ କରୁ ନଥିଲେ। ତେବେ ଭୋକ ମେଣ୍ଟାଇବା ପାଇଁ ଭିକ୍ଷା ରୂପେ ଯାହା ବି ମିଳୁଥିଲା ତା’କୁ ଗ୍ରହଣ କରିବାରେ କୌଣସି ଆପତ୍ତି ନଥିଲା ତାଙ୍କର। ଭିକ୍ଷା ରୂପେ ମିଳିଥିବା ଦୂଷିତ ଘୁଷୁରି ମାଂସରେ ପ୍ରସ୍ତୁତ ଖାଦ୍ୟ ହିଁ ବୁଦ୍ଧଙ୍କ ମୃତ୍ୟୁର କାରଣ ହୋଇଥିଲା।

ମଧ୍ୟଯୁଗୀୟ ୟୁରୋପରେ ଖାଦ୍ୟାଭାବ ବେଳେ ଲୋକମାନେ ଘାସ, ବଣୁଆ ଗୁଳ୍ମ, ଗଛର ବକ୍କଳ ପ୍ରଭୃତି ଖାଉଥିଲେ। ଯୁଦ୍ଧ ଓ ଦୁର୍ଭିକ୍ଷ ସମୟରେ କ୍ଷୁଧାର୍ତ୍ତ ମଣିଷକୁ ମୂଷା, ବିଲେଇ ଶିକାର କରି ଏବଂ ଚମଡ଼ା ସିଝାଇ ଖାଇବାକୁ ପଡୁଥିଲା। ୧୯୪୩ର ‘ବେଙ୍ଗଲ୍ ଦୁର୍ଭିକ୍ଷ’ ବେଳେ ଆଉ ଘଡ଼ିଏ ବଞ୍ଚି ରହିବା ପାଇଁ ଲୋକମାନେ ଅଖାଦ୍ୟ ଖାଉଥିଲେ ବା ଭୋକରେ ଛଟପଟ ହୋଇ ମରୁଥିଲେ। ଆଜି ବି ଭୋକରେ ମଣିଷ ମରୁଛି। ବୈଶ୍ୱିକ କ୍ଷୁଧାସୂଚୀ(ଗ୍ଲୋବାଲ୍ ହଙ୍ଗେର୍ ଇଣ୍ଡେକ୍ସ - ଜିଏଚ୍ଆଇ) ର ଆକଳନ ଅନୁସାରେ ଭାରତ ଗୁରୁତର କ୍ଷୁଧା (ସିରିଅସ୍ ହଙ୍ଗର୍) ଶ୍ରେଣୀଭୁକ୍ତ। ଜନସଂଖ୍ୟାର ଏକ ବୃହତ୍ତର ଅଂଶ କ୍ଷୁଧାପୀଡ଼ିତ ଏ ଦେଶରେ। ୨୦୨୪ରେ ୧୨୭ ଦେଶକୁ ନେଇ ଜିଏଚ୍ଆଇ ଦ୍ୱାରା ଜାରି ସୂଚୀରେ ଭାରତର ସ୍ଥାନ ୨୭.୩ ପଏଣ୍ଟ ସହ ୧୦୫ତମ ସ୍ଥାନରେ ଥିଲା। ୨୦୨୫ରେ ବି ସେଥିରେ ବିଶେଷ କିଛି ପରିବର୍ତ୍ତନ ଆସିନାହିଁ। ୧୨୩ ଦେଶକୁ ନେଇ ଜିଏଚ୍ଆଇ ଦ୍ୱାରା ଜାରି ସୂଚୀରେ ଭାରତ ରହିଛି ୧୦୨ତମ ସ୍ଥାନରେ, ସେଇ ଗୁରୁତର କ୍ଷୁଧା ଶ୍ରେଣୀରେ।

ଏକ ରିପୋର୍ଟ ଅନୁଯାୟୀ ଭାରତର ୧୮୯.୨ ନିୟୁତ ଲୋକ ପେଟରେ ଭୋକର ନିଆଁ ନେଇ ରାତିରେ ଶେଯକୁ ଯାଆନ୍ତି। ଏମାନଙ୍କ ଭିତରେ ଶିଶୁ ଓ ମହିଳାଙ୍କ ସଂଖ୍ୟା ଅଧିକ। ଦାରିଦ୍ର୍ୟ, ଅସମାନତା, ଦୁର୍ନୀତି, ଖାଦ୍ୟର ସୀମିତ ସାନ୍ନିଧ୍ୟ, କୃଷି ଓ ଜୀବିକା ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ, ବେରୋଜଗାରୀ, ଦୁର୍ବଳ ପିଡିଏସ୍ ବ୍ୟବସ୍ଥା, ବିଷମ ସରକାରୀ ସହାୟତା ପ୍ରଭୃତି ଏହାର କାରଣ। ବିଶେଷକରି ଦୁର୍ଗମ ଗ୍ରାମାଞ୍ଚଳ ଓ ଦାରିଦ୍ର୍ୟ ପ୍ରପୀଡ଼ିତ ସହରୀ ବସ୍ତିମାନଙ୍କରେ ଭୋକର ସମସ୍ୟା ଉତ୍କଟ। ତେବେ ଏକଥା ସତ ଯେ ଭୋକ କୌଣସି ଗ୍ରାମୀଣ କି ଆର୍ଥିକ ସମସ୍ୟା ନୁହେଁ। ଏହା ମଣିଷହିତ ବିରୋଧୀ ଏକ ସଙ୍କଟ ଏବଂ ଏହାର ନିରାକରଣ ଜରୁରୀ।

ଯେଉଁମାନେ ଖାଦ୍ୟାଭାବ କ’ଣ ଜାଣନ୍ତି ନାହିଁ ସେମାନେ ଭିନ୍ନ ଜାତିର ମଣିଷ। ବିଶ୍ୱ ଅସମାନତା ଲ୍ୟାବ ଦ୍ୱାରା ମାର୍ଚ୍ଚ ୨୦୨୪ରେ କରାଯାଇଥିବା ଏକ ସର୍ବେକ୍ଷଣ ଅନୁସାରେ ଦେଶ ସମ୍ପତ୍ତିର ୪୦.୧ ପ୍ରତିଶତ ସେମାନଙ୍କ ପାଖରେ। ଅନ୍ୟ କେତେକ ରିପୋର୍ଟ ମୁତାବକ ଏହା ୬୦ ପ୍ରତିଶତ। ଇଂରାଜୀରେ କହିଲେ ସେମାନେ ‘ଅଲଟ୍ରାହାଇ ନେଟ୍ ୱର୍ଥ(ୟୁଏଚ୍ଏନ୍‌ଡବ୍ଲ୍ୟୁ) ଓ ହାଇ ନେଟ୍‌ୱର୍ଥ(ଏଚ୍ଏନ୍‌ଡବ୍ଲ୍ୟୁ) ଶ୍ରେଣୀର ବ୍ୟକ୍ତି। ମତର୍ଣ୍ଣ ବୁର୍ଜୁଆ, ରାଜନୀତ. ଅର୍ଥନୀତି, ଶାସନ, ପ୍ରଶାସନ, ସାହିତ୍ୟ, ସଂସ୍କୃତି, ଗଣମାଧ୍ୟମ, ଧର୍ମ ସବୁକିଛି ଉପରେ ସେମାନଙ୍କ ପ୍ରଭାବ ବା ପ୍ରଭାବର ଛାଇ।

କାଶୀନଗର(ଗଜପତି)ମୋ: ୭୮୭୩୫୭୩୫୬୯

# ଆମ ବୃକ୍ଷଲତା ଆମ ଜୀବନ

ଇନ୍ଦ୍ରମାରିଷ

ପ୍ରକୃତି-ପରିବେଶ

ସୌଭାଗ୍ୟସୁନ୍ଦର

ଇନ୍ଦ୍ରମାରିଷ ହେଉଛି ଭାରତର ମୂଳଜାତ ଏକ କ୍ଷୁଦ୍ର ଉଦ୍ଭିଦ, ଯାହା ବର୍ତ୍ତମାନ ସାରାବିଶ୍ୱରେ ଉଷ୍ମମଣ୍ଡଳୀୟ ଓ ଉପ ଉଷ୍ମମଣ୍ଡଳୀୟ ଅଞ୍ଚଳରେ ବଢ଼ିଥାଏ। ଏହା ବଗିଚାରେ ଏକ ଉତ୍କୃଷ୍ଟ ଶୋଭା ବର୍ଦ୍ଧକ ହେଜ୍ ବା ବାଡ଼ ଉଦ୍ଭିଦ ଅଟେ। ଗୃହ ଆଭ୍ୟନ୍ତରୀଣ ଉଦ୍ଭିଦ ଭାବରେ ଇନ୍ଦ୍ରମାରିଷ ବାୟୁପ୍ରଦୂଷଣକୁ ଛାଣିବାରେ ସାହାଯ୍ୟ କରେ। ଏହା ସମୁଦ୍ର ପତ୍ତନଠାରୁ ୧୩୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ସ୍ଥାନରେ ଅନାବନା ଜମି, ରାସ୍ତା ପାର୍ଶ୍ୱ, ପଥୁରିଆ ପାହାଡ଼, ଜଙ୍ଗଲ ଦାଢ଼. ନଦୀ କୂଳ, କାନ୍ଥ ଫାଟରେ ବଢ଼ିଥାଏ।

ଇନ୍ଦ୍ରମାରିଷ ଏକ ରୁତୁଭିତ୍ତିକ ବା ବର୍ଷବ୍ୟାପୀ ଶାଖାଯୁକ୍ତ କ୍ଷୁପ ବା କ୍ଷୁଦ୍ର ଗୁଳ୍ମ। ପ୍ରାୟ ୩ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢୁଥିବା ଏହି ଗୁଳ୍ମର କାଣ୍ଡ ରେଖାଯୁକ୍ତ ଓ ନରମ କେଶଯୁକ୍ତ। ପତ୍ରଗୁଡ଼ିକ ଅଣ୍ଡାକାର ଆକାରର ଏବଂ ସବୁଜ, ଲାଲ, ଗୋଲାପୀ, ହଳଦିଆ କିମ୍ବା ତମ୍ବା ରଙ୍ଗର ବିଭିନ୍ନ ବର୍ଣରେ ଆସିଥାଏ। ପତ୍ର ଡେଙ୍ଗ ଲମ୍ବା, ପତ୍ରର ଧାର ମୂଳତଃ ୫ ଶିରା ବିଶିଷ୍ଟ ଏବଂ ତୀକ୍ଷ୍ଣ ବା କରତ-ଦନ୍ତି। ଏହାର ଅନନ୍ୟ ବହୁ ରଙ୍ଗୀ ପତ୍ର ପ୍ରଜାପତି ଏବଂ ବିଭିନ୍ନ ପକ୍ଷୀଙ୍କୁ ଆକର୍ଷିତ କରେ, ଯାହା ପରାଗ ସଙ୍ଗମରେ ସାହାଯ୍ୟ କରେ। କକ୍ଷରେ ଅବସ୍ଥିତ ପୁଷ୍ପୋଦ୍‌ଗମ କପ୍ ଆକୃତିର କୁଣ୍ଡଳି ଦ୍ୱାରା ଘୋଡ଼ାଇ ହୋଇ ରହିଥାଏ। ଅଣ୍ଡିରା ଫୁଲଗୁଡ଼ିକ ଛୋଟ, ଧଳା-ସବୁଜ ରଙ୍ଗର ଗୁଳ୍ମର ଉପର ଭାଗରେ ଏବଂ ମାଈ ଫୁଲଗୁଡ଼ିକ ସବୁଜ ରଙ୍ଗର ତଳ ଭାଗରେ ଅବସ୍ଥିତ। ଫଳ ୩-ଲୋବ ବା ପାଳ ବିଶିଷ୍ଟ।

ଇନ୍ଦ୍ରମାରିଷର ଅନେକ ପାରମ୍ପରିକ ଔଷଧୀୟ ବ୍ୟବହାର ଅଛି। ତାମିଲ ସିଦ୍ଧ ଔଷଧୀୟ ଶାସ୍ତ୍ରରେ ଇନ୍ଦ୍ରମାରିଷ ଉଚ୍ଚ ସ୍ଥାନ ଅଧିକାର କରେ। କାରଣ ଏହା ଶରୀରକୁ ପୁନର୍ଜୀବିତ କରେ ବୋଲି ବିଶ୍ୱାସ କରାଯାଏ। ଭାରତର ପାରମ୍ପରିକ ଔଷଧରେ ଏହାର ପତ୍ରଗୁଡ଼ିକୁ ଜଣ୍ଡିସ୍ ପ୍ରତିକାର ଭାବରେ ବ୍ୟବହୃତ କରାଯାଏ। ଏହାଛଡ଼ା ଆଜମା, ନିମୋନିଆ, କଫ, ଯକୃତ, ବୃକ୍କ, ଅନ୍ତନଳୀ କୃମି, ପେଟ ଯନ୍ତ୍ରଣା ....... ଆଦି ଚିକିତ୍ସାରେ ଏହା ଅନେକ ପ୍ରଭାବଶାଳୀ ଔଷଧୀ। ମାଡାଗାସ୍କର ଓ ମରିସସରେ ଏହାର ପତ୍ରର ଚୂର୍ଣ୍ଣ ଓ ରସକୁ ଲୁଣ ସହିତ ମିଶ୍ରିତ କରି କିମ୍ବା କାଢ଼ା କରି କାଛୁ କୁଣ୍ଡେଇ ଘା’ ଏବଂ ଅନ୍ୟାନ୍ୟ ଚର୍ମ ରୋଗ ଚିକିତ୍ସା ପାଇଁ ବ୍ୟବହାର କରାଯାଏ। ମାଡାଗାସ୍କରରେ ପତ୍ରର ଆବରଣକୁ ଶୁଦ୍ଧକାରୀ ଏବଂ ସିନ୍ଦୂର ଭାବରେ ମଧ୍ୟ ନିଆଯାଏ। ପୂର୍ବଆଫ୍ରିକାରେ ପତ୍ରର ରସକୁ ଆଖି ସଂକ୍ରମଣ ପାଇଁ ବ୍ୟବହାର କରାଯାଏ। ପତ୍ର ପାଉଡରକୁ ମାଗଟ ବା କୀଟ-ଆକ୍ରାନ୍ତ କ୍ଷତ ପାଇଁ ବ୍ୟବହାର କରାଯାଏ। ଏହାର କ୍ୱାଥ ରେଚକ ଅଟେ। ଏଥିରୁ ପ୍ରସ୍ତୁତ ହୋମିଓପାଥି ଔଷଧ ରକ୍ତ କାଶ, ଅର୍ଶ ରୋଗ, ବାୟୁ ଦୋଷ ଚିକିତ୍ସା ପାଇଁ ଉପଯୋଗୀ ଅଟେ। ଆଫ୍ରିକା ଓ ଭାରତରେ ଏହି ଗଛକୁ ଖାଦ୍ୟ ଭାବରେ ମଧ୍ୟ ବ୍ୟବହାର କରାଯାଉଥିବା ଜଣାଯାଏ। କିନ୍ତୁ ଏଥିରେ ଅନେକ ଆଲକାଲଏଡ୍ ସହିତ ହାଇଡ୍ରୋସାଇନିକ୍ ଏସିଡ୍ ରହିଥିବାରୁ ଖାଇବା ବେଳେ ସତର୍କତା ଅବଲମ୍ବନ କରିବା ଆବଶ୍ୟକ।

ଇନ୍ଦ୍ରମାରିଷରେ ଆକାଲିଫିନ୍ ନାମକ ଏକ ସାଇନୋଜେନିକ୍ ଗ୍ଲାଇକୋସାଇଡ୍ (ଏକ ୩-ସାଇନୋପାଇରିଡୋନ୍ ଡେରିଭେଟିଭ୍) ଏବଂ ଫ୍ଲାଭୋନଏଡ୍ସ, ଯେପରିକି କ୍ୟାମ୍ପଫେରୋଲ୍ ଗ୍ଲାଇକୋସାଇଡ୍ ମୌରିଟିଆନିନ୍, କ୍ଲିଟୋରିନ୍, ନିକୋଟିଫ୍ଲୋରିନ୍ ଏବଂ ବାୟୋରୋବିନ୍ ଥାଏ। ଟ୍ୟାନିନ୍, ବିଟା-ସିଟୋଷ୍ଟେରୋଲ୍, ଆକାଲିଫାମାଇଡ୍, ଅରାଣ୍ଟିଆମାଇଡ୍, ସକ୍ସିନିମାଇଡ୍ ଏବଂ ଫ୍ଲିଣ୍ଡର୍ସିନ (ଏକ ପାଇରାନୋକ୍ୱିନୋଲିନୋନ୍ ଆଲକାଲଏଡ୍) ମଧ୍ୟ ଏଥିରୁ ପୃଥକ କରାଯାଇଛି। ଇନ୍ଦ୍ରମାରିଷ ସମେତ ଅନେକ ଉଦ୍ଭିଦର ଉଷ୍ମତା ଦ୍ୱାରା ବିଲେଇମାନେ ଆକର୍ଷିତ ହୋଇଥାନ୍ତି ଏବଂ ସେମାନେ ସେଗୁଡ଼ିକର ଗନ୍ଧ ବାସନା ପ୍ରତିକ୍ରିୟାରେ ଆନନ୍ଦଦାୟକ ଆଚରଣ ପ୍ରଦର୍ଶନ କରନ୍ତି। ବିଲେଇମାନଙ୍କୁ ଆକର୍ଷିତ କରୁଥିବା ଏଥିରେ ରହିଥିବା ରାସାୟନିକ ପଦାର୍ଥ ଗୁଡ଼ିକ ହେଉଛି ଇରିଡୋଇଡ୍ ଯୌଗିକ ଆଇସୋଡାଇଡ୍ରୋନପେଟୋଲାକ୍ଟନ୍ ଏବଂ ଆଇସୋଇରିଡୋମାଇର୍ମେସିନ୍।

ଇନ୍ଦ୍ରମାରିଷ ବିହନ ଦ୍ୱାରା ବଂଶ ବିସ୍ତାର କରାଯାଇପାରିବ। ଏହାକୁ ସର୍ବଦା ଉଜ୍ଜ୍ୱଳ ସୂର୍ଯ୍ୟକିରଣ, ମଧ୍ୟମ ତାପମାତ୍ରା, ପର୍ଯ୍ୟାପ୍ତ ପାଣି ଏବଂ ଆର୍ଦ୍ରତା ଉପଲବ୍ଧତା ବ୍ୟତୀତ ବିଶେଷ ଯତ୍ନର ଆବଶ୍ୟକତା ନାହିଁ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ ‘ସକାଳ’ ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ ‘ସକାଳ’ କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ପୀତବାସ ହତ୍ୟାକାଣ୍ଡ**

## ଜେରାରେ ସୀମିତ ରହିଯିବ କି ତଦନ୍ତ

ବ୍ରହ୍ମପୁର, ୧୯।୧୦ (ସମିସ): ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ସର୍ବସମ୍ମୁଖରେ ଗୁଳି କରି ହତ୍ୟା ଘଟଣାକୁ ଦୁଇ ସପ୍ତାହ ବିତିଗଲାଣି। ତଥାପି ଏଯାଏ ଅପରାଧୀଙ୍କ ଟେର୍ ପାଉନି ପୁଲିସ। ୬୦ରୁ ଅଧିକ ସିସିଟିଭି ଫୁଟେଜ୍ ଯାଞ୍ଚ ସହ ସନ୍ଦେହରେ ଶତାଧିକ ବ୍ୟକ୍ତିଙ୍କୁ ଅଟକ ରଖି ଜେରା କରିସାରିଲାଣି। କିଛି ଦିନ ତଳେ ହତ୍ୟା ଘଟଣାରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହୋଇଥିବା ନେଇ ଖୋଦ୍ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଗଣମାଧ୍ୟମକୁ ସୂଚନା ଦେଇଥିଲେ। କିନ୍ତୁ ଏହା ପରେ ମଧ୍ୟ କାହାରିକୁ ଗିରଫ କରାନଯିବା କିମ୍ବା କୌଣସି

- ଦୁଇ ସପ୍ତାହ ପରେ ବି ମୁହଁ ଖୋଲୁନି ପୁଲିସ
- ନିରବତାକୁ ନେଇ ଉଠିଲା ପ୍ରଶ୍ନ?
- ମୁଖ୍ୟ କାର୍ପେଟଦାରକୁ ଖସାଇବାକୁ ହେଉଛି କି ଯୋଜନା?

ଠୋସ୍ ପ୍ରମାଣ ନମିଳିବା ସମସ୍ତଙ୍କୁ ଚକିତ କରିଛି। ଅପରପକ୍ଷେ ଏହି ହାଇପ୍ରୋଫାଇଲ୍ ହତ୍ୟାକାଣ୍ଡରେ ସମସ୍ତଙ୍କ ନିରବତା, ସାଧାରଣରେ ଭିନ୍ନ ଭିନ୍ନ ଚର୍ଚ୍ଚାକୁ ଖୋରାକ୍ ଯୋଗାଇଲାଣି। ଖୋଦ୍ ତଦନ୍ତକାରୀ ପୁଲିସ ଗଣମାଧ୍ୟମକୁ କୌଣସି ସୂଚନା ନଦେଇ ଅନ୍ଧାରରେ ରଖୁଥିବା ବେଳେ ଶାସକ ବିଜେପି ଦଳ ଏବଂ ରାଜ୍ୟର ଆଇନଜୀବୀମାନେ ଚୁପ୍ ରହିବା ଉପରେ ପ୍ରଶ୍ନ ଉଠାଇଛନ୍ତି ବୁଦ୍ଧିଜୀବୀ।

ପୀତବାସ ଖାଲି ଜଣେ ଆଇନଜୀବୀ ନଥିଲେ, ସେ ରାଜ୍ୟ ଆଇନଜୀବୀ ପରିଷଦ ନିର୍ବାଚନରେ ସର୍ବୋଚ୍ଚ ଭୋଟ୍ ପାଇ ନିର୍ବାଚିତ ହୋଇଥିବା ଜଣେ ସଦସ୍ୟ। ସେହିପରି ବିଜେପିର ଜଣେ ଆଗଧାଡ଼ିର ରାଜନେତା। ଖାଲି ସେତିକି ନୁହେଁ, ଜଣେ ଶ୍ରମିକ ନେତା ସହ ରାଜ୍ୟ କ୍ୟାବିନେଟ୍‌ର ଖଣି ଓ ପରିବହନ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ଦାୟିତ୍ୱରେ ଥିବା ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଅତ୍ୟନ୍ତ ଘନିଷ୍ଠ ଥିଲେ। ପୀତବାସ ମନ୍ତ୍ରୀଙ୍କ କେତେ ଖାସ୍ ଥିଲେ, ତାହା ପୀତବାସଙ୍କ ହତ୍ୟା ଘଟଣା ଦିନ ମନ୍ତ୍ରୀ ଶ୍ରୀ ଜେନାଙ୍କ ଦୀର୍ଘ ସମୟର ଉପସ୍ଥିତି ଓ ଦ୍ୱାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଓ ଭୋଜି ଆୟୋଜନରୁ ସ୍ପଷ୍ଟ ପ୍ରମାଣିତ ହୋଇସାରିଛି। ସେହିଭଳି ରାଜ୍ୟ ଆଇନଜୀବୀ ପରିଷଦର ଜଣେ ପ୍ରମୁଖ ସଦସ୍ୟ ଭାବେ ପୀତବାସଙ୍କ ପ୍ରତି ସମଗ୍ର ରାଜ୍ୟର ଆଇନଜୀବୀଙ୍କର ମଧ୍ୟ ସମବେଦନା ରହିଛି।

ଏହି ହତ୍ୟା ମାମଲାରେ ରାଜ୍ୟ ଆଇନଜୀବୀ ପରିଷଦ ସମେତ ସୁପ୍ରିମକୋର୍ଟ ଓକିଲ ସଂଘ ଅଧ୍ୟକ୍ଷ ମଧ୍ୟ ପ୍ରତିକ୍ରିୟା ପ୍ରକାଶ କରିବା ସହିତ ଘଟଣାକୁ ତୀବ୍ର ନିନ୍ଦା କରିଥିଲେ। ରାଜ୍ୟବ୍ୟାପୀ ଓକିଲଙ୍କ ଦିନିକିଆ କଲମଛାଡ଼ ଆନ୍ଦୋଳନ ସହ ୪୮ ଘଣ୍ଟାର ମହଲତ ଦେଇ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା। ଏପରିକି, ଅପରାଧୀଙ୍କୁ ତୁରନ୍ତ ଗିରଫ କରିବା ଓ ରହସ୍ୟ ଉନ୍ମୋଚନ କରିବା ଦାବିରେ ଗଞ୍ଜାମ ଓକିଲ ସଂଘର ଆଇନଜୀବୀମାନେ ପଦଯାତ୍ରା କରି ଦକ୍ଷିଣାଞ୍ଚଳ ପୁଲିସ ଆଇଜି ନୀତିଶେଖରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ।

ତେବେ ହତ୍ୟାକାଣ୍ଡ ପରେ ଉଭୟ ଆଇନଜୀବୀ ଓ ଶାସକ ବିଜେପି ଦଳ ପକ୍ଷରୁ ଯେଉଁଭଳି ଭାବେ ତତ୍ପରତା ପ୍ରକାଶ ପାଇଥିଲା, ବର୍ତ୍ତମାନ ପରିସ୍ଥିତିରେ ସମସ୍ତେ ଚୁପ ରହିବା ଏକ ବ୍ୟତିକ୍ରମ ଓ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ସେପଟେ ପୁଲିସର ନିରବତା କେବେ ଭାଙ୍ଗିବ ଓ ହତ୍ୟାକାଣ୍ଡ ଘଟଣାର ରହସ୍ୟ ଉନ୍ମୋଚିତ ହେବ, ତାକୁ ନେଇ ମଧ୍ୟ ସାଧାରଣରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି।

ଏହି ମାମଲାରେ ପୁଲିସ ୬ଟି ସ୍ୱତନ୍ତ୍ର ଟିମ୍ ଗଠନ କରି ରାଜ୍ୟ ତଥା ରାଜ୍ୟ ବାହାରେ ତନାଘନା କରିବା ସହ ବହୁ ବ୍ୟକ୍ତିଙ୍କୁ ପଚରାଉଚରା କରିଛି। ୯ଜଣଙ୍କୁ ଅଟକ ରଖି ମଧ୍ୟ ଜେରା କରୁଛି। ତେବେ ଦୀର୍ଘ ଦୁଇ ସପ୍ତାହ ପରେ ମଧ୍ୟ ପୁଲିସ କୌଣସି ସୂଚନା ଦେବା ତ ଦୂରର କଥା, ଓଲଟି ମୁହଁ ନ ଖୋଲିବା ସମସ୍ତଙ୍କ ସନ୍ଦେହକୁ ଅଧିକ ଦୃଢ଼ୀଭୂତ କରିଛି। ଘଟଣାର ମୁଖ୍ୟ କାର୍ପେଟଦାରକୁ ଖସାଇବା କିମ୍ବା ରାଜନୈତିକ ଚାପରେ ପୁଲିସ ଘଟଣାକୁ ଚପାଇବାକୁ ଅଥବା ଭିନ୍ନମୋଡ଼ ଦେବାକୁ ଉଦ୍ୟମ କରୁଛି କି ବୋଲି ମଧ୍ୟ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି।

ଏହି ଘଟଣାରେ କେବଳ କିଛି ବ୍ୟକ୍ତିଙ୍କୁ ଅଟକ ରଖି ଜେରା କରାଯିବା ଛଡ଼ା ଅନ୍ୟ କିଛି ଅଗ୍ରଗତି ହୋଇନଥିବା ଦର୍ଶାଇ ଗଞ୍ଜାମ ଓକିଲ ସଂଘର ବହୁ ଆଇନଜୀବୀଙ୍କ ମଧ୍ୟରେ ତଦନ୍ତକୁ ନେଇ ଅସନ୍ତୋଷ କୁହୁଳୁଛି। ଏଣୁ, ପୁଲିସ ତୁରନ୍ତ ଘଟଣାର ପର୍ଦ୍ଦାଫାସ କରି ରହସ୍ୟ ଉନ୍ମୋଚନ କରିବା ଜରୁରୀ ବୋଲି ସାଧାରଣରେ ଆଲୋଚନା ହେଉଛି। ତେବେ ହତ୍ୟାକାଣ୍ଡ ଭଳି ଘଟଣାରେ ଯେଉଁଭଳି ଜଣେ ନିରୀହ ବ୍ୟକ୍ତିକୁ ନ ଫସାଇ ଘଟଣାର ଉଚିତ ତଦନ୍ତ କରି ପ୍ରକୃତ ଦୋଷୀଙ୍କୁ ଦଣ୍ଡିତ କରିବା ଦିଗରେ ପୁଲିସ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁ ବୋଲି ମଧ୍ୟ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## କମୁଛି ଶିକ୍ଷା ଦିବସ

### ଚଳିତବର୍ଷ ନୂଆଁଖାଇ ଓ ଦୀପାବଳିରେ ୨ଟି ଅତିରିକ୍ତ ଛୁଟି

ଭୁବନେଶ୍ୱର,୧୯।୧୦(ସମିସ): ଦୀପାବଳି ପାଇଁ ଆସନ୍ତାକାଲି ଅର୍ଥାତ୍ ସୋମବାରକୁ ଛୁଟି ଦିବସ ଭାବେ ଘୋଷଣା କରାଯାଇଛି। ପୂର୍ବରୁ ମଙ୍ଗଳବାରକୁ ଛୁଟି ଦିବସ ଭାବେ ଘୋଷଣା କରାଯାଇଥିବାରୁ ଉଭୟ ସୋମବାର ଓ ମଙ୍ଗଳବାର ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ଏହା

- ଗ୍ରୀଷ୍ମ ପ୍ରବାହ ପାଇଁ ବର୍ଷକୁ ପ୍ରାୟ ୧୫ଦିନ ପଢ଼ା ବାଧାପ୍ରାପ୍ତ
- ସ୍ୱଳ୍ପ ସମୟରେ ସମ୍ପୂର୍ଣ୍ଣ ଶିକ୍ଷାଦାନ ପାଇଁ ଚାପଗ୍ରସ୍ତ ଛାତ୍ରଛାତ୍ରୀ

ପୂର୍ବରୁ ନୂଆଁଖାଇ ସମୟରେ ମଧ୍ୟ ସରକାର ଗୋଟିଏ ଦିନ ଅତିରିକ୍ତ ଛୁଟି ପ୍ରଦାନ କରିଥିଲେ। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ପାଇଁ ବର୍ଷକୁ ବର୍ଷ ଖରାଛୁଟି ବଢ଼ିବାରେ ଲାଗିଛି ଓ ଭିଭିଆଇପିଙ୍କ ଭୁବନେଶ୍ୱର ଗସ୍ତ ସମୟରେ ବିଏମ୍‌ସି ଅଞ୍ଚଳର ବିଦ୍ୟାଳୟକୁ ଅଧାରେ ବନ୍ଦ କରିଦିଆଯାଉଛି। ଫଳରେ ଶିକ୍ଷା ଦିବସ କମିବା ସହ ଶିକ୍ଷାଦାନ ଓ ପାଠପଢ଼ା ବାଧାପ୍ରାପ୍ତ ହେଉଛି।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କ୍ୟାଲେଣ୍ଡର ଅନୁଯାୟୀ ଚଳିତ ବର୍ଷ ମେ ୬ ତାରିଖ ଠାରୁ ଜୁନ୍ ୧୯ ତାରିଖ ପର୍ଯ୍ୟନ୍ତ ଖରାଛୁଟି ପାଇଁ ପୂର୍ବରୁ ନିର୍ଦ୍ଧାରିତ କରାଯାଇଛି। ହେଲେ ଗ୍ରୀଷ୍ମ ପ୍ରବାହ ପାଇଁ ନିର୍ଦ୍ଧାରିତ ସମୟର ୧୩ ଦିନ ପୂର୍ବରୁ ଖରାଛୁଟି ଘୋଷଣା ହୋଇଥିଲା। ସେହିପରି ୨୦୨୪-୨୫ ଶିକ୍ଷାବର୍ଷରେ ମଧ୍ୟ ୧୨ ଦିନ ପୂର୍ବରୁ ବିଦ୍ୟାଳୟ ଗୁଡ଼ିକ ଛୁଟି କରାଯାଇଥିଲା। ଅଧିକ ଖରା ପ୍ରଭାବିତ ଜିଲ୍ଲାରେ ଅଧିକ ୩ଦିନ ଛୁଟି କରିଥିଲେ ଜିଲ୍ଲାପାଳ। ଫଳରେ ୧୨ରୁ ୧୫ ଦିନ ପର୍ଯ୍ୟନ୍ତ ପାଠପଢ଼ା ବନ୍ଦ ହେଲା। ୨୦୨୩-୨୪ ଶିକ୍ଷା ବର୍ଷରେ ଏପ୍ରିଲ୍ ୨୧ ତାରିଖରୁ ଅର୍ଥାତ୍ ନିର୍ଦ୍ଧାରିତ ଛୁଟି ଦିବସର ୧୫ ଦିନ ପୂର୍ବରୁ ଛୁଟି ହୋଇଥିଲା। ଖରା ପାଇଁ ନିର୍ଦ୍ଧାରିତ ସମୟର ୩ଦିନ ପରେ ବିଦ୍ୟାଳୟ ଖୋଲିଥିଲା। ଫଳରେ ମୋଟ୍ ୧୮ଦିନ ଛୁଟି ହେବା ସହ ଶିକ୍ଷାଦିବସ କମିଥିଲା। ଏହା ସହ ବିଭିନ୍ନ ସମୟରେ ପ୍ରବଳ ବର୍ଷା ବା ପବନ ଭୟ ଯୋଗୁଁ ସରକାର ସ୍କୁଲ କଲେଜ ଛୁଟି ଘୋଷଣା କରୁଛନ୍ତି।

ବର୍ଷକୁ ହାରାହାରି ୧୫ ଦିନ ପାଠପଢ଼ା ବନ୍ଦ ହେଉଛି। ପୂର୍ବପରି ପାଠ୍ୟକ୍ରମ ସମାନ ରହିଥିବାବେଳେ ଶିକ୍ଷାଦାନ ପାଇଁ କାର୍ଯ୍ୟଦିବସ କମୁଛି। ଫଳରେ ସିଲାବସ୍ ଠିକ୍ ସମୟରେ ସରିବ ନାହିଁ। ସ୍ୱଳ୍ପ ସମୟରେ ସମ୍ପୂର୍ଣ୍ଣ ପାଠପଢ଼ା ହେଉଥିବାରୁ ତାହା ଛାତ୍ରଛାତ୍ରୀଙ୍କୁ ଚାପଗ୍ରସ୍ତ କରିବ। ଛୁଟି ଦିନକୁ ଭରଣା କରିବା ପରିବର୍ତ୍ତେ ଅତିରିକ୍ତ ଛୁଟି ହେଉଥିବାରୁ ପାଠପଢ଼ା ପ୍ରତି 'ବେଢି ଉପରେ କରୋଡ଼ା' ସଦୃଶ ହେଉଛି। ଏଣୁ ପାଠପଢ଼ାକୁ ବ୍ୟବସ୍ଥିତ ଓ ସୁଦୃଢ଼ କରିବା ପାଇଁ ଅତିରିକ୍ତ ଛୁଟି ବଦଳରେ ଅଧିକ ଶିକ୍ଷା ଦିବସ ସୃଷ୍ଟି କରିବାକୁ ଶିକ୍ଷାବିତ୍‌ଙ୍କ ସମେତ ଅଭିଭାବକମାନେ ଦାବି କରିଛନ୍ତି।

## ବିଜେପି ସମାବେଶର ବଳକା ଖାଦ୍ୟ ଖାଇ ୧୩ ଗୋରୁ ମୃତ

### କ୍ଷତିପୂରଣ ପାଇଁ ଦାବି କରିଛନ୍ତି ଗ୍ରାମବାସୀ

ନୂଆପଡା,୧୯।୧୦(ସମିସ):ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ସ୍ୱଚ୍ଛତାକୁ ନେଇ ଡିଣ୍ଡିମ ପିଟୁଥିବା ବେଳେ ନୂଆପଡା ଜିଲ୍ଲା ସଦର ବ୍ଲକ୍‌ରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ କାର୍ଯ୍ୟକ୍ରମରେ ସ୍ୱଚ୍ଛତା ପଦାରେ ପଡିଛି। ସ୍ଥାନୀୟ ଖରିଆରରୋଡ଼ ଗୋତମ ଛକସ୍ଥିତ ଏୟାର ଷ୍ଟ୍ରିପ୍ ପଡ଼ିଆ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ସଙ୍କଳ୍ପ ସମାବେଶ ଶେଷ ନିକଟସ୍ଥ ପଡିଆରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଆସି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ୨୦ରୁ ୨୫ହଜାର ଲୋକଙ୍କ ପାଇଁ ବ୍ୟବସ୍ଥା ହୋଇଥିଲା ହେଲେ ମାତ୍ର ୮ରୁ ୧୦ ହଜାର ଲୋକ ଆସିଥିଲେ। ତେବେ ନିର୍ଦ୍ଧାରିତ ଲୋକଙ୍କ ପାଇଁ ସ୍ଥାନୀୟ ଏକ ପଡିଆରେ ଖାଦ୍ୟ ପେୟର ବ୍ୟବସ୍ଥା ମଧ୍ୟ କରାଯାଇଥିଲା।

**ସ୍ୱଚ୍ଛତା ଡିଣ୍ଡିମ ପିଟୁଛନ୍ତି ସରକାର**

ହେବା ଫିଙ୍ଗିଦିଆଯାଇଥିବା ବଳକା ଖାଦ୍ୟ ଖାଇ ୧୩ ଗୋରୁଙ୍କ ମୃତ୍ୟୁ ଘଟିଥିବା ବେଳେ ୩୦ରୁ ଉଦ୍ଧ୍ୱର୍ ଗୁରୁତର ରହିଛନ୍ତି।ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଥିବା ବେଳେ ଖୋଦ ସରକାରୀ ଦଳର ଏଭଳି କାର୍ଯ୍ୟକୁ ନିନ୍ଦା କରାଯାଇଛି। ଗରିବ ଓ କ୍ଷୁଦ୍ର ଚାଷୀଙ୍କ ଲକ୍ଷାଧିକ ଟଙ୍କାର ଗୋରୁ ମୃତ୍ୟୁବରଣ କରିଥିବାରୁ କ୍ଷତିପୂରଣ ସହାୟତା ପାଇଁ ଦାବି କରିଛନ୍ତି। ପ୍ରକାଶ ଯେ ଗତ ୧୬ତାରିଖ ଦିନ ଏୟାର ଷ୍ଟ୍ରିପ୍ କମ ଲୋକ ଆସିଥିବା ହେତୁ ବଳକା ଖାଦ୍ୟ ସବୁ ପଡି ରହିଥିଲା। ଏହାକୁ କୌଣସି ସୁରକ୍ଷିତ ଜାଗାରେ ପିଙ୍ଗଯାଇନଥିବାରୁ ଗୋତମାଗାଁର ଚାଷୀମାନଙ୍କ ଗୋରୁ ଚରିବାକୁ ଯାଇ ସେହି ବଳକା ତଥା ପଚାସଢା ଖାଦ୍ୟକୁ ଖାଇଥିଲା। ଶନିବାର ସକାଳୁ କିଛି ଗାଈ ଅସୁସ୍ଥ ହୋଇଥିବା ଖବର ଆସିଥିଲା। ଏହି ଖବର ପାଇ ନୂଆପଡା ଜିଲ୍ଲା ପ୍ରାଣୀ ଚିକିତ୍ସା ବିଭାଗର ଟିମ୍ ଗାଁରେ ପହଞ୍ଚି ଚିକିତ୍ସା କରିଥିଲେ। ହେଲେ ବିଳମ୍ବିତ ରାତିରେ



୧୩ଟି ଗୋରୁଙ୍କ ମୃତ୍ୟୁ ହୋଇଯାଇଥିଲା। ଏଥିରେ ଚାଷୀ ଦେବକାନ୍ତ ରଥ,ସୂର୍ଯ୍ୟକାନ୍ତ ସାହୁ,ପ୍ରଦୀପ କୁମାର ସାହୁ ,ସାହୁଲାଲ ସାହୁ, ବଳ ଶବର ,ହେମନ୍ତ ସାହୁ,ସୁରେନ ସାହୁ,ଚନ୍ଦ୍ରଦେବ ସାହୁ,ଲୋଭୀତ ରାଉତଙ୍କ ମୋଟ ୧୩ ଟି ଦୁଧିଆଳୀ ଓ କିଛି ଗର୍ଭବତୀ ଗାଈଙ୍କ ମୃତ୍ୟୁ ଘଟିଛି। ଗାଁରେ ରାଜସ୍ୱ ବିଭାଗ ସହ ପ୍ରାଣୀ ଚିକିତ୍ସା ବିଭାଗର ଅଧିକାରୀମାନେ ପହଞ୍ଚି ଚିକିତ୍ସା କାର୍ଯ୍ୟକୁ ତ୍ୱରିତ କରିବା ସହ ମୃତଗୋରୁମାନଙ୍କୁ ବ୍ୟବଚ୍ଛେଦ କରିଛନ୍ତି।ଏହାକୁ ରାଜ୍ୟ ସରକାର ଗମ୍ଭୀରତାର ସହ ବିଚାରକୁ ନେବା ଏକ ଉଚ୍ଚସ୍ତରୀୟ ତଦନ୍ତ କରି କ୍ଷତି ପୂରଣ ସହାୟତା ଯୋଗାଇବାକୁ ଦାବି ହେଉଛି।

## ଗୋ-ମାତାଙ୍କୁ ନେଇ ରାଜନୀତି କରୁଥିବା ବିଜେପି ଗୋ-ମୃତ୍ୟୁ ପାଇଁ ଦାୟୀ: ବିଜେଡି

ଭୁବନେଶ୍ୱର, ୧୯।୧୦ (ସମିସ): ଶନିବାର ନୂଆପଡ଼ାରେ ମୁଖ୍ୟମନ୍ତ୍ରୀଙ୍କ ସଭା ପାଇଁ ବ୍ୟାପକ ଆୟୋଜନ ହୋଇଥିଲେ ମଧ୍ୟ ଲୋକ ନ ହେବାରୁ ହତାଶ ହୋଇ ବିଜେପି ଲୋକଙ୍କ ପାଇଁ ପ୍ରସ୍ତୁତ ଖାଦ୍ୟ ଫୋପାଡ଼ି ଦେଇଥିଲା। ଏହି ଖାଦ୍ୟ ଖାଇ ୨୦ଟି ଗୋମାତାଙ୍କର ମୃତ୍ୟୁ ହୋଇଛି ବୋଲି ଅଭିଯୋଗ ଆଣିଛି

- ବଳକା ଖାଦ୍ୟ ନ ପୋତି ଫୋପାଡ଼ି ଦେବା ବିଜେପିର ଦାୟିତ୍ୱହିନତା
- ମୁଖ୍ୟମନ୍ତ୍ରୀଙ୍କ ସଭାରେ ଲୋକ ନ ହେବାରୁ ବିଜେପି ହତାଶ

ବିଜେଡି। ଗୋମାତାଙ୍କୁ ନେଇ ରାଜନୀତି କରୁଥିବା ବିଜେପି ଦଳ ଗୋ-ମୃତ୍ୟୁ ପାଇଁ ଦାୟୀ ବୋଲି ବିଜେଡି ପକ୍ଷରୁ ଭର୍ତ୍ସନା କରାଯାଇଛି।

ରବିବାର ଶଙ୍ଖଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭାରେ ପ୍ରାୟ ୧୦ ହଜାର ଲୋକଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ ହୋଇଥିଲେ ମଧ୍ୟ କମ୍ ସଂଖ୍ୟକ ଲୋକଙ୍କ ଉପସ୍ଥିତି ବିଜେପି ଦଳକୁ ନିରାଶ କରିଥିଲା। ମୁଖ୍ୟମନ୍ତ୍ରୀଙ୍କ ସଭା ଚାଲିଥିବା ବେଳେ ଲୋକମାନେ ଉଠି ଚାଲିଯିବା ଘଟଣାରୁ ସ୍ପଷ୍ଟ ପ୍ରତୀୟମାନ ଯେ ବିଜେପି ଉପରେ ନୂଆପଡ଼ାବାସୀଙ୍କ ଭରସା ନାହିଁ। ତେଣୁ, ହତାଶ ହୋଇ ବିଜେପି ଦଳ ବଳକା ଖାଦ୍ୟକୁ ପୋତିବା ପରିବର୍ତ୍ତେ ଫୋପାଡ଼ି ଦେଇଥିଲା। ସ୍ଥାନୀୟ ବାସିନ୍ଦାଙ୍କ ଗୃହପାଳିତ ପଶୁ ଏହାକୁ ଖାଇ ଅସୁସ୍ଥ ହୋଇପଡ଼ିଥିଲେ। ପରିଣାମସ୍ୱରୂପ, ୨୦ଟି ଅମୂଲ୍ୟ ପ୍ରାଣୀ ସମ୍ପଦ ମୃତ୍ୟୁବରଣ କଲେ। ଏହି ପ୍ରାଣୀ ସମ୍ପଦ ଦ୍ୱାରା ଜୀବିକା ନିର୍ବାହ କରୁଥିବା ସ୍ଥାନୀୟ ବାସିନ୍ଦାଙ୍କ ରୋଜଗାର ଚାଲିଯାଇଛି।



ଗୋମାତାଙ୍କୁ ନେଇ ରାଜନୀତି କରୁଥିବା ବିଜେପି ଦଳର ଅସଲ ସ୍ୱରୂପ ନୂଆପଡ଼ାବାସୀ ଦେଖିଲେ। ଏହି ଅମାନବୀୟ ଘଟଣା ପାଇଁ ଦାୟୀ ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଡ. ମହାନ୍ତି ଦାବି କରିଛନ୍ତି। ସେ ଆହୁରି କହିଥିଲେ ଯେ ରାଜନୀତି ଭିତରେ ମାନବିକତା ରହିବା ଦରକାର।

ବିଜେପିର ଦାୟିତ୍ୱହୀନତା ଲାଗି ଯେଉଁ ବହୁମୂଲ୍ୟ ପଶୁ ସମ୍ପଦ ହାନି ଘଟିଲା, ତାହା ନୂଆପଡ଼ାବାସୀଙ୍କ ମନକୁ ଗଭୀର ଆଘାତ ଦେଇଛି। ତାହାର କେବେ ବି କ୍ଷତିଭରଣା ହୋଇପାରିବ ନାହିଁ। ଭବିଷ୍ୟତରେ ଏହିଭଳି ଅମାନବୀୟ ଘଟଣାର ପୁନରାବୃତ୍ତି ଯେଭଳି ନ ହେବ, ସେଥିପ୍ରତି ବିଜେପି ଦଳ ସମ୍ବେଦନଶୀଳ ହେବା ଆବଶ୍ୟକ ବୋଲି ସେ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଉତ୍ସାହ କମ୍...

ଆଦି କାର୍ଯ୍ୟକ୍ରମର ଯୋଗୁଁ ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ବେପାର ବୃଦ୍ଧି ପାଇଥିଲା। ଏହା କେବଳ କ୍ରୟ ନୁହେଁ,ବରଂ ରଣନୈତିକ ନିବେଶର ସଙ୍କେତ ବୋଲି ମଧ୍ୟ କୁହାଯାଉଛି। ଚଳିତ ବର୍ଷ ଗ୍ରାହକ ବେଶୀ ସୁନା ଏବଂ ରୁପା ମୁଦ୍ରା କିଣିଛନ୍ତି। କାରଣ ଆଗକୁ ମୂଲ୍ୟ ଆହୁରି ବଢ଼ିବ ବୋଲି ବିଶ୍ୱାସ କରୁଛନ୍ତି। ସେଥିପାଇଁ ଏବେ କ୍ରୟ କରି ଲାଭରେ ରହିବାକୁ ଚାହୁଁଛନ୍ତି। ମୁମ୍ବଇର ଜଭେରି ବଜାରରୁ ନେଇ ଦେଶର ଅନେକ ସ୍ଥାନରେ ସୁନା ଏବଂ ରୁପା ମୁଦ୍ରା କିଣିବାକୁ ଶନିବାର ଦିନ ଯାକ ଗହଳି ଲାଗି ରହିଥିଲା।

ସିଏଆଇଟିର ଜାତୀୟ ଅଧ୍ୟକ୍ଷ ପଙ୍କଜ ଆରୋରା କହିଛନ୍ତି ଯେ କେବଳ ଦିଲ୍ଲୀରେ ୧୦ ହଜାର କୋଟି ଟଙ୍କାର କାରବାର ହୋଇଛି। ତେବେ ଇଣ୍ଡିଆ ବୁଲିୟନ ଆଣ୍ଡ ଜ୍ୱେଲର୍ସ ଆସୋସିଏସନ (ଆଇବିଜେଏ) ର ଜାତୀୟ ସଚିବ ସୁରେନ୍ଦ୍ର ମେହେଟ୍ଟା କହିଛନ୍ତି ଯେ ଉଚ୍ଚା ଦର ଯୋଗୁଁ ସୁନା ବିକ୍ରି ହାର ୧୦ ପ୍ରତିଶତ ହ୍ରାସ ପାଇଛି। ଗତ ବର୍ଷ ଧନତେରାସରେ ପ୍ରାୟ ୩୯ ଟନ୍ ସୁନା ବିକ୍ରି ହୋଇଥିଲା। କିନ୍ତୁ ଚଳିତ ଥର ପ୍ରାୟ ୩୬ ଟନ୍ ସୁନା ବିକ୍ରି ହୋଇଛି। ଜେମ୍ ଆଣ୍ଡ ଜୁଏଲାରୀ କାଉନସିଲ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ରାଜେଶ ରୋକଡେ କହିଛନ୍ତି ଯେ ଗତ ବର୍ଷ ତୁଳନାରେ ଚଳିତ ଧନତେରାସରେ ବିକ୍ରି ୧୦-୧୫ ପ୍ରତିଶତ ହ୍ରାସ ପାଇଥିବାବେଳେ ମୋଟ ମୂଲ୍ୟ ଦ୍ରୁତ ବୃଦ୍ଧି ପାଇଛି। ଉଚ୍ଚ ଦର ସତ୍ତ୍ୱେ ସ୍ମାର୍ଟ କ୍ରୟ ଏବଂ ଶୀଘ୍ର ବିବାହ ଖର୍ଚ୍ଚ ପାଇଁ ଗ୍ରାହକଙ୍କ ଆଗ୍ରହ ବଢ଼ିଛି।

ଚଳିତ ବର୍ଷ ଏ ପର୍ଯ୍ୟନ୍ତ ସୁନା ମୂଲ୍ୟ ୫୩, ୪୨୨ ଟଙ୍କା ବୃଦ୍ଧି ପାଇଲାଣି। ୨୦୨୪ ଡିସେମ୍ବର ୩୧ରେ ୨୪ କ୍ୟାରଟ ସୁନା ମୂଲ୍ୟ ୭୬, ୧୬୨ ଟଙ୍କା ଥିବାବେଳେ ଏବେ ତାହା ୧, ୨୯, ୫୮୪ରେ ପହଞ୍ଚି ଯାଇଛି। ସେହିପରି ରୁପା କେଜି ୮୩, ୨୧୩ ଟଙ୍କା ବଢ଼ିଛି। ଗତ ବର୍ଷ ଶେଷ ସୁଦ୍ଧା ଏହାର ଦାମ କିଲୋ ପିଛା ୮୬, ୦୧୭ ଟଙ୍କା ଥିବାବେଳେ ଏବେ ୧, ୬୯, ୨୩୦ ଟଙ୍କା ରହିଛି।

### ଜେଲ୍‌ରେ ଆଉ...

କେବଳ ଅଭିଯୁକ୍ତ ପରୀକ୍ଷାର୍ଥୀଙ୍କୁ ପଚରାଉଚରା କରିଛନ୍ତି। ରବିବାର ଜେରା ହୋଇଥିବା ୬୩ ଜଣଙ୍କ ମଧ୍ୟରେ ସମସ୍ତ ମହିଳା ପରୀକ୍ଷାର୍ଥୀ ସାମିଲ ଥିଲେ। ଏହି ଜାଲିଆତିରେ ସାମିଲ ପାଇଁ ଦଲାଲମାନେ କିପରି ଓ କେଉଁ ଉପାୟରେ ପରୀକ୍ଷାର୍ଥୀଙ୍କୁ ଯୋଗାଯୋଗ କରିଥିଲେ, ସେମାନଙ୍କଠାରୁ କିଏ ସାର୍ଟିଫିକେଟ୍ ଓ ଟଙ୍କା ଆଦାୟ କରିଥିଲା, ପରୀକ୍ଷାର୍ଥୀମାନେ କିଭଳି ଟଙ୍କା ଦେଇଥିଲେ; ଆଦି ସଂପର୍କରେ ସେମାନଙ୍କୁ ପଚରାଉଚରା କରାଯାଇଛି। କ୍ରାଇମବ୍ରାଞ୍ଚ ଡିଏସ୍‌ପ ସକାଳ ୮ଟାରୁ ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ ଦୀର୍ଘ ୧୦ ଘଣ୍ଟା ଧରି ଜେଲ ଭିତରେ ୬୩ଜଣ ନିଯୁକ୍ତି ଆଶାୟୀଙ୍କୁ ଜେରା କରିଥିଲେ। ଜେରାରୁ କ୍ରାଇମବ୍ରାଞ୍ଚକୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା କୁହାଯାଉଛି।

### ନାମାଙ୍କନ ପୂର୍ବରୁ...

ସିଂ ମାଝୀ,ନିରଞ୍ଜନ ବିଶିଙ୍କ ନେତୃତ୍ୱରେ ବହୁ ଆଦିବାସୀ ନେତା ବିଜେଡିରେ ଯୋଗ ଦେଇଥିଲେ। ପରେ ନୂଆପଡା ଆସି ଶୋଭାଯାତ୍ରାରେ ବାହାରିଥିଲେ ସ୍ନେହାଙ୍ଗିନୀ। ତେଲିପଡାଠାରୁ ବିଶାଳ ଶୋଭାଯାତ୍ରା ମଧ୍ୟାହ୍ନ ୧୨ଟାରୁ ବାହାରି ସହର ପରିକ୍ରମା କରିଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରୋଡ ଶୋ'ରେ ପରିକ୍ରମା କରିଥିଲେ।

ଜିଲ୍ଲାପାଳ କାର୍ଯ୍ୟାଳୟ ନିକଟରେ ବିଜେଡିର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ଓ ସ୍ଥାନୀୟ ନେତାମାନେ ସମ୍ବୋଧନ କରି ରାଜ୍ୟ ବିଜେପି ସରକାର ଉପରେ ବର୍ଷିଥିଲେ। ଡବଲ୍ ଇଞ୍ଜିନ ଡବଲ ବିକାଶ ନୁହେଁ, ଡବଲ ବିନାଶ ହେଉଛି ବୋଲି ଅଭିଯୋଗ କରିଥିଲେ। ବିଜେଡି ନୂଆପଡ଼ା ଜିଲ୍ଲା ଅଧ୍ୟକ୍ଷ ଅବନୀ ରଞ୍ଜନ ଯୋଶୀ,ବିଜେଡି ସାଧାରଣ ସଚିବ ମନୋଜ ମିଶ୍ର, ବିଜେଡି ବରିଷ୍ଠ ନେତା ଭାନୁ ପ୍ରତାପ ସିଂହ ମାଝୀ ପ୍ରମୁଖ ଗତ ୧୬ ମାସର ବିଜେପି ଶାସନରେ ନୂଆପଡ଼ା ପ୍ରତି ହୋଇଥିବା ଅବହେଳା ବିଷୟରେ ଉଲ୍ଲେଖ କରିଥିଲେ। ସେହିପରି ଶୋଭାଯାତ୍ରାରେ ଦଳର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ,ସଞ୍ଜୟ କୁମାର ଦାସବର୍ମା, ପ୍ରତାପ ଜେନା,ଅରୁଣ ସାହୁ,ନିରଞ୍ଜନ ପୁଜାରୀ,ଅତନୁ ସବ୍ୟସାଚୀ ନାୟକ,ପୁଷ୍ପେନ୍ଦ୍ର ସିଂହଦେଓ, ପ୍ରମିଳା ମଲ୍ଲିକ, ଟୁକୁନି ସାହୁ,ସୁଦାମ ମାରାଣ୍ଡି, ପ୍ରୀତିରଞ୍ଜନ ଘଡେଇ,ସାରଦା ନାୟକ,ଚିନ୍ମୟ ସାହୁ, ଶ୍ରୀମତୀ ଇପସୀତା ସାହୁ,ଦେବୀରଞ୍ଜନ ତ୍ରିପାଠୀ, ପ୍ରଦୀପ ଦିଶାରୀ, ନଳିନୀକାନ୍ତ ପ୍ରଧାନ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଲେଖାଶ୍ରୀ ସାମନ୍ତସିଂହାର, ଅଧିରାଜ ପାଣିଗ୍ରାହୀ, ରବି ନନ୍ଦ,ସୁଭାଶିଷ ଖୁଣ୍ଟିଆ, ନିରଞ୍ଜନ ବିଶି,ବିଜୟ ନାୟକ,ପ୍ରଦୀପ ମାଝୀ, ବିକ୍ରମ ପଣ୍ଡା, ନିହାର ବେହେରା,ସ୍ୱରୂପ ଦାସ, ଦୁଷ୍ମନ୍ତ ନାୟକ,ବ୍ରଜ ପ୍ରଧାନ, ମନୋରମା ମହାନ୍ତି,ତୁଷାରକାନ୍ତି ବେହେରା, ସରୋଜ ମେହେର, ବର୍ଷା ସିଂହ ବରିହା ଓ ସୁଦର୍ଶନ ହରିପାଲ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ନୂଆପଡ଼ାର ଲୋକମାନେ ବିଜେଡି ସହ ଅତୁଟ ଭାବେ ଅଛନ୍ତି ଓ ନୂଆପଡାବାସୀଙ୍କ ଆଶୀର୍ବାଦରେ ସ୍ନେହାଙ୍ଗିନୀ ଛୁରିଆ ବିଜୟୀ ହେବେ ବୋଲି ନେତାମାନେ ଦୃଢୋକ୍ତି କରିଥିଲେ। ସ୍ନେହାଙ୍ଗିନୀ ଛୁରିଆ ତାଙ୍କ ବକ୍ତବ୍ୟରେ ନୂଆପଡାବାସୀଙ୍କ ଆଶା ଆକାଂକ୍ଷା ପୂରଣ କରିବା ପାଇଁ ମୁଁ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସଂପାଦକ କାର୍ତ୍ତିକ ଦୀପ, ନୂଆପଡା ଏନ୍‌ଏସି ଅଧ୍ୟକ୍ଷ ମହମ୍ମଦ ଆଦମ, ଟିଙ୍କୁ ପଣ୍ଡା, ଜିଲ୍ଲାପରିଷଦ ସଭ୍ୟ ଚିତ୍ତ ରଞ୍ଜନ ବେହେରା, ଅକ୍ଷୟ ନନ୍ଦ ପ୍ରମୁଖ ସାମିଲ ଥିଲେ।

### ଭିଜିବ ଦୀପାବଳି !...

ଆକଳନ କରି କହିଛନ୍ତି ଯେ ୨୦ ଓ ୨୧ ତାରିଖରେ ରାଜ୍ୟରେ ପାଗ ଶୁଖିଲା ରହିବ। ୨୨ ଓ ୨୩ ତାରିଖରେ ରାଜ୍ୟରେ ବିକ୍ଷିପ୍ତ ବର୍ଷା ହେବାକୁ ଥିବାବେଳେ ୨୪ରୁ ୨୬ ତାରିଖ ମଧ୍ୟରେ ରାଜ୍ୟରେ ଭାରୀ ବର୍ଷାର ସମ୍ଭାବନା ରହିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ୨୦ ତାରିଖରେ ଦକ୍ଷିଣ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟିହୋଇ ୨୧ ବା ୨୨ ତାରିଖ ସୁଦ୍ଧା ଅବପାତ ଏବଂ ୨୪ ତାରିଖ ସକାଳ ସୁଦ୍ଧା ତାମିଲନାଡୁ ବା ସଂଲଗ୍ନ ଦକ୍ଷିଣ ଆନ୍ଧ୍ର ଉପକୂଳ ଛୁଇଁବ। ସେତେବେଳକୁ ଏହା ଦୁର୍ବଳ ହୋଇ ଯାଇଥିବ, ହୁଏତ ସେହି ଦୁର୍ବଳ ଘୂର୍ଣ୍ଣିବଳୟ ଅବସ୍ଥାରେ ଆନ୍ଧ୍ର/ଓଡ଼ିଶା ଉପକୂଳ ଦୂରରେ ରହିବ। ମାତ୍ର ଓଡ଼ିଶାକୁ ପବନର ଭୟ ନାହିଁ ବୋଲି ଡ. ପଶୁପାଳକ ପୂର୍ବାନୁମାନ କରିଛନ୍ତି। ସେହିପରି କେତେକ ମଡେଲ ବାତ୍ୟାର ସମ୍ଭାବନା ଆକଳନ କରୁଥିବା ବେଳେ ଏମିତି ସମ୍ଭାବନା ନାହିଁ ବୋଲି ସେ କହିଛନ୍ତି।

■ ବାପା ଆଖି ଆଗରେ ଝିଅକୁ ଅସଦାଚରଣ

## ଯୁବକଙ୍କୁ ହତ୍ୟା କରି ଅଭିଯୁକ୍ତର ଆତ୍ମସମର୍ପଣ

ପରଜଙ୍ଗ, ୧୯ ।୧୦(ସମିସ): ଆଖି ଆଗରେ ଝିଅକୁ ଅସଦାଚରଣ କୋଉ ବାପ ବା ସହିବ। ମୁଣ୍ଡକୁ ପିତ୍ତ ଚଢ଼ିଗଲା; ବାଡ଼ିରେ ପିଟିପିଟି ଦରମରା କରିବା ସହ ପଥର ଛେଚି ମାରିଦେଲା। ପରେ ଫାଣ୍ଡିକୁ ଯାଇ ପୁଲିସ ନିକଟରେ ନିଜକୁ ସମର୍ପଣ କରିଦେଲା। ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅଞ୍ଚଳରେ ଆଜି ଏପରି ଏକ ଘଟଣା ଘଟିଛି। ମୃତକ ହେଲେ, ଦଦରାଘାଟି ଫାଣ୍ଡି ଆଖୁଆପାଳ ପଞ୍ଚାୟତ ୧ନଂ କଲୋନୀର କରୁଣାକର ବେହେରା। ପୁଲିସ କରୁଣାକରର ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ରୁପାକୁ ଅଧିକ ପଚରାଉଚରା କରୁଛି। ସୂଚନାନୁଯାୟୀ, କରୁଣାକର ଜେସିବି ମେସିନ ସହାୟକ ଭାବେ କାମ କରନ୍ତି। ଗତ ୩ ଦିନ ଧରି ସ୍ଥାନୀୟ ଅଞ୍ଚଳର ଏକ ଗାଁରେ ରହି କାମ କରୁଥିଲେ। ଶନିବାର ରାତିରେ କରୁଣାକର ରୁପା ପିଙ୍ଗୁଆଙ୍କ ଝିଅକୁ ଅସଦାଚରଣ କରୁଥିବା ବେଳେ ରୁପା ଏହା ଦେଖି ଉତ୍‌କ୍ଷିପ୍ତ ହୋଇପଡ଼ିଥିଲେ। ପଥର ଓ ବାଡ଼ିରେ କରୁଣାକରଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ କରୁଣାକରଙ୍କ ମୃତ୍ୟୁ ହୋଇଯାଇଥିଲା। ପରେ ମୃତଦେହ ଗାଁ ନିକଟ ଗମ୍ଭାରିଆ ନାଳ ନିକଟରେ ଫିଙ୍ଗିଦେଇ ରୁପା ଦଦରାଘାଟି ଫାଣ୍ଡିରେ ଆତ୍ମସମର୍ପଣ କରିଥିଲେ।

ତେବେ କରୁଣାକରଙ୍କ ବାପା କାଶୀନାଥ ଓ ଅନ୍ୟ ସମ୍ପର୍କୀୟମାନେ ଏହା ଏକ ସଂଘବଦ୍ଧ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ସମସ୍ତ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି। କାମାକ୍ଷାନଗର ଏସ୍‌ଡିପିଓ ରଜନୀକାନ୍ତ ସାମଲ, ଥାନା ଅଧିକାରୀ ଧୀରେନ କୁମାର ବେହେରା, ଫାଣ୍ଡି ଅଧିକାରୀ ବିକାଶ ଚନ୍ଦ୍ର ସାହୁ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଅଭିଯୁକ୍ତ ରୁପାଙ୍କୁ ପଚରାଉଚରା କରାଯାଉଛି।

## ୪୪ କେଜି ଅଫିମ ଚୋପା ଜବତ, ଜଣେ ଗିରଫ



ବୈଶିଙ୍ଗା,୧୯।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ଗରଗଡ଼ିଆ ଗ୍ରାମରେ ପୁଲିସ ଚଢ଼ଉ କରି ବେଆଇନ ନିଶା କାରବାରରେ ଜଡ଼ିତ ଥିବା ଜଣେ ବ୍ୟକ୍ତିକୁ ଗିରଫ କରିଛି। ଗିରଫ ବ୍ୟକ୍ତି ଜଣଙ୍କ ହେଲେ କମଳାକାନ୍ତ ନାୟକ। ସୂତ୍ରରୁ ଖବର ପାଇ ମଧ୍ୟାହ୍ନରେ ବୈଶିଙ୍ଗା ଥାନା ଅଧିକାରୀ ବାରିଣୀ ଦାସ ଓ ମାଜିଷ୍ଟ୍ରେଟ ଭାବେ ବଡ଼ସାହିର ଅତିରିକ୍ତ ତହସିଲଦାର ବିନିତା କିସ୍କୁଙ୍କ ଉପସ୍ଥିତିରେ ପୁଲିସ ଫୋର୍ସ ସହିତ ୧୮ନଂ ଜାତୀୟ ରାଜପଥ ପାଖର୍ ଗଡ଼ଗଡ଼ିଆ ଛକ ନିକଟସ୍ଥ କମଳାକାନ୍ତର ଘରେ ଚଢ଼ଉ କରି ୩ଟି ବ୍ୟାଗ ଭର୍ତ୍ତି ଅଫିମ ଚୋପା ଜବତ କରିଥିଲେ। ତେବେ ଗଚ୍ଛିତ ଅଫିମ ଚୋପାର ଓଜନ ପାଖାପାଖି ୪୪କିଲୋ ହୋଇଥିଲା। ସୂଚନା ଯୋଗ୍ୟ ଯେ ଏହି ଅଫିମ ଚୋପାକୁ ଗୁଣ୍ଡ କରି ଟ୍ରକ ଡ୍ରାଇଭରମାନଙ୍କୁ ବିକ୍ରୟ କରନ୍ତି କମଳାକାନ୍ତ। ଏହି ବେଆଇନ ବେପାରରେ ଦୀର୍ଘଦିନ ଧରି ଜଡ଼ିତ ଥିବାବେଳେ ପୁଲିସ ହାତରେ ଧରାପଡୁନଥିଲା। ସେ ଝାଡ଼ଖଣ୍ଡ ରାଜ୍ୟରୁ ବସ ମାଧ୍ୟମରେ ଏହି ଅଫିମ ଚୋପା ଆଣି ତାକୁ ଗୁଣ୍ଡକରି ଜାତୀୟ ରାଜପଥରେ ୨୪ଘଣ୍ଟା ଧରି ଚାଲୁଥିବା ଟ୍ରକ, ଟ୍ରଲର ଓ ଡମ୍ଫର ଚାଳକମାନଙ୍କୁ ଚଢାଦରରେ ବିକୁଥିଲା। ପୁଲିସ ୫୨୮ନଂରେ ମାମଲା ରୁଜୁ କରି ଅଭିଯୁକ୍ତ କମଳାକାନ୍ତକୁ ଆସନ୍ତାକାଲି କୋର୍ଟଚାଲାଣ କରାଯିବା ନେଇ ଥାନା ଅଧିକାରୀ ଶ୍ରୀଦାସ ସୂଚନା ଦେଇଛନ୍ତି।


**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**


**Notice (For Minor)**

By virtue of an affidavit sworn before (Executive Magistrate/Notary Public), Bhubaneswar, Vol-II, SL No. 1900/18.10.2025, I, Mr. Nirmal Sahoo, At- Sobala, PO.- Gogua, PS.- Pattamundai, Dist. Kendrapara, Odisha declare that I have changed the name of my son from old name Suvranshu Shekhar Sahoo to new name Subhransu Sekhar Sahoo. Henceforth he shall be known as new name **Subhransu Sekhar Sahoo** for all purpose.

Nirmal Sahoo

# ପ୍ରତିଷ୍ଠାକୁ ୧୧୫ ବର୍ଷ ପୂରିବ
# ବଦଳିପାରୁନି ବିଦ୍ୟାଳୟର ରୂପରେଖ






**ବନ୍ତ/ଆଗରପଡ଼ା, ୧୯।୧୦(ସମିସ)**

ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଅଡ଼ାଳପଙ୍କସ୍ଥ ଯୋଗୀନ୍ଦ୍ର ପ୍ରାଥମିକ ବିଦ୍ୟାଳୟଠାରେ ଶିକ୍ଷାଦାନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ୧୯୧୧ ଜାନୁଆରୀ ୧ ତାରିଖରେ ସ୍ଥାପିତ ହୋଇଥିବା ଉକ୍ତ ବିଦ୍ୟାଳୟ ଆଉ ଦିନ କେଇଟା ପରେ ୧୧୫ବର୍ଷ ପୂରଣ କରିବ। ଶିକ୍ଷକ ଅଛନ୍ତି, ପିଲାବି ଅଛନ୍ତି କିନ୍ତୁ ଶ୍ରେଣୀଗୃହ ଅଭାବରୁ ଏଠାରେ ଶିକ୍ଷା ଦାନରେ ଘୋର ସମସ୍ୟା ଉପୁଜୁଛି। ଏହି ପ୍ରାଥମିକ ବିଦ୍ୟାଳୟରେ ୫ଟି ଶ୍ରେଣୀ ପାଇଁ ଦୁଇଟି ଗୃହ ଉଦ୍ଦିଷ୍ଟ ଥିବା ବେଳେ ୩ ଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ଏହାମଧ୍ୟରେ ୧୧୪ ବର୍ଷ ଅତିକ୍ରମ କରି ସାରିଥିଲେ ସୁଦ୍ଧା ବିଦ୍ୟାଳୟଟିର ଶୈକ୍ଷିକ ପରିବେଶରେ ଉନ୍ନତି ହୋଇପାରିନାହିଁ। ଚଳିତ ଶିକ୍ଷାବର୍ଷରେ ୭୫ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଉକ୍ତ ବିଦ୍ୟାଳୟରେ ଦୁଇଟି ଗୃହରେ ୬ଟି ଶ୍ରେଣୀର ପାଠ ପଢ଼ା କିପରି ଚାଲିଛି। ଏଠାରେ କିପରି ଅଧାପନା କାର୍ଯ୍ୟ ସମ୍ପାଦନ ହେଉଛି ସେଥିନେଇ ଅଭିଭାବକଙ୍କ ଚିନ୍ତା ବଢ଼ିଯାଇଛି। ଗୋଟିଏ କୋଠରୀରେ ୪ଟି ଶ୍ରେଣୀ ଓ ଅନ୍ୟ କୋଠରୀରେ ୨ଟି ଶ୍ରେଣୀର ପାଠପଢ଼ା ଚାଲିଆସୁଛି। ୨୦୨୩-୨୪ ଆର୍ôଥକ ବର୍ଷରେ ଆମ ଓଡ଼ିଶା ଓ ନବୀନ ଓଡ଼ିଶା ଯୋଜନାରେ ୭ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଗୋଟିଏ ଶ୍ରେଣୀ ଗୃହ ନିର୍ମାଣ ହୋଇଥିଲେ ସୁଦ୍ଧା ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରି ନଥିବାରୁ ବିଦ୍ୟାଳୟଟିର କୌଣସି କାର୍ଯ୍ୟାଳୟ ନଥିବାରୁ ପାଠପଢ଼ା ସହ ସମସ୍ତ ଆସବାବପତ୍ର ୨ଟି ଗୃହରୁ ଗୋଟିଏ ଶ୍ରେଣୀ ଗୃହରେ ରହୁଥିବାରୁ ଅଫିସ କାର୍ଯ୍ୟ ସହ ଅନ୍ୟ ସମସ୍ତ କାର୍ଯ୍ୟ ଉକ୍ତ ଗୃହରେ ସମ୍ପାଦିତ ହେଉଥିବାରୁ ଏହା ମଧ୍ୟ ଶିକ୍ଷାଦାନ କ୍ଷେତ୍ରରେ ଘୋର ସମସ୍ୟା ସୃଷ୍ଟି କରୁଥିବାର ଜଣାପଡ଼ିଛି। ବିଦ୍ୟାଳୟ ପରିସରରେ ଏକ ପୋଖରୀ ଥିବାରୁ ଏହା ମଧ୍ୟ କୋମଳମତି ପିଲାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ବିପଦ ସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟାଳୟ କାର୍ଯ୍ୟାଳୟଟିର ମରାମତି କରାଯାଇଥିଲେ ସୁଦ୍ଧା ତାହା ଠିକ୍ ଭାବେ କାର୍ଯ୍ୟକ୍ଷମ ହୋଇପାରୁନଥିବା ବେଳେ ଶ୍ରେଣୀ ଗୃହ ଅଭାବରୁ ସାଂସଦଙ୍କ ପାଣ୍ଠିରୁ ଅନୁମୋଦିତ କଂପ୍ୟୁଟର ଅଫିସ ଗୃହରେ ପଡ଼ିରହି ବ୍ୟବହାର ଯୋଗ୍ୟ ହୋଇ ନପାରି ଖତ ଖାଉଛି। ସେହିପରି ବିଦ୍ୟାଳୟ ସମ୍ମୁଖ ପାଖକୁ ଛାଡ଼ି ଅନ୍ୟ ପାର୍ଶ୍ୱରେ ସ୍ଥାୟୀ ପାଚେରି ନିର୍ମାଣ ହୋଇନଥିବାରୁ ଏହା ମଧ୍ୟ ପିଲାଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ପାଇଁ କୌଣସି ପରିସ୍ରାଗାରର ସୁବନ୍ଦୋବସ୍ତ ଆଜି ପର୍ଯ୍ୟନ୍ତ ହୋଇପାରି ନାହିଁ। ଏତେ ପୁରାତନ ବିଦ୍ୟାଳୟଟିରେ ଏହିପରି ଅବ୍ୟବସ୍ଥା ଯଦି ଲାଗି ରହେ ତେବେ ଏହା ନିଶ୍ଚିନ୍ତ ଭାବେ କୋମଳମତି ଛାତ୍ରଛାତ୍ରୀଙ୍କ ଉପରେ କୁପ୍ରବାହ ପକାଇବ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରୁଛନ୍ତି। ଏତେ ପୁରାତନ ବିଦ୍ୟାଳୟରେ ଲାଗିରହିଥିବା ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

**୨ କୋଠରୀରେ ୬ ଶ୍ରେଣୀର ପାଠପଢ଼ା**

# ମା' ଦକ୍ଷିଣେଶ୍ୱରୀ କାଳୀଙ୍କ ତୃତୀୟ ବାର୍ଷିକ ଉତ୍ସବ

**ବାସୁଦେବପୁର, ୧୯।୧୦(ସମିସ):** ବାସୁଦେବପୁର ପୌରପାଳିକା ନୂଆ ବସଷ୍ଟାଣ୍ଡ ଛକର ମା' ଦକ୍ଷିଣେଶ୍ୱର କାଳୀଙ୍କ ପୀଠର ୩ୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବସଷ୍ଟାଣ୍ଡ ମା' ଦକ୍ଷିଣେଶ୍ୱର କାଳୀଙ୍କ ପୀଠରେ ସକାଳେ ଏକ କଳସ ଶୋଭାଯାତ୍ରାର ବାହାରି ବାଲୁଙ୍କେଶ୍ୱର ଶିବ ମନ୍ଦିର ପୋଖରୀରେ



କର୍ତ୍ତା ଭାବେ ନିତ୍ୟାନନ୍ଦ ପଳିତା ଓ ପବିତ୍ରା ପଳିତା କଳସ ବୁଡାଇଥିଲେ। ମନ୍ଦିର ପରିସରରେ ଅନୁଷ୍ଠିତ ହୋମଯଜ୍ଞ ସହ ବେଦମନ୍ତ୍ରରେ ପ୍ରକମ୍ପିତ ହୋଇଥିଲା। ପଣ୍ଡିତ ଅନନ୍ତ ନାରାୟଣ ଶତପଥୀ, ପଣ୍ଡିତ ନାରାୟଣଚନ୍ଦ୍ର ପଣ୍ଡା, ପଣ୍ଡିତ ଯଦୁନାଥ ଷଡଙ୍ଗୀ ଓ ମନୋରଞ୍ଜନ ପାଢ଼ୀଙ୍କ ମନ୍ତ୍ର ଧ୍ୱନିରେ ମୁଖରିତ ହେଉଛି ସମଗ୍ର ପରିବେଶ। ପୂର୍ବରୁ ବସଷ୍ଟାଣ୍ଡ କାଳୀ କମିଟି ପକ୍ଷରୁ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇ ଆସୁଥିଲେ। ୨୦୨୩ରେ କମିଟି ପକ୍ଷରୁ ମା' ଦକ୍ଷିଣେଶ୍ୱର କାଳୀଙ୍କ ପୀଠର ପଥର ମୂର୍ତ୍ତି ସ୍ଥାପନ କରାଯାଇ ପ୍ରତିଦିନ ପୂଜା ପାଇ ଆସୁଛନ୍ତି। କମିଟିର ମଦନମୋହନ ମହାକୁଡ, ଲମ୍ବୋଧର ପରିଡ଼ା, ସୁବାସଚନ୍ଦ୍ର ବାରିକ, ପୌରପାଳିକାର ଉପାଧ୍ୟକ୍ଷ ଉତ୍ତମ ବାରିକ, ପ୍ରଶାନ୍ତ ମଲ୍ଲିକ, ଗଗନ ବିହାରୀ ବାରିକ ପ୍ରମୁଖ ଯୋଗ ଦେଇଥିଲେ। କମିଟି ପକ୍ଷରୁ ଦୁଇ ହଜାର ଭକ୍ତମାନଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି।

# ଚିନ୍ତାରେ ହବିଷ୍ୟାଳି; ଶହେ ମୁହାଁ ପରିବା ଦର

**ବାରିକପୁର, ୧୯।୧୦(ସମିସ):** ଏବେ ଧର୍ମ ପାଳନ ପାଇଁ ଉଦ୍ଦିଷ୍ଟ କାର୍ତ୍ତିକ ମାସରେ ହବିଷ୍ୟାଳିଙ୍କ ବ୍ରତ ଆରମ୍ଭ ହୋଇଛି। ଅନେକ ଗୃହସ୍ଥଙ୍କ ସମେତ ବିଭିନ୍ନ ଦେବାଦେବୀ ପୀଠରେ ଶ୍ରଦ୍ଧାଳୁମାନେ ମାସେ ଯାଏଁ କାର୍ତ୍ତିକ ବ୍ରତର ଶୁଭାରମ୍ଭ କରିଛନ୍ତି। ବିଶେଷ କରି ଏହି ମାସରେ ବ୍ରତଧାରୀଙ୍କ ସମେତ ଅନ୍ୟାନ୍ୟ ଜନସାଧାରଣ ଆମିଷ ଭକ୍ଷଣ କରି ନଥାନ୍ତି। ସାତ୍ତ୍ୱିକ ଭୋଜନ ପାଇଁ ସମସ୍ତେ ସବୁଜ ପନିପରିବା ଉପରେ ନିର୍ଭର କରିଥାନ୍ତି। ଏତିକି ବେଳକୁ ପ୍ରତ୍ୟେକ ବର୍ଷ ପନିପରିବା ଦର ଆକାଶଛୁଆଁ ହେଉଛି। ଏବେ କାର୍ତ୍ତିକ ଆସୁ ଆସୁ ପରିବା ଦର ଏବେ ଶହେ ମୁହାଁ ହୋଇଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ଗ୍ରାମ୍ୟ ବଜାରଗୁଡ଼ିକରେ ପନିପରିବା ଦର ଦିନକୁ ଦିନ ବୃଦ୍ଧି ପାଉଥିବା ଦେଖାଯାଇଛି। ବ୍ଲକର ମଞ୍ଜୁରୀ ରୋଡ, ବାରିକପୁର, କୁଲଣା, ଧାମନଗର ଛକ, ଛତାବର, ମାଳଦା, ସରସଦା, ଆଖୁଆପଦା ଆଦି ଗ୍ରାମ୍ୟ ବଜାରଗୁଡିକରେ ସାଧାରଣ ଲୋକଟିଏ ପରିବା କିଣିବା କଷ୍ଟକର ହେଉଛି। ଶହେ ଦୁଇଶହ ଟଙ୍କାରେ ପରିବା କିଣିଲେ ମଧ୍ୟ ଦୁଇ କେଜିଆ ପଲିଥିନ ସମ୍ପୂର୍ଣ୍ଣ ହେଉନାହିଁ। ସୂଚନା ମୁତାବକ, ବଜାରରେ ଫୁଲ କୋବି କେଜି ପ୍ରତି ୮୦ ଟଙ୍କା ବିକ୍ରି ହେଉଥିବା ବେଳେ ପୋଟଳ କେଜି ୮୦, ସଜନା ଛୁଇଁ ୮୦, ବାଇଗଣ ୮୦, ଝୁଡୁଙ୍ଗ ୮୦, ବିମସ ୮୦, ମାଟି ଆଳୁ ୬୦, ଗାଜର କେଜି ପ୍ରତି ୬୦ ଟଙ୍କା ବିକ୍ରି ହେଉଛି। କେବଳ ଜହ୍ନି, ଭେଣ୍ଡି, କଲରା, କଖାରୁ, ଅମୃତ ଭଣ୍ଡା ଆଦି ୪୦/୫୦ ଟଙ୍କାରେ ରହିଛି। ଯେହେତୁ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ପାଳବାଡିରୁ କୌଣସି ପନିପରିବା ପର୍ଯ୍ୟାପ୍ତ ମିଳୁ ନାହିଁ ତେଣୁ ଆମଦାନୀ ପରିବା ଦର ଆକାଶଛୁଆଁ ହେଉଛି। ଏହାଛଡା ଶୀତ ଦିନିଆ ପରିବା ମଧ୍ୟ ଏଯାଏଁ ହୋଇ ନାହିଁ। ତେଣୁ କାର୍ତ୍ତିକ ମାସ ଶେଷ ସୁଦ୍ଧା ଅନେକ ପନିପରିବା ଦର ୧୦୦ ଡେଇଁବା ଆଶଙ୍କା ରହିଛି। ପନିପରିବା ଦର ବୃଦ୍ଧିକୁ ନେଇ ଜନସାଧାରଣଙ୍କ ସମେତ ହବିଷାଳୀ ମାନେ ଚିନ୍ତା ପ୍ରକଟ କରିଛନ୍ତି।

# ଧାନବିଲ ଶୁଖିଲା ଠକ ଠକ: ଚାଷୀଙ୍କୁ ଭରସା ଲଘୁଚାପ ବର୍ଷା

**ବାରିକପୁର, ୧୯।୧୦(ସମିସ):** ଏବେ ଖରିଫ୍ ଧାନ ଚାଷରେ ଥୋଡ ସମୟ ଉପନୀତ ହୋଇଥିବା ବେଳେ ପର୍ଯ୍ୟାୟକ୍ରମେ ଗଛ ଆହାର ସଂଗ୍ରହ କରିବ। ଏଥିପାଇଁ



ଚାଷ ଜମିରେ ପାଣିର ପ୍ରଚୁର ଆବଶ୍ୟକତା ରହିଛି। ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ଅଞ୍ଚଳରେ ଥିବା ଚାଷ ଜମି ଗୁଡିକ ଦିନକୁ ଦିନ ସୁଖିଲା ଠକ ଠକ୍ ଦେଖା ଯାଉଛି। ଏପରିକି ମାଇନର କେନାଲ ପାର୍ଶ୍ୱରେ ଥିବା କ୍ଷେତରେ ବୁନ୍ଦାଏ ପାଣି ନାହିଁ। ଏହାଛଡା କେନାଲ ଶେଷ ମୁଣ୍ଡରେ ପାଣି ପହଞ୍ଚିବା କଷ୍ଟକର ହେଉଛି। ବିଶେଷ କରି ଜଳହରି, ବିରୋଳୀ, ସାରଣା, ଚାଙ୍ଗୁଆ, ଚତୁର୍ଭୁଜପୁର, ରାଢୋ, ଗିଲପଦୀ, ସିମିଳିଆ, ମାଳୀପଦି, ଅଙ୍ଗାରଗଡ଼ିଆ, କୋରକଦା, କୁମ୍ଭାରିଆ, କୋରିଗାଁ, ବେଲଗଡ଼ିଆ, ନୂଆ ପୋଖରୀ, ନାଉରିଗଡ଼ିଆ, ବିରିଗଡ଼ିଆ, ଆଲିହା ପ୍ରମୁଖ ସ୍ଥାନରେ ଜଳାଭାବ ଦେଖାଦେଇଛି। ଗାଁ ତଳ ଜମିରେ ପାଣି ନାହିଁ। ସେଠାରେ କେନାଲ ପାଣି ପହଞ୍ଚିବା ସ୍ୱପ୍ନ ହୋଇଛି। କେଉଁଠି ଚାଷୀମାନେ ଇଲେକ୍ଟ୍ରି ମୋଟର ଯୋଗେ ଚାଷ ଜମିକୁ ପାଣି ମଡାଉଛନ୍ତି ତ ପୁଣି କେଉଁ ଚାଷୀ ରାତି କାକର ଉପରେ ଭରସା କରିଛନ୍ତି। ମାଇନର କେନାଲ ଓ କାଡାନାଳ ଠିକ୍ ସମୟରେ କାମରେ ଆସୁନାହିଁ। ସେଗୁଡିକ ଏବେ ରକ୍ଷଣାବେକ୍ଷଣ ଅଭାବରୁ ଲତା ଗୁଳ୍ମ ରେ ଭର୍ତ୍ତି ହୋଇଯାଇଛି। ତେଣୁ ମୁଖ୍ୟ କେନାଲରେ ପାଣି ଥିଲେ ମଧ୍ୟ ପ୍ରଶାସନିକ ସ୍ଥାଣୁତା ଯୋଗୁଁ ହଜାର ହଜାର ହେକ୍ଟର ଚାଷଜମି ଏବେ ଶୁଖିଲା ପଡ଼ିଛି। ଶୁଖିଲା ଜମିକୁ ଦେଖି ହତବାକ୍ ହେଉଛନ୍ତି ଚାଷୀ। ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁଁ ଯଦି କିଛି ବର୍ଷା ହୁଏ ତାହେଲେ ଚାଷୀ ମାନଙ୍କ ଜଳ କଷ୍ଟ ଦୁର ହେବ ବୋଲି ମତପ୍ରକାଶ ପାଇଛି।

# ସଂସ୍କାରଧର୍ମୀ ପୌରାଣିକ ପୁସ୍ତକ 'ଉର୍ମିଳା' ଲୋକାର୍ପିତ



ଦୋବଲ, ୧୯।୧୦(ସମିସ): ସାରସ୍ୱତ ସାଧକ ପ୍ରମୋଦ କୁମାର ମିଶ୍ରଙ୍କ ସାମାଜିକ ଚେତନାଧର୍ମୀ ଓ ପୌରାଣିକ କଥାବସ୍ତୁକୁ ନେଇ ରଚିତ ପୁସ୍ତକ 'ଉର୍ମିଳା' ଲୋକାର୍ପିତ ହୋଇଯାଇଛି। ଦିହୁଡ଼ି ଆନନ୍ଦପୁର ହରମହାଦେବ ମନ୍ଦିର ନିକଟରେ ରାମଚନ୍ଦ୍ର ଦାଶ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଭଦ୍ରକ ଉପଜିଲ୍ଲାପାଳ କାର୍ତ୍ତିକନାଥ ମଣ୍ଡଳ ଓ ଶିଳ୍ପପତି ଇଂ ଅଭୟ ସୂତାର ଏହାର ଲୋକାର୍ପଣ କରିଛନ୍ତି। ଭାରତୀୟ ଚେତନାର ଅନ୍ତଃସ୍ୱରରେ ସାମାଜିକ ପ୍ରତିବଦ୍ଧତା, ବ୍ୟକ୍ତିଗତ ଜୀବନରେ ତ୍ୟାଗ, ଆଦର୍ଶବୋଧ ଅଙ୍କୁରିତ କରିବାରେ ଯେଉଁ କତିପୟ ସାହିତ୍ୟ କୃତିର ଅବଦାନ ପ୍ରାତଃ ସ୍ମରଣୀୟ, ତନ୍ମଧ୍ୟରେ ମହାକାବ୍ୟ ରାମାୟଣ ସର୍ବାଗ୍ରେ। ରାମାୟଣର ଚରିତ୍ରମାନଙ୍କ ମଧ୍ୟରୁ ସାଧାରଣ ଜନଚେତନାରେ ସ୍ୱଚ୍ଛ ଆଲୋଚିତ ଚରିତ୍ରଟିଏ ହେଉଛନ୍ତି ରାମାନୁଜ ଲକ୍ଷ୍ମଣଙ୍କ ଧର୍ମପତ୍ନୀ ଦେବୀ 'ଉର୍ମିଳା'। ଲକ୍ଷ୍ମଣ ଯେତେବେଳେ ପ୍ରଭୁ ଶ୍ରୀରାମଚନ୍ଦ୍ର ଆଉ ମାଆ ଜାନକୀଙ୍କ ସହ ଚଉଦବର୍ଷ ଧରି ବନଗମନ କରିଛନ୍ତି, ପତିଙ୍କଠାରୁ ଦୂରରେ ଦୀର୍ଘଦିନର ସାଧନାମଗ୍ନ ଜୀବନ ଅତିବାହିତ କରିଛନ୍ତି ଦେବୀ ଉର୍ମିଳା। ଏହି ପୁସ୍ତକ ମାଧ୍ୟମରେ ଉର୍ମିଳାଙ୍କ ଜୀବନ ସମ୍ପର୍କରେ ଆଲୋଚନା କରିଛନ୍ତି ଲେଖକ ପ୍ରମୋଦ ମିଶ୍ର। ସଭା ସଞ୍ଚାଳନ କରିଥିଲେ ପଣ୍ଡିତ ଭୂପତି ଭୂଷଣ ମିଶ୍ର। ଅତିଥି ପରିଚୟ ପ୍ରଦାନ କରିଥିଲେ ଗୀତିକାର ଓ ନାଟ୍ୟକାର କୁଳମଣି ବେହେରା। ଆୟୋଜନ କରିଥିଲେ ସୀତାଂଶୁ ଦାଶ, ବୃନ୍ଦାବନ ମହାନ୍ତି, ବିଜୟ କୁମାର ଦାସ, ମାନଗୋବିନ୍ଦ ଦାସ, ବିଶ୍ୱମ୍ବର ରାଉତ।

# ଆଜି ଦୀପାବଳି
# ବଡ଼ବଡୁଆଙ୍କୁ ଡାକିବାକୁ କାଉଁରିଆ କାଠି ଅଭାବ

**ବନ୍ତ/ଆଗରପଡ଼ା, ୧୯।୧୦(ସମିସ):** ଦୀପାବଳି ପର୍ବରେ ଓଡ଼ିଆମାନେ ଏକ ସାଙ୍ଗରେ କାଉଁରିଆ କାଠିକୁ ଜଳାଇ ସପରିବାର ଗାଁ ଦାଣ୍ଡରେ ଏକତ୍ରିତ ହୋଇ 'ବଡ଼ବଡୁଆ ହୋ ଅନ୍ଧାରରେ ଆସ ଦୀପାବଳି ଆଲୋକ ଦେଖି ଆମକୁ ଆଲୋକିତ କର' ବୋଲି ପ୍ରାର୍ଥନା କରିଥାନ୍ତି। ଆଜିର ଦିନରେ କାଉଁରିଆ କାଠିର ଅଭାବ ପରିଲକ୍ଷିତ ହେଉଛି। କାରଣ ସମୟଚକ୍ରରେ ହଜି ଯାଉଛି ଝୋଟର ଚାହିଦା। ଯଦ୍ୱାରା ବଜାର ମୂଲ୍ୟରେ ଏହାର ହ୍ରାସ ଘଟୁଛି। ବଜାର ମୁଲ୍ୟରେ ହ୍ରାସ ଯୋଗୁଁ ଦିନକୁ ଦିନ ନଳିତା ଚାଷ ପ୍ରତି ବିମୁଖ ହେବାରେ ଲାଗିଛି ଚାଷୀ। ବନ୍ତ ବ୍ଲକର ବିଭିନ୍ନ ପଞ୍ଚାୟତରେ ଏହି ଚାଷ ପାଇଁ ଭିତିଭୂମି ରହିଥିଲେ ସୁଦ୍ଧା ପରିଶ୍ରମ ତୁଳନାରେ ସେମାନେ ସେମାନଙ୍କ ପ୍ରାପ୍ୟ ପାଇପାରୁ ନଥିବାରୁ ଉକ୍ତ ଚାଷ ପ୍ରତି ବିମୁଖ ହେବାରେ ଲାଗିଥିବା ଜଣାପଡ଼ିଛି। ଯଦ୍ୱାରା କାଉଁରିଆ କାଠିର ଅଭାବ ପରିଲକ୍ଷିତ ହେଉଛି। ଓଡ଼ଙ୍ଗ ପଞ୍ଚାୟତ ବୋଡ଼କପାଟଣା ଓ ବୋଡ଼କମୁହାଜାବୀ ଗ୍ରାମର କିଛି ଚାଷୀଙ୍କ କହିବାନୁଯାୟୀ, ଦିନଥିଲା ଉକ୍ତ ଅଞ୍ଚଳରେ ପାଖାପାଖି ୭ ହେକ୍ଟର ଜମିରେ ନଳିତା ଚାଷ କରାଯାଉଥିଲା। ଉକ୍ତ ଚାଷ କରି ସେମାନେ ସେମାନଙ୍କ ପରିବାର ପ୍ରତିପୋଷଣ ମଧ୍ୟ କରିପାରୁଥିଲେ। ଦିନକୁ ଦିନ ବଜାରରେ ଝୋଟର ଚାହିଦା କମିବା ଯୋଗୁଁ ତାର ମୂଲ୍ୟରେ ମଧ୍ୟ ହ୍ରାସ ଘଟିଛି। କିଛି ବର୍ଷ ହେବ ଝୋଟର ବଜାର ଦର କ୍ୱିଣ୍ଟାଲ ପ୍ରତି ୪ହଜାରରୁ



ସାଢେ଼୪ହଜାର ରହିଥିବା ବେଳେ ଏହାର ମୂଲ୍ୟ ଯଦି ବୃଦ୍ଧି ପାଇ ୭ହଜାରରୁ ୮ହଜାର ହୋଇପାରନ୍ତା ତେବେ ସେମାନେ ସେମାନଙ୍କ ପରିଶ୍ରମ ଅନୁସାରେ କିଛି ଲାଭ ପାଇପାରନ୍ତେ। ଏହା ହୋଇପାରୁ ନଥିବାରୁ ଉକ୍ତ ଚାଷ ପ୍ରତି ସେମାନଙ୍କ ଆଗ୍ରହ କମିବାରେ ଲାଗିଛି। ଚଳିତ ବର୍ଷ ଉକ୍ତ ଅଞ୍ଚଳରେ ୪ରୁ ୫ହେକ୍ଟର ଜମିରେ ଉକ୍ତ ଚାଷ ହୋଇଥିଲା। ଅପରପକ୍ଷରେ କିଛି ଚାଷୀ ନିଜ ଚାଷ ଜମିରେ ପରିବା ଚାଷ କରି ଏହାଠୁ ଅଧିକ ଲାଭ ପାଉଥିବାର ମଧ୍ୟ ପ୍ରକାଶ କରିଛନ୍ତି। ଅପରପକ୍ଷରେ ସରକାରଙ୍କ ଦ୍ୱାରା ଉକ୍ତ ଚାଷ ପ୍ରତି ମିଳୁଥିବା ପ୍ରୋତ୍ସାହନ ରାଶି ମଧ୍ୟ ଚାଷୀଙ୍କ ପାଖରେ ଠିକ୍ ଭାବେ ପହଞ୍ଚି ପାରୁନଥିବା ସେମାନେ ଅଭିଯୋଗ କରନ୍ତି। ତେଣୁ ଉକ୍ତ ଚାଷ ପ୍ରତି ଚାଷୀ ବିମୁଖ ହେବାର ଲାଗିଥିବାରୁ ସବୁ ପରମ୍ପରା ଲୋପ ପାଇବାରେ ଲାଗିଛି। ନଳିତା ଚାଷ ବୁଡ଼ିଯାଉଥିବାରୁ ଦୀପାବଳି ପର୍ବରେ ଏକସାଙ୍ଗରେ ସପରିବାର ଓ ସାହିପଡ଼ିଶା ମିଶି ବଡ଼ବଡୁଆଙ୍କୁ ଡ଼ାକିବାର ପ୍ରଥା ଲୋପ ପାଇବାକୁ ବସିଛି। କାରଣ ଏହି ପ୍ରଥାରେ କାଉଁରିଆ କାଠିର ଭୂମିକା ଅତି ଗୁରୁତ୍ୱ। ଏହାକୁ ଜାଳି ବଡ଼ବଡୁଆଙ୍କୁ ଡ଼କାଯାଇଥାଏ। ସେହିପରି ଝୋଟରେ ନିର୍ମିତ ବହୁ ନିତ୍ୟବ୍ୟବହାର୍ଯ୍ୟ ଜିନିଷ ଯେପରି ବାଣି, ଦଉଡ଼ି, ଗୋରୁ ପଘା, ସିକା ଆଦି ମଧ୍ୟ ଦେଖିବାକୁ ମିଳୁନାହିଁ। ବିଭାଗୀୟ ଅଧିକାରୀ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସମସ୍ତ ସୁବିଧାସୁଯୋଗ ଚାଷୀଙ୍କଠାରେ ପହଞ୍ଚାଇବା ସହ ବୁଡ଼ିଯାଉଥିବା ନଳିତା ଚାଷକୁ ଉଜ୍ଜିବିତ ରଖିବା ପାଇଁ ଚେଷ୍ଟିତ ହେଲେ ଲୋପ ପାଇଯାଉଥିବା ବହୁ ପୁରାତନ ପରମ୍ପରା ପୁଣି ଫେରିଆସନ୍ତା ବୋଲି ବୁଦ୍ଧିଜୀବୀ ଆଶା କରିଛନ୍ତି।

# ଅସମ୍ପୂର୍ଣ୍ଣ କେନାଲ ରାସ୍ତା



**ବାରିକପୁର, ୧୯।୧୦(ସମିସ):** ଭଣ୍ଡାରିପୋଖରୀ ବ୍ଲକ ବାରିକପୁର କାଳିତ୍ରା ପୀଠ ନିକଟସ୍ଥ ରାଜପଥର ବାମ ପାର୍ଶ୍ୱରେ ଥିବା କେନାଲ ରାସ୍ତା ନବୀକରଣ କାର୍ଯ୍ୟ ବନ୍ଦ ହୋଇ ପଡ଼ି ରହିଛି। ଜଳସମ୍ପଦ ବିଭାଗ ପକ୍ଷରୁ ମାଟି ମୋରମ ହୋଇ ପଡ଼ିଥିବା ୫ନମ୍ବର କେନାଲ ରାସ୍ତାର ପିଚୁ ନିର୍ମାଣ ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟ ବରାଦ ହୋଇଛି। ବିଶେଷ କରି ବୋହୁ ଦରଡାଠାରେ ନିର୍ମିତ ହୋଇଥିବା ଜେଲ୍ ନିକଟକୁ ଏହି ରାସ୍ତା ସଂଯୋଗ କରୁଛି। ତେଣୁ ଗୁରୁତ୍ୱ ଦୃଷ୍ଟିରୁ ଏହାର ନବୀକରଣ କାର୍ଯ୍ୟ ଗତ ମାର୍ଚ୍ଚ ମାସରୁ ଆରମ୍ଭ ହୋଇଥିଲେ ସୁଦ୍ଧା ଏଯାଏଁ ସମ୍ପୂର୍ଣ୍ଣ ହୋଇ ନାହିଁ। କେନାଲ ରାସ୍ତାରେ ପ୍ରାଥମିକ ଭାବେ କେବଳ ଡଷ୍ଟ ଓ କ୍ଷୁଦ୍ର ମେଟାଲ ପଡ଼ିଛି। ଏହାଛଡା ଆଉ କୌଣସି କାର୍ଯ୍ୟ ଏଯାଏଁ ହୋଇ ନାହିଁ। ଏପଟେ ଏହି ରାସ୍ତାରେ ଦୈନିକ ଯାତାୟାତ କରୁଥିବା ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଧାପନ୍ତରିଆ କାମ ଯୋଗୁଁ ମୋଟରସାଇକଲ ଓ ସାଇକଲ ଆରୋହୀମାନେ ଛୋଟମୋଟ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ତେଣୁ ଯଥାଶୀଘ୍ର ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଏନେଇ ଜଳସମ୍ପଦ ବିଭାଗ ଯନ୍ତ୍ରୀଙ୍କଠାରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# କୋଠାର ଜେନାସାହିରେ ସମସ୍ୟା ବହୁତ, ସମାଧାନ କମ୍



**ଅସୁରାଳି, ୧୯।୧୦(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ କୋଠାର ପଞ୍ଚାୟତର ଜେନାସାହିରେ ବାସ କରୁଥିବା ବହୁ ପରିବାର ଆଜି ମଧ୍ୟ ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି। ଏଠାର ଅନେକ ଯୋଗ୍ୟ ନାଗରିକ ବାସଗୃହ, ରାସନ କାର୍ଡ ଓ ଭତ୍ତା ଯୋଗାଣରେ ଅନ୍ୟାୟ ଭାବେ ଅଣଦିଆ ହୋଇ ରହିଛନ୍ତି। ଏହି ସାହିର ରେବତୀ ଜେନା (୬୫)ଙ୍କ ଦୁଃଖ କହିଲେ ନସରେ। ସ୍ୱାମୀଙ୍କ ମୃତ୍ୟୁକୁ ୩ ବର୍ଷ ପୁରିଲାଣି। ଏହାପରେ ତିନି ପୁଅ ମଧ୍ୟରୁ ଦୁଇଜଣ ତାଙ୍କୁ ଅଲଗା କରିଦେଇଛନ୍ତି। ସାନପୁଅ ଦାଦନ ଖଟିବାକୁ ବାହାରି ଯାଇଥିବାରୁ ଘରେ ଚୁଲି ଜଳେ, କିନ୍ତୁ ଜୀବନ ଜରି ପାଲ ତଳେ ଚାଲିଛି। ଏତେ ଯନ୍ତ୍ରଣା ମଧ୍ୟରେ ଥିବା ସତ୍ତ୍ୱେ ରେବତୀ ଜେନା ଅନ୍ୟାୟ ଭାବେ ବାସଗୃହରୁ ବଞ୍ଚିତ। ଏହିପରି ଅବସ୍ଥା ରୂପା ମଳିକ, ଝୁନାରାଣୀ ଜେନା, ମନୋରମା ଜେନା, ସବିତା ଜେନା ଓ ଅନ୍ୟାନ୍ୟ ବାସିନ୍ଦାଙ୍କ ପାଖରେ ମଧ୍ୟ ଦେଖିବାକୁ ମିଳିଛି। ସୀମା ରାଣୀ ଓ ପୂର୍ଣ୍ଣମା ଜେନାଙ୍କ ପାଖରେ ବାସଗୃହ ନାହିଁ କି ରାସନ କାର୍ଡ ନାହିଁ। ଏହା ଦ୍ୱାରା ସ୍ପଷ୍ଟ ହୁଏ ଯେ ପ୍ରଶାସନଙ୍କ ଦାୟିତ୍ୱ ଏଠି ଅପୂର୍ଣ୍ଣ ଅଛି। ସରକାରଙ୍କ ଅପାରଗତାକୁ ଦର୍ଶାଏ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଜନତା ଏବେ ଏକତ୍ରିତ ହୋଇ ଦାବି କରୁଛନ୍ତି ଯେ ସମସ୍ତ ଯୋଗ୍ୟ ବାସିନ୍ଦାଙ୍କୁ ବାସଗୃହ ଓ ଭତ୍ତା ଦିଆଯାଉ। ଏହି ବିଷୟରେ ପିଇଓ ସରୋଜିନୀ ବେହେରା କହିଛନ୍ତି, 'ଅନଲାଇନ୍ ହୋଇ ସାରିଛି, ଖୁବ୍ ଶୀଘ୍ର ସମସ୍ତେ ବାସଗୃହ ଓ ଭତ୍ତା ପାଇବେ'। ଏହି ଅବସ୍ଥା ଦେଖି ଏକ ପ୍ରଶ୍ନ ଉଠେ, ସରକାରଙ୍କ ଦାୟିତ୍ୱ କେଉଁଠି? ଯେଉଁଠି ଜନସାଧାରଣ ଯନ୍ତ୍ରଣାରେ ଯୁଝୁଛନ୍ତି, ସେଠି ନୀତି ଓ ଯୋଜନା କେବେ ପ୍ରୟୋଗ ହେବ?

# ଅନ୍ନପୂର୍ଣ୍ଣା ମିଶ୍ରଙ୍କ ସ୍ମୃତିସଭା

**ଭଦ୍ରକ, ୧୯।୧୦(ସମିସ):** ନନ୍ଦିଘୋଷ ଟିଭିର ଜିଲ୍ଲା ସାମ୍ବାଦିକ ମହେଶ ମିଶ୍ରଙ୍କ ମାତା ସ୍ୱର୍ଗତ ଅନ୍ନପୂର୍ଣ୍ଣା ମିଶ୍ରଙ୍କ ଏକାଦଶାହ ସ୍ମୃତିସଭା ୩୦ନମ୍ବର ୱାର୍ଡ ଦାସସାହିସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ୍ କୁମାର ମଲ୍ଲିକ, ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, କାଉନସିଲର ଆଶୀଷ ଅମିତାଭ ମହାପାତ୍ର, ପ୍ରାକ୍ତନ କାଉସିଲର ପ୍ରଭାତ ମାଝୀ, ଯୁବନେତା ସୂର୍ଯ୍ୟକୁମାର ଦାସଙ୍କ ସମେତ ବହୁ ଜିଲ୍ଲାସ୍ତରୀୟ ସାମ୍ବାଦିକ ତଥା ବିଶିଷ୍ଟ ବ୍ୟକ୍ତିମ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



# ଅଧ୍ୟାପକ ଡ. ପୀତାମ୍ବର ସ୍ୱାଇଁଙ୍କ ଜୟନ୍ତୀ ଉତ୍ସବ ପ୍ରସ୍ତୁତି



**ଭଦ୍ରକ, ୧୯।୧୦(ସବିସ):** ବାଗ୍ମୀଶେଖର, ଅଧ୍ୟାପକ ଡ.ପୀତାମ୍ବର ସ୍ୱାଇଁଙ୍କ ୯୪ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ 'ବିଶେଷ ଖବର' କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ନୂତନ ଭାବେ ମନୋନୀତ ସଭାପତି ଡ.ଶଶଧର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସମସ୍ତ ନୂତନ ପଦାଧିକାରୀ ଆସନ୍ତା ନଭେମ୍ବର ୧୭ ତାରିଖରେ ହେବାକୁ ଥିବା ଏହି ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବର ବିଭିନ୍ନ ବିଷୟରେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହେଲା। କମଳାକାନ୍ତ ସ୍ୱାଇଁ, ଆଡଭୋକେଟ ନିତ୍ୟାନନ୍ଦ ଦାସ, ଗୋବର୍ଦ୍ଧନ ସାମଲ, ହୃଦାନନ୍ଦ ପାଣିଗ୍ରାହୀ, ଡ. ବଳରାମ ମିଶ୍ର, ପବିତ୍ର ପାଣିଗ୍ରାହୀ, ଅରୁଣ ପାତ୍ର, ମନୋରଞ୍ଜନ ଦାସ, ଡ. ବିଶ୍ୱରଞ୍ଜନ ଦାସ, ରତିକାନ୍ତ ବେହେରା, ଶ୍ରୀହର୍ଷ ସ୍ୱାଇଁ ପ୍ରଭୃତି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବଞ୍ଚିବାର ରାହା ଖୋଜି ଖୋଜି ଶେଷରେ ଆଖି ବୁଜିଲେ ପୂର୍ଣ୍ଣମା

**ବନ୍ତ/ଆଗରପଡ଼ା, ୧୯।୧୦(ସମିସ)**

ବର୍ଷ ବର୍ଷ ଧରି ଶଯ୍ୟାରେ ଭାଗ୍ୟକୁ ଆଦରି ପଡ଼ିରହିବା ପରେ ବର୍ଷ ୨୦୨୩ରେ ସରକାରଙ୍କ ତରଫରୁ ଗୋଟିଏ ହ୍ୱିଲ ଚେୟାର ତାଙ୍କୁ ପ୍ରଦାନ କରାଯାଇଥିଲା; କିନ୍ତୁ ସେ ତାକୁ ବ୍ୟବହାର କରିପାରି ନଥିଲେ। ଭତ୍ତା ଟଙ୍କା କେବଳ ତାଙ୍କ ବଞ୍ଚିବାର ସାହାରା ପାଲଟିଥିଲା। ସରକାର ଭିନ୍ନକ୍ଷମଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ବିଭିନ୍ନ ପ୍ରକାର ଯୋଜନାମାନ ପ୍ରସ୍ତୁତ କରି ଏଥିପାଇଁ ବାର୍ଷିକ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଉକ୍ତ ଯୋଜନାଗୁଡ଼ିକ ସଫଳ ହୋଇପାରୁ ନଥିବା ଜଣାପଡୁଛି।

ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ରାମଚନ୍ଦ୍ରପୁର ଗ୍ରାମର ପୂର୍ଣ୍ଣିମା ନାୟକ। ୨୧ ବର୍ଷ ଧରି କେବଳ ସେ ଶୋଇ ରହିଥିଲେ। ଏପରି ସ୍ଥଳେ ସରକାରୀ ସ୍ତରରେ ସେ କେବଳ ମାସିକ ୫୦୦ ପରେ ୭୦୦ ଓ ମରିବା ବେଳକୁ ୧୦୦୦ଟଙ୍କା ଭତ୍ତା ପାଉଥିଲେ। ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କ ଠିକ୍ ନରହିବାରୁ ସେ ବିବାହର ବର୍ଷେ ପରେ ଆସି ନିଜ ବାପଘରେ ରହୁଛନ୍ତି। ତାଙ୍କ ବାପା, ମା' ଓ ଭାଇଙ୍କ ମୃତ୍ୟୁ ଘଟି ସାରିଥିବା ବେଳେ ଅନ୍ୟ ଏକ ଭାଇ ଆର୍ଥିକ ଅନଟନ ମଧ୍ୟରେ ଗତି କରୁଥିଲେ ସୁଦ୍ଧା ପୂର୍ଣ୍ଣିମାକୁ ନିଜ ଘରେ ଆଶ୍ରୟ ଦେଇ ତାଙ୍କ ସେବା କରୁଥିଲେ।

୨୦୦୩ରେ ପୂର୍ଣ୍ଣିମାଙ୍କ ଆଣ୍ଠୁ ଗଣ୍ଠି ଧରିଲା। ଆସ୍ତେ ଆସ୍ତେ ସେ ଆଉ ଚଳାବୁଲା କରି ପାରିଲେ ନାହିଁ। ଆର୍ଥିକ ଅନାଟନ ଚିକିତ୍ସାରେ ଅନ୍ତରାୟ ସୃଷ୍ଟି କଲା। ପ୍ରାଥମିକ ଚିକିତ୍ସା ପରେ ସେ ୨୧ ବର୍ଷ ଧରି ଶଯ୍ୟାରେ ଭାଗ୍ୟକୁ ଆଦରି ପଡ଼ି ରହିଥିଲେ। ଦିନକୁ ଦିନ ତାଙ୍କ ହାତ ଗୋଡ଼ ସବୁ ବଙ୍କା ହୋଇଯାଉଥିଲା। ବାରମ୍ବାର ଅଭିଯୋଗ କରାଯାଉଥିôଲେ ସୁଦ୍ଧା ତାଙ୍କୁ ଶଯ୍ୟାଶାୟୀ ହେବାର ୧୯ ପର୍ଯ୍ୟନ୍ତ ସରକାରୀ ସ୍ତରରେ ପ୍ରଶାସନ ତରଫରୁ ଟ୍ରାଇସାଇକେଲଟିଏ ମଧ୍ୟ ଯୋଗାଇ ଦିଆଯାଇପାରି ନଥିଲା। ଯଦ୍ୱାରା ସେ ତାଙ୍କ ପ୍ରତିଦିନର ନିତ୍ୟକର୍ମ ମଧ୍ୟ ସେହି ବିଛଣାରେ କରୁଥିଲେ। ଦୈନିକ 'ସକାଳ'ରେ ଉକ୍ତ ଖବର ପ୍ରକାଶ ପାଇବା ପରେ ୨୦୨୩ ମେ ମାସ ୨୩ ବନ୍ତ ପ୍ରଶାସନ ପକ୍ଷରୁ ତାଙ୍କୁ ହ୍ୱିଲ ଚେୟାରଟିଏ ପ୍ରଦାନ କରାଯାଇଥିଲା କିନ୍ତୁ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଯୋଗୁଁ ସେ ତାକୁ ବ୍ୟବହାର କରି ପାରିନଥିଲେ। ସେହିପରି ପରେ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଥିଲା। ୨୦୨୦ ଅକ୍ଟୋବରରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ତତ୍କାଳୀନ ବିଡ଼ିଓ, ସାମାଜିକ କଲ୍ୟାଣ ଭାରପ୍ରାପ୍ତ ଅଧିକାରୀ ପ୍ରମୁଖ ଘଟଣାସ୍ଥଳକୁ ଆସି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ପ୍ରତିବଦଳରେ ଅନ୍ନପୂର୍ଣ୍ଣା ଯୋଜନାରେ ପୂର୍ଣ୍ଣିମାଙ୍କୁ ବାଦ ଦିଆଯାଇଥିଲା। ମାସିକ ୫୦୦ଟଙ୍କାକୁ ନେଇ ସେ ବଞ୍ଚି ରହିଥିଲେ। ଏହିପରି ଭାବରେ ବଞ୍ଚିବାର ରାହା ଖୋଜି ଖୋଜି ଶେଷରେ ୭ଦିନ ତଳେ ପୂର୍ଣ୍ଣିମା ସବୁ ଦିନ ପାଇଁ ଆଖି ବୁଜି ଦେଇଥିବା ଜଣାପଡ଼ିଛି। ଏଭଳି ଆହୁରି ଅନେକ ଭିନ୍ନକ୍ଷମ ଆଜିବି ସରକାରୀ ସହାୟତାକୁ ଚାହିଁ ବସିଛନ୍ତି। ଏମାନଙ୍କୁ ଚିହ୍ନଟ ସହ ତୁରନ୍ତ ଉପଯୁକ୍ତ ସହାୟତା ଯୋଗାଇ ଦେଲେ ସେମାନେ ବଞ୍ଚି ରହିବାର ମାନ ରହିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।



- ୨୧ ବର୍ଷ ଧରି ଶଯ୍ୟାଶାୟୀ ଥିଲେ
- ଭତ୍ତା ଟଙ୍କା ସାହାରା ପାଲଟିଥିଲା
- ସ୍ମୃତି ସାଉଁଟୁଛି ହ୍ୱିଲ୍‌ଚେୟାର

# ନୂଆ ଆଲୋକ ଦେଖିଲେ ବୁରୁସାହିବାସୀ

କବାଟବନ୍ଧ,୧୯ ।୧୦ (ସମିସ)




ଦୀପାବଳିରେ ଆଲୋକ ଦେଖିଲେ ଆଦିବାସୀ ପରିବାର। ଦୀର୍ଘ ପ୍ରାୟ ୩ ବର୍ଷ ପରେ ଆଦିବାସୀ ଗାଁ ବୁରୁସାହିରେ ଜଳିଲା ଆଲୁଅ। ସାପ ବେଙ୍ଗ ଆଦି ସରୀସୃପ ସହିତ ଜଙ୍ଗଲୀ ଜନ୍ତୁଙ୍କ ଭୟରୁ ମୁକ୍ତି ପାଇଲେ ପ୍ରାୟ ୩ ଶହ ଲୋକ। ଅବହେଳିତ ଏହି ଗାଁର ନଗ୍ନତାକୁ ଅତି ପାଖରୁ ପ୍ରଶାସନ ଦେଖୁଥିଲେ ମଧ୍ୟ ସେମାନଙ୍କ ଅବହେଳିତ ଜୀବନକୁ ନେଇ କେବେ ବ୍ୟବସ୍ଥାକୁ ପ୍ରୟୋଗ କରିବା ପାଇଁ ଇଛା ପ୍ରକାଶ କରୁ ନଥିଲେ। ଏ ସଂକ୍ରାନ୍ତରେ ଦୈନିକ ଖବର କାଗଜ "ସକାଳ'ରେ ଏକ ତଥ୍ୟଭିତ୍ତିକ ଖବର ଗତ ୧୬ ସେପ୍ଟେମ୍ବରରେ "ବିକାଶ ଖୋଜୁଛି ବୁରୁସାହି' ଶୀର୍ଷକ ପ୍ରକାଶ ପାଇଥିଲା। ଯାଜପୁର ଜିଲ୍ଲାର ଜଣାଶୁଣା ସମାଜସେବୀ ମୋହନ ମହାରଣା ଏ ଖବରକୁ ପ୍ରଶାସନ, ଟାଟା ପାୱାର ଏବଂ ଧର୍ମଶାଳା ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଲୋକର ପର୍ବ ଦୀପାବଳିରେ ସାରା ଭାରତ ଆଲୋକିତ ହେଉଥିବା ବେଳେ ଅନ୍ଧାରରେ କାଳ କାଟୁଛନ୍ତି ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅଞ୍ଜିରା ପଞ୍ଚାୟତର ଆଦିବାସୀ ଗାଁ ବୁରୁସାହିର ୨୮ ପରିବାରକୁ ତୁରନ୍ତ ବିଦ୍ୟୁତ ସଂଯୋଗ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରବିବାର ବିଦ୍ୟୁତ ବିଭାଗର ଏକ ୭ ଜଣିଆ ଟିମ୍ ସହିତ ବିଧାୟକଙ୍କ ନିର୍ଦ୍ଦେଶକ୍ରମେ ଯୁବ ନେତା ରାଜେଶ ପାଲ ବୁରୁସାହିରେ ପହଞ୍ଚି ବାସ୍ତବ ସ୍ଥିତି ଅନୁଧ୍ୟାନ କରିଥିଲେ। ଏହା ପରେ ସେଠାରେ ବିଭାଗୀୟ କର୍ମଚାରୀ ବିଭିନ୍ନ ଯାଞ୍ଚ କରି ଲାଗିଥିବା ୫ଟି ଷ୍ଟ୍ରିଟଲାଇଟକୁ ଜଳାଇଥିଲେ। ବାକି ରହିଥିବା ପରିବାର ପାଇଁ ଯାଇଥିବା ବିଦ୍ୟୁତ ତାର ଏବଂ ବିଭିନ୍ନ ଯନ୍ତ୍ରାଂଶ ନଷ୍ଟ ହୋଇ ଯାଇଥିବା ଜଣାପଡିଥିଲା। ପରବର୍ତ୍ତୀ ସମୟରେ ଆସନ୍ତା ସପ୍ତାହରେ ଏକ ସ୍ୱତନ୍ତ୍ରଶୈଳୀରେ ସେମାନଙ୍କ ଘରକୁ ସମ୍ପୂର୍ଣ୍ଣ ନୂଆ ତାର, ଏବଂ ଅନ୍ୟାନ୍ୟ ଉପକରଣ ଯୋଗାଇ ଦେବାକୁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଗାଁର ଶେଷ ପର୍ଯ୍ୟନ୍ତ ବିଦ୍ୟୁତ ଖୁଣ୍ଟ ନଥିବାରୁ ଆଉ ଦୁଇଟି ଖୁଣ୍ଟର ଆବଶ୍ୟକ ରହିଛି ଏବଂ ଏହାକୁ ଲଗାଯାଇ ସମ୍ପୂର୍ଣ୍ଣ ଗ୍ରାମକୁ ଆଲୋକୀକରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ ଗ୍ରାମକୁ ୨୦୨୨ ମସିହା ପର ଠାରୁ ସ୍ଥାୟୀ ଭାବେ ବିଦ୍ୟୁତ ବିଛିନ୍ନ କରାଯାଇଥିଲା। ଅନ୍ୟ ପକ୍ଷରେ ଏଠାରେ ରହୁଥିବା ଆଦିବାସୀ ପରିବାର ବିଦ୍ୟୁତ ଶକ୍ତି ସମ୍ବନ୍ଧରେ ସମ୍ପୂର୍ଣ୍ଣ ସଚେତନ ନଥିବାରୁ ବର୍ଷା ଦିନ ସର୍ଟ ସର୍କିଟ ଭୟ ରେ ଧନଜୀବନ ହାନି କାରଣରୁ ବିଭାଗ ପକ୍ଷରୁ ଏମାନଙ୍କ ପାଇଁ ଲାଇନ କାଟି ଦିଆଯାଇଥାଏ। ମାତ୍ର ଏଠାରେ ରହୁଥିବା ପରିବାର ବିଦ୍ୟୁତ ବିଲ ପଇଠ କରା ନ ଯିବାରୁ ରାମ କିଷାନ ସିଂ, ଅର୍ଜୁନ ହେମ୍ବ୍ରମ, ବିଜୟ ବାଙ୍ଗରା, ଗଙ୍ଗା ସିଂ, ଗୋପି ଦିଗା ମୁନା, ହାଡ଼ିବନ୍ଧୁ ଲମହା, ଜନମ ସିଂ, ମଧୁ ମୁଣ୍ଡା, ନାଲୁ ଜେରିଆ, ସରୋଜ ସେଠି, ପାଣ୍ଡେ ଚାତରା, ସୁନାରାମ ବାନ୍ଦ୍ରା, ସଞ୍ଜୟ ସେଠି ମୋଟ ୧୩ ଜଣଙ୍କ ବିଦ୍ୟୁତ ସଂଯୋଗ କାଟି ଦିଆ ଯାଇଥିଲା।

## ସାଇବର ଅପରାଧ ରୋକିବାକୁ ସଚେତନତା



କବାଟବନ୍ଧ,୧୯ ।୧୦ (ସମିସ): ଡିଜିଟାଲ ଟେକ୍ନୋଲୋଜି ମାଧ୍ୟମରେ ମଣିଷ ଦିନକୁ ଦିନ ଯେତେ ସହଜରେ ଅନେକ ସୁବିଧା ସୁଯୋଗ ହାସଲ କରୁଛି ପ୍ରତି ବଦଳରେ ସଚେତନ ଅଭାବରୁ ଅନେକ ବହୁ ପରିମାଣର କ୍ଷତି ମଧ୍ୟ କରୁଛି। ଏହାକୁ ଦୁରେଇବା ପାଇଁ ସଚେତନ ମାଧ୍ୟମରେ ପ୍ରୟାସ ଆରମ୍ଭ କରିଛି ସଚେତନ ନାଗରିକ ମଞ୍ଚ। ସଚେତନ ନାଗରିକ ମଞ୍ଚର ଆବାହକ ସରୋଜ କୁମାର ବେହେରା ଶନିବାର ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁସୂଦନପୁର ପଞ୍ଚାୟତ ସୋରଈଶ୍ୱର ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ କୁଇଜ ପ୍ରତିଯୋଗିତା ମାଧ୍ୟମରେ ସାଇବର ଅପରାଧର ମାଧ୍ୟମ ଓ ଏହା କିପରି ରୋକିହେବ ସେ ସମ୍ବନ୍ଧରେ ସଚେତନ କରିଥିଲେ। ବିଦ୍ୟାଳୟର ୧୫୦ରୁ ଅଧିକ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସାଇବର ଅପରାଧୀମାନେ ନିଜକୁ ବ୍ୟାଙ୍କ କର୍ମଚାରୀ, ସେନା ଅଧିକାରୀ, ବିଭିନ୍ନ କମ୍ପାନୀର ଅଧିକାରୀ କହି ବିଭିନ୍ନ ଲାଭଜନକ ଯୋଜନାର ସୁବିଧା ଦେବା ପାଇଁ କହି ମୋବାଇଲ ନମ୍ବର କୁ ଯାଇଥିବା ଓଟିପି ମାଗି ଆକାଉଣ୍ଟରୁ ଟଙ୍କା ଖାଲି କରିଥାନ୍ତି। ଯଦି କେହି ଏହି ଠକେଇର ଶିକାର ହୁଅନ୍ତି ତେବେ ସାଇବର ପୁଲିସ ହେଲ୍ପ ଲାଇନ ୧୯୩୦ରେ ତୁରନ୍ତ ଜଣାଇବା ପାଇଁ ଶ୍ରୀ ବେହେରା ସୂଚନା ଦେଇଥିଲେ। ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ଶରଣ ପୁରସ୍କାର ପ୍ରଦାନ କରିଥିଲେ। ପରିଶେଷରେ ସାଇବର ଅପରାଧ ଏବଂ ଠକେଇ ରୋକିବା ନେଇ ଏକ ସାମୂହିକ ଶପଥ ପାଠ କରାଯାଇଥିଲା। ଶିକ୍ଷକ ବସନ୍ତ କୁମାର ସ୍ୱାଇଁ, କୃଷ୍ଣ ସାହୁ, ପ୍ରଦୀପ କୁମାର ମଲ୍ଲିକ, ସୁରେଶ ସାହୁ ଏହି କାର୍ଯ୍ୟକ୍ରମ ରେ ଅଂଶଗ୍ରହଣ କରିଥିଲେ। ଘରେ ଘରେ ସାଇବର କ୍ରାଇମ ରୋକିବାକୁ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଏହି କାର୍ଯ୍ୟକ୍ରମ କ୍ରିୟାଶୀଳ ହେବ ବୋଲି ଆବାହକ ସରୋଜ ବେହେରା କହିଛନ୍ତି।

## ଶୁଭଶ୍ରୀ ଓଡ଼ିଶା ପ୍ଲାନିଂ ସେବା ପରୀକ୍ଷାରେ ଟପ୍ପର



ପାଣିକୋଇଲି, ୧୯ ।୧୦(ସମିସ): କୋରେଇ ବ୍ଲକ୍ ଜହ୍ନା ପଞ୍ଚାୟତ ଛୋଟରାୟପୁର ଗ୍ରାମ ନିବାସୀ ଭୁବନେଶ୍ୱର ଜିଲ୍ଲା ସିଭିଲ୍ କୋର୍ଟର ବରିଷ୍ଠ ଆଇନ୍‌ଜୀବୀ ରବୀନ୍ଦ୍ର ଖୁଣ୍ଟିଆଙ୍କ ପୁତ୍ରବଧୂ ଶୁଭଶ୍ରୀ ଲେଙ୍କା ଓଡ଼ିଶା ପ୍ଲାନିଂ ସେବା ପରୀକ୍ଷାରେ ରାଜ୍ୟରେ ଟପ୍ପର୍ ହୋଇଛନ୍ତି। ଓପିଏସ୍‌ସି ଦ୍ୱାରା ପରିଚାଳିତ ଏହି ପରୀକ୍ଷାରେ ଶୁଭଶ୍ରୀ ଯୋଜନା ବିଭାଗର ସହାୟକ ନିର୍ଦ୍ଦେଶକ ପଦବୀରେ ରାଜ୍ୟରେ ଶ୍ରେଷ୍ଠ ର୍ୟାଙ୍କ୍‌ରେ ରହିଛନ୍ତି। ଶୁଭଶ୍ରୀ ୯ ବର୍ଷ ହେଲା କେନ୍ଦ୍ରାପଡ଼ା ଡିଗ୍ରୀ କଲେଜରେ ଅର୍ଥନୀତି ବିଭାଗର ଅଧ୍ୟାପିକା ଭାବେ କାର୍ଯ୍ୟରତ ଥିବାବେଳେ ଏବେ ପିପିଲି ଡିଗ୍ରୀ କଲେଜରେ କାର୍ଯ୍ୟରତ ଅଛନ୍ତି।

## ନଗର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଯୁବ ସମ୍ମିଳନୀ

ଯାଜପୁର,୧୯ ।୧୦(ସମିସ): ଯାଜପୁର ନରସିଂହ ଚୌଧୁରୀ ମହାବିଦ୍ୟାଳୟରେ ଯାଜପୁର ନଗର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବକ୍ଷେତ୍ରର ସହକ୍ଷେତ୍ର ପ୍ରଚାରକ ଜଗଦୀଶ ପ୍ରସାଦ ଖାଡ଼େଙ୍ଗା ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ମହାବିଦ୍ୟାଳୟ ପ୍ରମୁଖ ସତ୍ୟରଞ୍ଜନ ନାୟକଙ୍କ ପରିଚାଳନାରେ ସହପ୍ରାନ୍ତ ପ୍ରଚାରକ ଅସିତ କୁମାର ସାହୁ ଯୋଗ ଦେଇ ପ୍ରତ୍ୟେକ ନାଗରିକଙ୍କ ମନରେ ଦେଶପ୍ରେମ ଭାଗ ଜାଗ୍ରତ କରିବାକୁ ଯୁବ ପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ବିଭାଗ ପ୍ରଚାରକ ବିଷ୍ଣୁ ପ୍ରସାଦ ନାୟକ, ବାଲେଶ୍ୱର ସହ ବିଭାଗ କାର୍ଯ୍ୟବାହ ବରୁନ ବନଛୋର, ଜିଲ୍ଲା କାର୍ଯ୍ୟବାହ ଅମୀୟ ସାମଲ, ସହ ଜିଲ୍ଲା କାର୍ଯ୍ୟବାହ ସନ୍ଦୀପ ବିଶ୍ୱାଳ, ଜିଲ୍ଲା ପ୍ରଚାରକ ମନୋଜ କୁମାର ସାହୁ ପ୍ରମୁଖ ଯୋଗ ଦେଇ ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘର କାର୍ଯ୍ୟଧାରା, ଲକ୍ଷ୍ୟ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିବା ସହ ଦେଶ ମାତୃକାର ସେବା କରିବା ଓ ପରମ ବୈଭବଶାଳୀ କରିବା ପାଇଁ ଯୁବ ସ୍ୱୟଂ ସେବକ ମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସର୍ବ ବ୍ୟବସ୍ଥା ପ୍ରମୁଖ ଲମ୍ବୋଦର ସାହୁଙ୍କ ନେତୃତ୍ୱରେ ବିରଜା ନଗରର ସ୍ୱୟଂସେବକ ମାନେ ଉପସ୍ଥିତ ରହି ଯୁବ ସମ୍ମଳନୀ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

## ରକ୍ତଦାନ ଶିବିର ସହିତ ଚାରା ବଣ୍ଟନ



କୁଆଖିଆ,୧୯ ।୧୦(ସମିସ): ରସୁଲପୁର ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବିପଦର ବନ୍ଧୁ ପରିବାର ଚାରିଟେବୁଲ ଟ୍ରଷ୍ଟ ତରଫରୁ ସିଂହାପୁର ସ୍ଥିତ ଗୁରୁକୁଳ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ଚାରା ବଣ୍ଟନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଶିବିର ରେ ୩୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟର କୋଷାଧ୍ୟକ୍ଷ ଭଗବାନ ଦାଶ ଉଦ୍‌ଘାଟନ କରିଥିଲେ। ସମ୍ବର୍ଦ୍ଧିତ ପ୍ରତିଭା ଭାବେ ଡ. ନିରଞ୍ଜନ ଶତପଥୀ, ପ୍ରହଲ୍ଲାଦ ପଣ୍ଡା, ପୁରୁଷୋତ୍ତମ ଖୁଣ୍ଟିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମସ୍ତ ରକ୍ତଦାତାଙ୍କୁ ଚାରା ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ସମ୍ପାଦକ ଗୋପାଳ ପାତ୍ର, ପ୍ରତିଷ୍ଠାତା ନିହାର ଆଚାର୍ଯ୍ୟ, ସାଂଗଠନିକ ସମ୍ପାଦକ ଡ. ବସନ୍ତ କୁମାର ପଣ୍ଡା, ଜ୍ଞାନ ରଞ୍ଜନ ରଥ, ରକ୍ତ ସଚିବ ଶୁଭେନ୍ଦୁ ଶତପଥୀ, ଅଭିନ୍ନ ସାହୁ, ସୁଦାମ ଚରଣ ଦାସ, ସତ୍ୟନାରାୟଣ ଜେନା, ସନ୍ତୋଷ ନାୟକ, ଅରବିନ୍ଦ ଦାଶ, ଗୋଲକ ରାଉତ, ମିଡିଆ ସେଲ ସମ୍ପାଦକ ମାନସ ମଲ୍ଲିକ, ଶୁଭାଶିଷ ନାୟକ, ବିଦ୍ୟାଧର ସାହୁ, ପ୍ରଭାସିନୀ ମଲ୍ଲ, କୁଳମଣୀ ନାୟକ, ପ୍ରଦୀପ ସାମଲ, ଚନ୍ଦନ ମହାରଣା, ଶିବାନନ୍ଦ ପଣ୍ଡା, ମଣି ଶଙ୍କର ମଲ୍ଲିକ, ସୁଶାନ୍ତ ପୃଷ୍ଟି, ସୁମନ୍ତ ରଥ, ବିକାଶ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

## କାଳୀ ପୂଜା ପାଇଁ ଜିଲ୍ଲା ପ୍ରଶାସନର ଫ୍ଲାଗ୍‌ମାର୍ଚ୍ଚ



ଯାଜପୁର, ୧୯ ।୧୦(ସମିସ): ଗଣପର୍ବ କାଳୀପୂଜା ଓ ଲକ୍ଷ୍ମୀନାରାୟଣ ପୂଜା ପାଇଁ ଯାଜପୁର ସହର ଚଳଚଞ୍ଚଳ ହୋଇପଡିଛି। ସମସ୍ତ ମେଢ଼ର କର୍ମକର୍ତ୍ତାମାନେ ପୂଜାକୁ ସରସ ସୁନ୍ଦର ଓ ବିଭିନ୍ନ ପ୍ରକାର ଆକର୍ଷଣୀୟ ତୋରଣ ଓ ଅନ୍ୟାନ୍ୟ ସାଜସଜାରେ ଆଗ୍ରହ ପ୍ରକାଶ କରିଛନ୍ତି। ଯାଜପୁର ସହରରେ କାଳୀପୂଜା ଏକ ଗଣପର୍ବ ହୋଇଥିବାରୁ ଯାଜପୁର ଏବଂ ପଡ଼ୋଶୀ ଭଦ୍ରକ ଏବଂ କେନ୍ଦ୍ରାପଡା ଜିଲ୍ଲାରୁ ଅନେକ ଶ୍ରଦ୍ଧାଳୁ ତଥା ଦର୍ଶକ ପୂଜା ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବା ପାଇଁ ଯାଜପୁରକୁ ଆସିଥାନ୍ତି। ଚଳିତ ବର୍ଷ ଭକ୍ତ ଏବଂ ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ଆଖି ଆଗରେ ରଖି ଶାନ୍ତି କମିଟି ଓ ପୂଜା କମିଟିର ସଦସ୍ୟ ମାନଙ୍କୁ ନେଇ ୩ ଥର ପ୍ରସ୍ତୁତି ବୈଠକ କରାଯାଇଅଛି। ପ୍ରଶାସନିକ କ୍ଷେତ୍ରରେ ଜିଲ୍ଲାପାଳ ଅମ୍ବର କୁମାର କର ଓ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ ଶନିବାର ସନ୍ଧ୍ୟା ୫.୩୦ ମି. ସମୟରେ ଯାଜପୁର ସହରରେ ଏକ ଫ୍ଲାଗ୍‌ମାର୍ଚ୍ଚ ବାହାରି ହାବେଲୀ ବଜାର, ମାର୍କେଟ ଛକ, ହରପାର୍ବତୀ ଛକ, ବଡ଼ ବଜାର, ନାରାୟଣୀ ଛକ, ଗରିଆପୁର ଛକ, କବରସ୍ଥାନ, ମେଡିକାଲ ଛକ, ରେଡକ୍ରସ୍ ଛକ, କିଆନାଳୀ ଛକ ଦେଇ ସଂସ୍କୃତି ଭବନ ଠାରେ ପହଞ୍ଚିଥିଲେ। ଜିଲ୍ଲାପାଳ ଅମ୍ବର କୁମାର କର ଏବଂ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ କାଳୀପୂଜା, ଲକ୍ଷ୍ମୀନାରାୟଣ ପୂଜା ଓ ଦୀପାବଳି ଅବସରରେ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଜନସାଧାରଣ ଶାନ୍ତିଶୃଙ୍ଖଳାର ସହିତ ଏହି ମହାନ ପର୍ବ ଓ ଭସାଣୀ ଉତ୍ସବକୁ ଶାନ୍ତିପୂର୍ଣ୍ଣ ଭାବରେ ସମାପନ କରିବାକୁ ଅନୁରୋଧ କରିଛନ୍ତି। ସହରରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଫ୍ଲାଗ୍‌ମାର୍ଚ୍ଚରେ ୨ ଜଣ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ୫ ଜଣ ଉପ ଆରକ୍ଷୀ ଅଧିକ୍ଷକ, ୯ ଜଣ ଇନ୍‌ସପେକ୍ଟର, ୨୩ ପ୍ଲାଟୁନ ଫୋର୍ସ, ୨ ଜଣ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ନିୟୋଜିତ ହୋଇଛନ୍ତି। ସାରା ସହରରେ ପ୍ରମୁଖ ଛକ ମାନଙ୍କରେ ୩୨ ଗୋଟି ସିସିଟିଭି କ୍ୟାମେରା, ୮ଟା ପୋଲିସ ସହାୟତା କେନ୍ଦ୍ର ଖୋଲାଯାଇଛି।

## ସ୍ୱାମୀର ସନ୍ଦେହଜନକ ମୃତ୍ୟୁ — ଥାନା ସମ୍ମୁଖରେ ସ୍ତ୍ରୀର ଧାରଣା

ବରୀ, ୧୯ ।୧୦(ସମିସ): ପାରିବାରିକ କହଳ ଯୋଗୁଁ ସ୍ୱାମୀଙ୍କୁ ବିଷ ଦେଇ ହତ୍ୟା କରାଯାଇଥିବା ଅଭିଯୋଗ କରି ଥାନା ସମ୍ମୁଖରେ ପରିବାର ଲୋକଙ୍କ ପକ୍ଷରୁ ଧାରଣା ଦିଆଯାଇଛି। ବରୀ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଅରଙ୍ଗାବାଦ ପଞ୍ଚାୟତ ୫ ନଂ ୱାର୍ଡ ସଭ୍ୟା ବନ୍ଦନା ମଲ୍ଲିକଙ୍କ ପରିବାର ସହିତ ସମ୍ପର୍କିୟ ଭାଇଙ୍କ ସହିତ ପାରିବାରିକ ବିବାଦ ରହିଥିଲା। ଗତ ଗତ ୧୭ ତାରିଖ ରାତିରେ ବନ୍ଦନାଙ୍କ ସ୍ୱାମୀ



ସନ୍ତୋଷ ବିଳମ୍ବିତ ରାତ୍ରୀରେ ଘରେ ପହଞ୍ଚ ବ ସେ ଅସୁସ୍ଥ ଅନୁଭବ କରୁଛନ୍ତି। ତାଙ୍କୁ ମଦରେ ବିଷ ଦେଇଥିବା ଅଭିଯୋଗ କରିଥିଲେ। ଏହା ପରେ ତାଙ୍କୁ ପରିବାର ଲୋକେ ବିଳମ୍ବିତ ରାତ୍ରୀରେ ବରୀ ରାମଚନ୍ଦ୍ରପୁର ଥାନାକୁ ଯାଇଥିଲେ ମଧ୍ୟ ସେଠାରେ ତାଙ୍କୁ ଡାକ୍ତରଖାନାକୁ ନେବାକୁ ପରାମର୍ଶ ଦେଇଥିଲେ। ସେହି ରାତାରାତି ପ୍ରଥମେ ବରୀ ଡାକ୍ତରଖାନା ପରେ ଯାଜପୁର ମୁଖ୍ୟ ଡାକ୍ତରଖାନା ଓ ପରେ କଟକ ବଡ ଡାକ୍ତରଖାନାରେ ସନ୍ତୋଷଙ୍କୁ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଗତକାଲି ସନ୍ତୋଷଙ୍କ ମୃତ୍ୟୁ ହୋଇଥିଲା। ଆଜି ତାଙ୍କର ଶବ ବ୍ୟବଚ୍ଛେଦ ହୋଇ ଆସିବା ପରେ ପରିବାର ଲୋକେ ଏଥିପାଇଁ ପୁଲିସକୁ ଦାୟୀ କରିବା ସହିତ ପୁଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଥାନା ଆଗରେ ଶବ ରଖି ଧାରଣା ଦେଇଛନ୍ତି। ଘଟଣାସ୍ଥଳରେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ପହଞ୍ଚି ତୁରନ୍ତ ମୃତ ପରିବାରଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି ମଧ୍ୟ କରିଛନ୍ତି। ଖବର ପାଇ ଘଟଣାସ୍ଥଳରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନଗୋ, ଯାଜପୁର ଏସଡିପିଓ ପ୍ରଶାନ୍ତ ମାଝୀ ଓ ସଦର ଥାନା ଅଧିକାରୀ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା ଜାରି ରଖିଛନ୍ତି।

## ତ୍ରିଦିବସୀୟ ଯୋଗ ଶିବିର ଆରମ୍ଭ

ବାଲିଚନ୍ଦ୍ରପୁର,୧୯ ।୧୦(ସମିସ): ବଡ଼ଚଣା ବ୍ଲକ ଅନ୍ତର୍ଗତ ରଇପୁରସ୍ଥିତ ଶ୍ରୀଶ୍ରୀ ସିଦ୍ଧ ମହାପୁରୁଷ ପାଠାଗାର, ପଥରନାସୀ ତରଫରୁ ସିଦ୍ଧ ମହାପୁରୁଷ ମଠ ପରିସରରେ ତ୍ରିଦିବସୀୟ ଯୋଗ ଶିବିର କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଏହାକୁ ରଇପୁର ସରକାରୀ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ ଶିକ୍ଷକ ଯୋଗଗୁରୁ ମୀନକେତନ ସାହୁ ଉଦ୍‌ଘାଟନ କରିଥିଲେ। ସେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୩୬ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଯୋଗାଭ୍ୟାସ, ପ୍ରାଣାୟମ ଆଦି ଶିଖାଇବା ସହ ସୁସ୍ଥ ଆଦର୍ଶ ଜୀବନ ପାଇଁ ଯୋଗର ଭୂମିକାକୁ ସରଳ ଭାଷାରେ ବୁଝାଇଥିଲେ। ବିଭିନ୍ନ ଗଳ୍ପ ଓ ଉଦାହରଣ ମାଧ୍ୟମରେ ନୈତିକ ଓ ମୂଲ୍ୟଭିତ୍ତିକ ଶିକ୍ଷା ମଧ୍ୟ ପ୍ରଦାନ କରିଥିଲେ। ପାଠାଗାର ତରଫରୁ ଯୋଗ ଗୁରୁ ମୀନକେତନ ସାହୁଙ୍କୁ ଶିକ୍ଷକ ବିଜୟ କୁମାର ଜେନା ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆଗାମୀ ଦିନରେ ବ୍ୟାପକ କରାଯିବା ସହ ଛାତ୍ର ଛାତ୍ରୀଙ୍କ ଶାରୀରିକ, ନୈତିକ, ଆବେଗିକ, ସାମାଜିକ ଓ ମାନସିକ ବିକାଶକୁ ତ୍ୱରାନ୍ୱିତ କରି ସାମଗ୍ରୀକ ବିକାଶ ସାଧନ ପାଇଁ ପାଠାଗାର ତରଫରୁ ଏକ ଦୀର୍ଘମିଆଦି ଯୋଜନା ରହିଛି ବୋଲି ପାଠାଗାରର ସମ୍ପାଦକ ହିମାଂଶୁ ଭୂଷଣ ଜେନା ପ୍ରକାଶ କରିଛନ୍ତି। ପାଠାଗାରର ମୁଖ୍ୟ ସଂଯୋଜକ ପଣ୍ଡିତ ଭୂପେଶ କୁମାର ସେନାପତି, ପଣ୍ଡିତ ସୁଧୀର କୁମାର ସେନାପତି, ଶିକ୍ଷକ ଲୋକନାଥ ସେନାପତି ସମେତ ବହୁ ସଭ୍ୟ ସଭ୍ୟା ସହଯୋଗ କରିଥଲେ।

## ନୂତନ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ

ଯାଜପୁର,୧୯ ।୧୦(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନ ଠାରେ ଆଭାସୀ ମାଧ୍ୟମରେ ରାଜ୍ୟରେ ୪୭୧ଟି ନୂତନ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ଅନ୍ତ୍ୟୋଦୟ ଗୃହ ଯୋଜନାର ତୃତୀୟ ପର୍ଯ୍ୟାୟରେ ଓଡ଼ିଶାର ୨୮ ଟି ଜିଲ୍ଲାର ୪,୬୯୩ ଜଣ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ବଣ୍ଟନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଅନ୍ତ୍ୟୋଦୟ ଗୃହ ଯୋଜନା ଓ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ଶୁଭାରମ୍ଭ କାର୍ଯ୍ୟକ୍ରମ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ କର ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଏହି ଯୋଜନାର ଲାଭ ପହଞ୍ଚାଇବା ଆମର ଲକ୍ଷ୍ୟ ବୋଲି କହିଥିଲେ। ଆଜିର ଏହି ଶୁଭ ଅବସରରେ ଯାଜପୁର ଜିଲ୍ଲାରେ ଯୋଗ୍ୟ ୧,୬୬୫ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାର ଗୃହ ନିର୍ମାଣ ନିମନ୍ତେ ତୃତୀୟ ପର୍ଯ୍ୟାୟରେ ପ୍ରଥମ କିସ୍ତି ଆକାରରେ ୪୦ ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରାଯାଇଛି। ଏହା ସହିତ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯାଜପୁର ଜିଲ୍ଲାର ୧୦ଟି ପଞ୍ଚାୟତ; ବରୀ ବ୍ଲକର ବାଲିବିଲି ପଞ୍ଚାୟତ, ଧର୍ମଶାଳା ବ୍ଲକର ପାଖର ପଞ୍ଚାୟତ, ରସୁଲପୁର ବ୍ଲକର ବଡକଇଞ୍ଚି ପଞ୍ଚାୟତ, କୋରେଇ ବ୍ଲକର ଗୌରପୁର ପଞ୍ଚାୟତ, ବିଞ୍ଝାରପୁର ବ୍ଲକର ଗୁହାଳି ପଞ୍ଚାୟତ, ଦଶରଥପୁର ବ୍ଲକର ଡହଣୀହଟା ପଞ୍ଚାୟତ, ଯାଜପୁର ବ୍ଲକର ବଡ଼ସୁଆର ପଞ୍ଚାୟତ, ସୁକିନ୍ଦା ବ୍ଲକର କଙ୍କଡାପାଳ ପଞ୍ଚାୟତ ଏବଂ ବଡ଼ଚଣା ବ୍ଲକର ଶାଳପଦା ଓ ବୈରୀ ପଞ୍ଚାୟତରେ ନୂଆ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଆଜିର ଏହି ସଭାରେ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଅତିରିକ୍ତ ଜିଲ୍ଲା ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ।

## କସପା ପଞ୍ଚାୟତରେ ବିଜେଡିର ପଦଯାତ୍ରା



ଦଶରଥପୁର,୧୯ ।୧୦(ସମିସ): ଦଶରଥପୁର ବ୍ଲକ ଅଧୀନ କସପା ପଞ୍ଚାୟତରେ ବିଜେଡି ପକ୍ଷରୁ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପଞ୍ଚାୟତ ଅନ୍ତର୍ଗତ ବ୍ରହ୍ମଚାରୀ ପାଟଣା ଭାଟପଡ଼ିଆ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ସ୍ୱତନ୍ତ୍ର ସଭାରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ ସଭାପତିତ୍ୱ କରିଥିଲେ। ଅତିଥିଭାବେ ଯାଜପୁର ବିଧାୟିକା ସୁଜାତା ସାହୁ, ବରିଷ୍ଠ ବିଜେଡି ନେତା କର୍ଣ୍ଣାଟ କେଶରୀ ଦାସ, ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର, ପୁର୍ବତନ ବ୍ଲକ୍ ପଞ୍ଚାୟତ ସମିତି ଅଧ୍ୟକ୍ଷ ଆଦିକନ୍ଦ ସନ୍ଧିବିଗ୍ର, ୬ ନମ୍ବର ଜିଲ୍ଲାପରିଷଦ ସଭ୍ୟା ମାମିନା ମଲ୍ଲିକ, ସ୍ଥାନୀୟ ସମିତିସଭ୍ୟା ଗାୟତ୍ରୀ ରାଉତ୍, ଯୁବନେତା ଜୟନ୍ତ ମହାନ୍ତି, ମନୋଜ ରାଉତଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟ/ସଭ୍ୟା ପ୍ରମୁଖ ଯୋଗ ଦେଇଥିଲେ। ବିଜେଡି କାର୍ଯ୍ୟକର୍ତ୍ତା ବ୍ରହ୍ମଚାରୀ ପାଟଣା ସ୍କୁଲ ନିକଟରୁ ଏକ ପଦଯାତ୍ରାରେ ବାହାରି ସ୍ଥାନୀୟ ଲୋକଙ୍କୁ ସଚେତନ କରିଥିଲେ।

## 'ବସୁଧା' ପତ୍ରିକା ପକ୍ଷରୁ ପ୍ରତିଭା ସମ୍ମାନ



ଯାଜପୁର,୧୯ ।୧୦(ସମିସ): ଓଡିଶା ସାରସ୍ୱତ ମଞ୍ଚର ଏକ ସ୍ୱତନ୍ତ୍ର ମହୋତ୍ସବ ଓଡିଶା ସାହିତ୍ୟ ଏକାଡେମୀ ଏବଂ ଓଡିଶା ସାରସ୍ୱତ ମଞ୍ଚର ମିଳିତ ଆନୁକୂଲ୍ୟରେ ସାରସ୍ୱତ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହେକ୍ଷଇଯାଇଛି। ଯାଜପୁର ବ୍ଲକ ସାନସୁଆର ସ୍ଥିତ ମା' ଚଣ୍ଡୀମାତା ମନ୍ଦିର ପ୍ରାଙ୍ଗଣରେ "ବସୁଧା'ର ସମ୍ପାଦକ ଆନନ୍ଦ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଗ୍ଲୋବାଲ ପିସ ଫାଉଣ୍ଡେସନର ପ୍ରତିଷ୍ଠାତା ଡାକ୍ତର ରାଜକିଶୋର ପଣ୍ଡା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ସ୍ତମ୍ଭକାର ଡ. ମନୋରଂଜନ ମହାନ୍ତି, ଉଦଘାଟକ ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଦିଲ୍ଲୀପ କୁମାର ପ୍ରଧାନ ଯୋଗଦେଇ ବକ୍ତବ୍ୟ ମାଧ୍ୟମରେ ଓଡ଼ିଆ ଭାଷା ସାହିତ୍ୟ ବିଶେଷକରି ସମାଜ ଗଠନ ସମ୍ପର୍କରେ ମତପ୍ରକାଶ କରିଥିଲେ। ଏହି ଅବସରରେ ବହୁ ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷାବିତ, ସମାଜସେବୀ, ସାରସ୍ୱତ ସାଧକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ଆରମ୍ଭରୁ ଉପସ୍ଥିତ ବହୁ କବି, କବୟତ୍ରୀ କବିତାପାଠ କରିଥିଲେ। ଅଧ୍ୟାପକ ବିଜୟ କୁମାର ଦାଶ ସଭାକୁ ସଞ୍ଚାଳନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ବଜାରରେ ନିମ୍ନମାନର ମିଠା ବିକ୍ରି ଅଭିଯୋଗ

ଧର୍ମଶାଳା,୧୯ ।୧୦(ସମିସ)



ଧର୍ମଶାଳା ବ୍ଲକ ଜାରକା ବଜାରରେ ଥିବା ଅନେକ ମିଠା ବ୍ୟବସାୟୀ ନିମ୍ନମାନର ମିଠା ପ୍ରସ୍ତୁତ କରି ଗ୍ରାହକମାନଙ୍କୁ ଠକୁଥିବା ଦେଖିବାକୁ ଜଣାପଡିଛି। ସେହିପରି ଦୋକାନରେ ମିଠା ରଖା ଯାଉଥିବା ସ୍ଥାନରେ ମାଛି ଓ ଧୂଳି ଉଡି ପଡୁଥିବା ବେଳେ ଏହାକୁ ସଫା ସୁତାର ରଖିବା ପରିବର୍ତ୍ତେ ଅପରିଷ୍କାର ପରିବେଶରେ ଗ୍ରାହକମାନଙ୍କୁ ଦିଆଯାଉଥିବା ଅଭିଯୋଗ ହୋଇଛି। ସାଧାରଣତଃ ବିଭିନ୍ନ ପର୍ବପର୍ବାଣିରେ ମିଠାର ଚାହିଦା ରହିଥାଏ। ବନ୍ଧୁ ଘର ଠାରୁ ଆରମ୍ଭ କରି କୌଣସି ନୂତନ ସ୍ଥାନକୁ ଯିବା ବେଳେ ମିଠା ଦୋକାନରୁ ମିଠା ନେଇ ଯାଇଥାନ୍ତି। ଏହି ସମୟରେ କିଛି ଲୋକେ ପ୍ରଥମେ ମିଠା ଟେଷ୍ଟ କରି ନେଇ ଥାଆନ୍ତି ତ ଆଉ କିଏ ମିଠା ପସନ୍ଦ କରିବା ପରେ ସେହିପରି ପ୍ୟାକେଟ କରି ନେଇଥାଏ। ଜାରକା ବାଜାରୁ ଜଣେ ବ୍ୟକ୍ତି ଏକ ଦୋକାନରୁ ମିଠା ନେଇ ବନ୍ଧୁ ଘରେ ଅପଦସ୍ତ ହୋଇଛନ୍ତି କିଣି ନେଇଥିବା ମିଠା ବାସିଥିବା ଏବଂ ଏଥିରୁ ଗନ୍ଧ ବାହାରୁଥିବା କୁଣିଆଙ୍କ ଠାରୁ ଜାଣିବା ପରେ ମିଠା ବିକ୍ରି କରିଥିବା ଦୋକାନୀଙ୍କୁ ଏ ବିଷୟରେ ପଚାରିବାରୁ ଦୋକାନୀ ଭୁଲ ସ୍ୱୀକାର କରିବା ବଦଳରେ ଖରାପ ବ୍ୟବହାର କରିଥିବା ବ୍ୟକ୍ତି ଜଣଙ୍କ ଅଭିଯୋଗ କହିଛନ୍ତି। ସେହିପରି ବଜାରରେ ଅନେକ ମିଠା ଦୋକାନ ରହିଛି ଏବଂ ସେମାନଙ୍କ ପାଖରେ ସମାନ ଭଳି ନାନା ପ୍ରକାର ମିଠା ମଧ୍ୟ ରହିଛି। କିନ୍ତୁ ସବୁଠାରୁ ବଡ଼ କଥା ଦୋକାନ ରେ ମିଠା ସମାନ ଥିବା ବେଳେ ମିଠାର ଆକାର, ସ୍ୱାଦ ଏବଂ ମାନ ନିମ୍ନମାନର ହୋଇଥିବା ଦେଖିବାକୁ ମିଳୁଛି। ଏହିପରି ଅନ୍ୟ ଜଣେ ଗ୍ରାହକ କହିଛନ୍ତି ଜାରକା ବଜାରର ଅନ୍ୟ ଏକ ମିଠା ଦୋକନକୁ ଯାଇ ଛେନାଝିଲି କିଣିବା ପୂର୍ବରୁ ତାହାର ମୂଲ୍ୟ ପଚାରିଥିଲେ। ଦୋକାନୀ ମଧ୍ୟ ତାହାର ମୂଲ୍ୟ କହିବା ପରେ ଗ୍ରାହକ ଜଣଙ୍କ ଏହା ଅନ୍ୟ ଏକ ଦୋକାନ ଠାରୁ ଛୋଟ ଥିବା କହିଥିଲେ। ଦୋକାନୀ ଜଣଙ୍କ ଭଲ ବ୍ୟବହାର କରିନଥିବା ଗ୍ରାହକ କହିଛନ୍ତି। ପୂର୍ବରୁ ରସଗୋଲା, ଛେନାଗଜା, ଛେନାପୋଡ଼, ଜିଲାପି, ଲଡୁ ଭଳି ମିଠାର ବହୁଳ ବ୍ୟବହାର ହେଉଥିବା ବେଳେ ବର୍ତ୍ତମାନ ଯୁଗୋପଯୋଗୀ ନୂଆ ନୂଆ ଭେରାଇଟିର ମିଠା ବଜାରରେ ଦେଖିବାକୁ ମିଳୁଛି। ଏହି ମିଠା ପ୍ରସ୍ତୁତ ପାଇଁ ଛେନା, ସୁଜି, କ୍ଷୀର, ଚିନି, କାଜୁ, ପେସ୍ତା ବାଦାମ, ଘିଅ, ମିଲକମେଡ୍ ଭଳି ବିଭିନ୍ନ ପ୍ରକାର ସାମଗ୍ରୀର ଆବଶ୍ୟକ ହୋଇଥାଏ। ଯେଉଁ କାରଣରୁ ବଜାରରେ ମିଠା ଦର ଆଗ ଅପେକ୍ଷା ଅଧିକ ମୂଲ୍ୟରେ ବିକ୍ରି ହେଉଛି। ଅନେକ ଅସାଧୁ ବ୍ୟବସାୟୀ ଛେନା ବଦଳରେ ବଜାରରେ ଉପଲବ୍ଧ ବିଭିନ୍ନ ପ୍ରକାର ମିଲ୍କ ପାଉଡର ମିଶାଇ ମିଠା ପ୍ରସ୍ତୁତ କରୁଛନ୍ତି। ମିଠା ରେ ବିଭିନ୍ନ ପ୍ରକାର ରଙ୍ଗ ଓ ଫ୍ଲେବର୍ ନାଁ ରେ କେମିକାଲ ଦିଆଯାଉଛି। ଯାହାକି ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହୋଇଛି।

## ଉତ୍କଳ ସାମ୍ବାଦିକ ସଂଘ ବାର୍ଷିକ ଉତ୍ସବ

ଯାଜପୁର,୧୯ ।୧୦(ସମିସ): ରାଜ୍ୟ ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲ୍ଲା କୋରେଇ ବ୍ଲକ ଶାଖା ପକ୍ଷରୁ ଦ୍ୱିତୀୟ ବାର୍ଷିକ ଉତ୍ସବ ରଗଡି ସ୍ଥିତ ମା' କାମୁଡେଇ ପୀଠ କଲ୍ୟାଣମଣ୍ଡପ ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଉଦଘାଟକ ଭାବେ ଯାଜପୁର ସାଂସଦ ଡ.ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇ ସାମ୍ବାଦିକ ମାନେ ସମାଜର ଜାଗ୍ରତ ପ୍ରହରୀ ତେଣୁ ବିଭ୍ରାନ୍ତିକର ଖବର ଠାରୁ ଦୁରେଇ ରହି ସତ୍ୟ ଖବର ପରିବେଷଣ ଉପରେ ଗୁରୁତ୍ୱ ଦେବା ଉଚିତ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ, ମୁଖ୍ୟବକ୍ତା ଭାବେ ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୁତି ଭୂଷଣ କର ଯୋଗଦେଇଥିଲେ।



ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ସମ୍ପାଦକ ବିଶ୍ୱଜିତ ନାୟକ, କୋରେଇ ଥାନାଧିକାରୀ ରାକେଶ ତ୍ରିପାଠୀ, ଶିକ୍ଷାବିତ ସୁକାନ୍ତ ରାଉତ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଜିଲ୍ଲା ସଭାପତି ହରିହର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ପବିତ୍ର ରଞ୍ଜନ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ଚନ୍ଦ୍ରକାନ୍ତ ପତି ଧନ୍ୟବାଦ ଅର୍ପଣ କରିଥିଲେ। କୋରେଇ ବ୍ଲକ ଶାଖାର ବରିଷ୍ଠ ସଭ୍ୟ ସୁକର୍ଣ୍ଣ ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଶ୍ୱଜିତ କର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ସଭ୍ୟ ରଜତ କୁମାର ସାହା, ନୀଳକଣ୍ଠ ସେନାପତି, ସୁଧୀର କୁମାର ମହାରଣା, ଦେବେନ୍ଦ୍ର କୁମାର ଚକ୍ର, ପ୍ରିୟ ରଞ୍ଜନ କର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ଜାତୀୟ ପରିଷଦ ସଭ୍ୟ ପ୍ରଦୀପ ଚାନ୍ଦ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ରଙ୍ଗବଲ୍ଲଭ ସାହୁ, ଉପସଭାପତି ପ୍ରଦୀପ ଜେନା, ଯଜ୍ଞଦତ୍ତ ତ୍ରିପାଠୀ, ଆଶୁତୋଷ ମହାନ୍ତି, ପ୍ରଦ୍ୟୁମ୍ନ ବୋଇତାଇ, ଅଭିମନ୍ୟୁ ମିଶ୍ର, ବିଦ୍ୟାଧର ବେହେରା, ଦିବ୍ୟକାନ୍ତ କର, ସଞ୍ଜୟ କର, ଲିଙ୍ଗରାଜ ସାହୁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।

# ପ୍ରଚଣ୍ଡ ଶବ୍ଦକାରୀ ବାଣ ବିକିଲେ କାର୍ଯ୍ୟାନୁଷ୍ଠାନ

କେନ୍ଦୁଝର,୧୯।୧୦(ସମିସ)



ଦୀପାବଳି ପାଇଁ କେନ୍ଦୁଝର ସହରର ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ବାଣ ଦୋକାନ କୋଲିବାକୁ ଅନୁମତି ଦିଆଯାଇଛି। ପୌରପାଳିକା, ପୁଲିସ ପକ୍ଷରୁ ବାଣ ବିକ୍ରି ପାଇଁ ଅନୁମତି ଦିଆଯାଇଛି। ଗତବର୍ଷ ଯାଞ୍ଚ ବେଳେ ବାଣ ଦୋକାନଗୁଡିକର ବିଭିନ୍ନ ଅନିୟମିତତା ସାମ୍ନାକୁ ଆସିଥିଲା। ହେଲେ ଚଳିତ ବର୍ଷ ବାଣ ଦୋକାନୀଙ୍କ ପାଇଁ ନିୟମ କଡାକଡି କରାଯାଇଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ପିସିବି) ପକ୍ଷରୁ ନିୟମ ଉଲ୍ଲଙ୍ଘନରେ ଜରିମାନା ସହ ବାଣ ଦୋକାନୀଙ୍କ ନାମରେ ମାମଲା ରୁଜୁ କରାଯିବା ପାଇଁ ନିର୍ଦ୍ଦେଶନାମା ଜାରି ହୋଇଛି। ସହରର ଧରଣୀଧର ବିଶ୍ୱବିଦ୍ୟାଳୟ ପଡିଆରେ ବାଣ ଦୋକାନ ଖୋଲିଛି। ଏଥିପାଇଁ ଲାଇସେନ୍ସ ଆଣିବା ବାଧ୍ୟତାମୂଳକ କରାଯାଇଛି। ବାଣ ବିକ୍ରି ପାଇଁ ପିସିବିର ନିର୍ଦ୍ଦିଷ୍ଟ ଗାଇଡଲାଇନ ବିଷୟରେ ଦୋକାନୀଙ୍କୁ ଅବଗତ କରାଯାଇଛି। ବାଣ ଦୋକାନୀମାନେ ପୌରପାଳିକା ଠାରୁ ଆବଶ୍ୟକ ଫର୍ମ ଆଣି ଅଗ୍ନିଶମ ଓ ଥାନାରୁ ଅନୁମତି ଆଣିବା ପରେ ୪୯ ଜଣ ଆବେଦନକାରୀଙ୍କୁ ଲାଇସେନ୍ସ ପ୍ରଦାନ କରାଯାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ଅଗ୍ନିଶମ ବିଭାଗ ନିୟମାନୁସାରେ, ଅସ୍ଥାୟୀ ବାଣ ଦୋକାନରେ ଅଗ୍ନି ନିର୍ବାପକ ଯନ୍ତ୍ର ସହିତ ପାଣି ଏବଂ ବାଲି ବାଲଟି ରଖିବେ, ନିର୍ଦ୍ଦିଷ୍ଟ ଦୂରତା ମଧ୍ୟରେ ଦୋକାନ ନିର୍ମାଣ କରିବେ, ପ୍ରଚଣ୍ଡ ଶବ୍ଦ ଓ ପ୍ରଦୂଷଣ ସୃଷ୍ଟି ଭଳି ବାଣ ବିକ୍ରି କରିପାରିବେ ନାହିଁ। ବାଣ ଦୋକାନୀମାନେ କେବଳ ସବୁଜ ବାଣ ବିକ୍ରି କରିବେ ବୋଲି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଇଂ ପ୍ରଶାନ୍ତ କର ପ୍ରକାଶ କରିଛନ୍ତି। ଚଳିତବର୍ଷ ଏହାକୁ କଡାକଡି ଭାବେ କାର୍ଯ୍ୟକାରୀ କରିବାକୁ ପୁଲିସ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହାଉପରେ ଥାନାୱାରି ପୁଲିସ ସହ ଅଗ୍ନିଶମ ଓ ପିସିବିର ମିଳିତ ଟିମ୍ ଯାଞ୍ଚ କରିବେ। ପ୍ରଥମେ ଦୋକାନ ଖୋଲା ଥିବା ସ୍ଥାନ ଏବଂ ଦୋକାନ ନିର୍ମାଣ ଶୈଳୀ, ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯାଇଛି। ବାଣ ଦୋକାନରେ ବିକ୍ରି ହେଉଥିବା ସମସ୍ତ ବାଣଗୁଡିକର ଯାଞ୍ଚ କରାଯିବ ଯଦି କେହି ଧାର୍ଯ୍ୟ ନିୟମର କୌଣସି ଗୋଟିଏ ନିୟମ ଉଲ୍ଲଙ୍ଘନ କରିଥିବେ ସଂଗେ ସଂଗେ କାର୍ଯ୍ୟାନୁଷ୍ଠାନ କରାଯିବ। ସଂପୃକ୍ତ ଦୋକାନୀଟିର ଲାଇସେନ୍ସ ରଦ୍ଦ କରାଯିବା ସହ ଆଇନଗତ ପଦକ୍ଷେପ ନିଆଯିବ ବୋଲି ପୁଲିସ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି।

**କେନ୍ଦୁଝରରେ ମିଳିଛି ୪୯ ଦୋକାନୀଙ୍କୁ ଲାଇସେନ୍ସ**

## ଧନତେରସରେ ବୋହି ନେଲେ ଝାଡୁ

ତୁରୁମୁଙ୍ଗା, ୧୯।୧୦(ସମିସ): ଧନତେରସରେ ଧନ୍ୱନ୍ତରୀଙ୍କୁ ପୂଜା କରିବା ସହ ସୁନା ଗହଣା ଅଳଙ୍କାର କିଣିବା ପ୍ରଥା ଚାଲୁ ରହି ଆସିଥିବା ବେଳେ ଗ୍ରାହକଙ୍କୁ ସୁନା ଦୋକାନ ଅପେକ୍ଷା ଝାଡୁ ଦୋକାନରେ ଗ୍ରାହକଙ୍କ ଭିଡ଼ ଥିବା ଦେଖିବାକୁ ମିଳିଥିଲା। ବର୍ତ୍ତମାନ ସୁନା ଦର ଆକାଶ ଛୁଆଁ ହୋଇଥିବା ବେଳେ ସୁନା କିଣିବାକୁ ମନ ବଳାଇଥିଲେ ମଧ୍ୟ କେହି ସୁନା କିଣି ପାରୁନାହାନ୍ତି। ଏଭଳି ସ୍ଥିତିରେ କେବଳ ବିଧି ରକ୍ଷା କରିବାକୁ ଲୋକେ ଝାଡୁ କିଣିବାକୁ ମନ ବଳାଇ ଝାଡୁ ଦୋକାନରେ ଭିଡ଼ ଜମାଇ ଝାଡୁ କିଣି ଘରକୁ ନେଇଥିଲେ।

## ସ୍ଲରି ପାଇପ୍‌ଲାଇନ ଖୋଳାରେ ଅନିୟମିତତା

ଯୋଡ଼ା,୧୯।୧୦(ସମିସ) : କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳ ଅନ୍ତର୍ଗତ ନଇବୁଗା ଅଞ୍ଚଳରେ ଏକ ଖଣି ଓ ଶିଳ୍ପ ସଂସ୍ଥାର ସ୍ଲରି ପାଇପଲାଇନ ଖୋଳାରେ ବନାଞ୍ଚଳକୁ ନେଇ ହୋଇଥିବା ଅନିୟମିତତାର ଯାଞ୍ଚରେ ବନ ବିଭାଗ ଲାଗିଛି। ଏନେଇ ବାମେବାରୀ ବନପାଳ ବୁଲୁ ନାହାକ କହିଛନ୍ତି ଯେ ବସନ୍ତପୁରଠାରେ ଥିବା ଏକ ପ୍ଲାଣ୍ଟର ସ୍ଲରି ପାଇପଲାଇନ୍ ଖୋଳା କାର୍ଯ୍ୟ ନଇବୁଗା ଅଞ୍ଚଳରେ ଚାଲିଛି। ନେଦୀକୋଟଠାରୁ ନଇବୁଗା ପର୍ଯ୍ୟନ୍ତ ଖୋଳା ଯାଉଥିବା ଏହି ପାଇପଲାଇନର କାମ ଚାଲିଥିବା ବେଳେ ନଇବୁଗାଠାରେ ଥିବା ବନ ବିଭାଗ ଦ୍ୱାରା ଲଗାଯାଇଥିବା ଗଛକୁ ସଂପୃକ୍ତ କମ୍ପାନୀ ମେସିନ ଦ୍ୱାରା କାଟି ଦେଇଥିବା ଅଭିଯୋଗ ହୋଇଥିଲା। ଡିଏଫଓଙ୍କ ନିର୍ଦ୍ଦେଶକ୍ରମେ ଚମ୍ପୁଆ ରେଞ୍ଜର ଏସିଏଫ୍ ଅକ୍ଷୟ ଛତ୍ରିଆ ଘଟଣାସ୍ଥଳରେ ଏହାର ବିଧିବଦ୍ଧ ଯାଞ୍ଚ କରିଛନ୍ତି। ପ୍ରାୟ ୧୨ ହେକ୍ଟର ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିରେ ରୂପାନ୍ତରିତ କରାଯାଇଛି। ତେବେ ଲ୍ୟାଣ୍ଡ ୟୁଜ ପେଟର୍ନରେ ସଂପୃକ୍ତ ସ୍ଲରି କମ୍ପାନୀ ଅନିୟମିତତା କରିଥିବା ହେତୁ ବନ ବିଭାଗ ଏହାର ତଦନ୍ତ କରୁଥିବା ଜଣେ ବନ କର୍ମଚାରୀ ସୂଚନା ଦେଇଛନ୍ତି। ସଂପୃକ୍ତ କମ୍ପାନୀର କୌଣସି ମତାମତ ମିଳି ପାରି ନାହିଁ।

## ବଞ୍ଚୋ ଛକରେ ଯାତ୍ରୀ ବିଶ୍ରାମଗୃହ ନିର୍ମାଣ ପାଇଁ ଦାବି



ହାଟଡ଼ିହୀ,୧୯।୧୦(ସମିସ): ଆନନ୍ଦପୁର ଭଦ୍ରକ ରାସ୍ତାର ବଞ୍ଚୋ ଛକରେ ଏକ ଯାତ୍ରୀ ବିଶ୍ରାମଗୃହ ନିର୍ମାଣ ପାଇଁ ଦାବି ଜଣାଇଛନ୍ତି ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତ। ଏହି ଛକଟି ଉପରେ ଗ୍ରାମର ଶତାଧିକ ଲୋକ ନିର୍ଭର କରିଥାନ୍ତି। କଲେଜ ଯିବାଆସିବା କରୁଥିବା ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ବଞ୍ଚୋ, ଭାତକରୁଆ ଗ୍ରାମର ଗ୍ରାମବାସୀ ଦୂରଦୁରାନ୍ତକୁ ଯାତାୟାତ ପାଇଁ ଏଠାରେ ବସକୁ ଅପେକ୍ଷା କରିଥା'ନ୍ତି। ଏନେଇ ଗତ ୨୦୨୩ରେ ଉପାଧ୍ୟକ୍ଷ ତତକାଳୀନ ବିଡ଼ିଓ ଏବଂ ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ପାଞ୍ଚ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଥିଲା। ଏପରିକି ପୁରୁଣା ବିଶ୍ରାମ ଘରଟିକୁ ଭାଙ୍ଗିବା ପାଇଁ ଏନଓସି ମଧ୍ୟ ଦିଆଯାଇଥିଲା। ଆଜି ପର୍ଯ୍ୟନ୍ତ ପୁରୁଣା ଯାତ୍ରୀ ବିଶ୍ରାମାଗାର ଭଙ୍ଗାଗଲାନି କି ନୂତନ ଯାତ୍ରୀ ବିଶ୍ରାମଗୃହ ନିର୍ମାଣ ହେଲାନି। ଫଳରେ ସ୍ଥାନୀୟ ଲୋକମାନେ ବର୍ଷା ହେଲେ ବିପଦସଙ୍କୁଳ ବିଶ୍ରାମଗୃହରେ ବାଧ୍ୟହୋଇ ଆଶ୍ରୟନେଉଛନ୍ତି। ତୁରନ୍ତ ଯାତ୍ରୀ ବିଶ୍ରାମଗୃହ ନିର୍ମାଣ ପାଇଁ ହାଟଡ଼ିହୀ ବ୍ଲକ୍ ଉପାଧ୍ୟକ୍ଷ ରତିକାନ୍ତ ରାଉତ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଦାବିପତ୍ର ଦେଇଛନ୍ତି।

## ସେବା କାର୍ଯ୍ୟକ୍ରମ ଆଧାରିତ ଗୋପକଥା




କେନ୍ଦୁଝର,୧୯।୧୦(ସମିସ): କେନ୍ଦୁଝର ସଦର ବ୍ଲକ ମଇଦାନକେଲ ପଞ୍ଚାୟତ ହରିହରପୁର ଓ ଡିମ୍ବୋ ପଞ୍ଚାୟତର ଚକ ନୂଆ ସାଇଠାରେ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଆତ୍ମ ଜୀବନୀ ଏବଂ ସେବା କାର୍ଯ୍ୟକ୍ରମ ଆଧାରିତ ଗୋପକଥା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟର ସଂଯୋଜନାରେ ଓଡିଶା ଗାନ୍ଧୀ ବିଚାର ପରିଷଦ, ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟ, ସ୍ୱସ୍ତି ଫାଉଣ୍ଡେସନ, ସଂଯୋଗ, ସିନ୍ଦୁର ଗୌରୀ ବନଧନ ବିକାଶ କେନ୍ଦ୍ର, କାଳୀରୁକ୍ଷୀ କୃଷକ ଉତ୍ପାଦକ ସଂଗଠନ ସହାୟତାରେ ବିଭିନ୍ନ ସ୍ଥାନରେ ଗୋପ କଥା ଆୟୋଜନ ହୋଇଥିଲା। ଏଥିରେ ଛାତ୍ରଛାତ୍ରୀ ମହିଳା ସଂଗଠନ ସଦସ୍ୟା, କୃଷକ ଭାଇଭଉଣୀ ଅଂଶଗ୍ରହଣ କରିଥିଲେ। କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟର ବରିଷ୍ଠ ଟ୍ରଷ୍ଟି ଡା. ବିମ୍ବାଧର ବେହେରା ମୁଖ୍ୟବକ୍ତା, ଓଡିଶା ଗାନ୍ଧୀ ବିଚାର ପରିଷଦର ଅଧ୍ୟକ୍ଷ ତଥା ଗାନ୍ଧୀ ତତ୍ତ୍ୱବିତ ଭକ୍ତବତ୍ସଳ ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସାକ୍ଷୀଗୋପଳ ବକୁଳବନ ବନ ବିଦ୍ୟାଳୟ ପ୍ରତିଷ୍ଠା ଓ ଗୁରୁକୁଳ ଢାଞ୍ଚାରେ ସଂସ୍କୃତିର ସୁରକ୍ଷା ପାଇଁ ଶିକ୍ଷା ଦାନ, ଆଦର୍ଶ ଛାତ୍ରଛାତ୍ରୀ ନିର୍ମାଣ, ଓଡ଼ିଆ ଭାଷାର ସୁରକ୍ଷା ଏବଂ ଦେଶ ର ସ୍ୱାଧିନତା ପାଇଁ ମହାତ୍ମା ଗାନ୍ଧୀ ଡାକରାର କାରାବରଣ, ସର୍ବୋପରି ତାଙ୍କ ଲିଖିତ କାରାକବିତା ବିଷୟରେ ଚର୍ଚ୍ଚା କରିଥିଲେ। ପ୍ରଗତି ଫାଉଣ୍ଡେସନର ସଭାପତି ମନୋଜ ମାହାନ୍ତ, କଳ୍ପନା ନାୟକ, କାଞ୍ଚନଲତା ମାହାନ୍ତ, ରଞ୍ଜୁଲତା ମାହାନ୍ତ, କମଳା ମହାନ୍ତ ସହଯୋଗ କରିଥିଲେ।

**ରେଳ ସାଇଡିଂରେ ଖଣି ବିଭାଗର ଚଢ଼ଉ**

## ବିପୁଳ ପରିମାଣରେ ଚୋରା ଖଣିଜ ଦ୍ରବ୍ୟ ଜବତ





ବଡ଼ବିଲ, ୧୯।୧୦(ସମିସ): କେନ୍ଦୁଝର ଜିଲ୍ଲା ବଡବିଲ ରେଳ ସାଇଡିଂରେ ଯୋଡ଼ା, କୋଇଡା ଓ ଭୁବନେଶ୍ୱର ଖଣି ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। ଗଚ୍ଛିତ ଥିବା ବିପୁଳ ପରିମାଣର ବେଆଇନ ଖଣିଜ ପଦାର୍ଥ ଜବତ କରାଯାଇଛି। ଖଣି ବିଭାଗର ଏକ ସ୍ୱତନ୍ତ୍ର ସ୍କ୍ୱାଡ ଏହି ଚଢଉରେ ସାମିଲ ହୋଇ ବଡ଼ବିଲ ରେଳ ସାଇଡିଂରେ ଚଢ଼ଉ କରି ନୂତନ ଭାବେ ଗଚ୍ଛିତ ଥିବା ୧୫୪୦ ଟନ ଓ ପୂର୍ବରୁ ସଂଗୃହିତ କରାଯାଇଥିବା ୯୬୦ ଟନ ଖଣିଜ ଦ୍ରବ୍ୟ ବେଆଇନ ଭାବେ ଗଚ୍ଛିତ ଚୋରା ଚାଲାଣ ପାଇଁ ଯୋଜନା କରାଯାଉଥିବା ନେଇ ଖଣି ବିଭାଗ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ରେଳ ସାଇଡିଂରେ ଚଢ଼ଉ କରି ଖଣିଜଗୁଡିକୁ ଜବତ କରିବା ସହ ତାର ସଠିକ ମାନ ନିରୂପଣ ପାଇଁ ନମୁନା ସଂଗ୍ରହ କରିଥିବା ଜଣାପଡ଼ିଛି। ଜବତ ଖଣିଜ ଦ୍ରବ୍ୟ ଗୁଡ଼ିକର ଆନୁମାନିକ ମୂଲ୍ୟ କୋଟିଏ ଟଙ୍କାରୁ ଅଧିକ ହେବ ବୋଲି ଖଣି ବିଭାଗ ଅନୁମାନ କରିଛି। ରେଳ ବିଭାଗ କହିବା ଅନୁଯାୟୀ, ସାଇଡିଂର ୬ ନଂ ଅଞ୍ଚଳ ରାସ୍ତାରେ ବଡ ବଡ ଗାତ ହେଇଥିବାରୁ ସେଗୁଡିକ ପୂରଣ କରିବା ପାଇଁ ପୂର୍ବରୁ ଗଚ୍ଛିତ ଖଣିଜକୁ ସେଠାରେ ପକା ଯାଇଥିଲା। ଏ ବିଷୟରେ ଯୋଡ଼ା ଖଣି ଉପନିର୍ଦ୍ଦେଶକ ଦିନେସ ଅଗ୍ରୱାଲ କହିଥିଲେ ଯେ ଗାତ ପୋତିବା ପାଇଁ ହେଲେ ମଧ୍ୟ ରେଳ ବିଭାଗ ଆମଠାରୁ କୌଣସି ଅନୁମତି ନେଇନାହିଁ। ତେଣୁ ଏହି ବେଆଇନ ଚୋରା କାରବାରରେ କେଉଁମାନଙ୍କ ସମ୍ପୃକ୍ତି ଅଛି ତଦନ୍ତ ଚାଲିଛି।

**ମିଶ୍ରିତ ଖଣିଜ ରେଳ ଯୋଗେ ପରିବହନ ଅଭିଯୋଗ**

## ରାଜନଗର ରଘୁନାଥଜୀଉ ମଠରେ ବଇତ ବନ୍ଦାଣ ପ୍ରସ୍ତୁତି

ତୁରୁମୁଙ୍ଗା, ୧୯।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ରାଜନଗର ଗ୍ରାମରେ ଥିବା ରଘୁନାଥଜୀଉ ମଠରେ ଚଳିତବର୍ଷ ହେବାକୁ ଯାଉଥିବା ବଇତବନ୍ଦାଣ ପାଇଁ କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରତାପଚନ୍ଦ୍ର ରଣାଙ୍କ ଅଧ୍ୟକ୍ଷତାରେ ବୈଠକରେ ବଇତ ବନ୍ଦାଣ କମିଟିର ସଭାପତି ଧରଣୀଧର ଦାଶ, କୋଷାଧ୍ୟକ୍ଷ ଶଶିରଞ୍ଜନ ମିଶ୍ରଙ୍କ ସମେତ ସମସ୍ତ ସଭ୍ୟ ସାଜସଜ୍ଜା ଶାନ୍ତିଶୃଙ୍ଖଳା ଉପରେ ଆଲୋଚନା କରିଥିଲେ।



ବୈଠକରେ ରାଜନଗର ସରପଞ୍ଚ ସୁଧାଂଶୁ ଶେଖର ନାୟକ, କାଙ୍ଗାଳି ନାୟକ, ରଞ୍ଜନ କୁମାର ପାଣି, ବସନ୍ତ ମିଶ୍ର, ତୃପ୍ତିରଞ୍ଜନ ସିଂହ, ଦିଲୀପ ସିଂହ, ରଣଜିତ ବେହେରା, ଶ୍ରଦ୍ଧାନନ୍ଦ ପାଣି ଉପସ୍ଥିତ ଥିଲେ। ଚଳିତବର୍ଷ ପୁଣି ଏଠାରେ ବାଲି ଯାତ୍ରା ଅନୁଷ୍ଠିତ ହେବା ସହ ବାଲି ଯାତ୍ରାରେ ବିଭିନ୍ନ ଦୋଳି ମିନାବଜାର ସହ ୭ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ବୈଠକରେ ଆଲୋଚନା କରାଯାଇଛି।

**● ଅନ୍ତ୍ୟୋଦୟ ଗୃହ ଯୋଜନାର ପ୍ରଥମ କିସ୍ତି ପ୍ରଦାନ**

## ୩ ପଞ୍ଚାୟତ ଭବନର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ



ତୁରୁମୁଙ୍ଗା, ୧୯।୧୦(ସମିସ): ପାଟଣା ବ୍ଲକ୍‌ର ୨୦ଟି ପଞ୍ଚାୟତର ୨୭୬ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରଥମ କିସ୍ତି ଏକାଉଣ୍ଟ ମାଧ୍ୟମରେ ପ୍ରଦାନ କାରଯିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ବ୍ଲକର ତିନିଟି ଗ୍ରାମପଞ୍ଚାୟତ ଭବନର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଯମୁନାପଶି, କଣ୍ଟିଆପଡା ଓ ତୁରୁମୁଙ୍ଗା ପଞ୍ଚାୟତର ଭବନର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ବ୍ଲକ ସଭାଗୃହରେ ଆୟୋଜିତ ଆଭାସୀ କାର୍ଯ୍ୟକ୍ରମରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ବିଧାୟକଙ୍କ ପ୍ରତିନିଧି କମଳାକାନ୍ତ ଦାଶ, ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାଏକ, ପୁର୍ବତନ ବ୍ଲକ ଅଧ୍ୟକ୍ଷା ବିଶ୍ୱନାଥ ନାଏକ ପାଟଣା ବିଡ଼ିଓ ମାନସ କୁମାର ଦଣ୍ଡପାଟ, ଏବିଡିଓ ବିଶ୍ୱନାଥ ମଲ୍ଲିକଙ୍କ ସମେତ ସହକାରୀ ଯନ୍ତ୍ରୀ ସୁସ୍ମିତା ବେହେରା, ତୁରୁମୁଙ୍ଗା ସରପଞ୍ଚ ସୁଲେଖା ନାଏକ ଉପସ୍ଥିତ ଥିଲେ।

## ପ୍ରଗତିଶୀଳ ମଞ୍ଚ ପକ୍ଷରୁ ବୈତରଣୀ ଶଯ୍ୟାରେ ବାଲି ସତ୍ୟାଗ୍ରହ

ଆନନ୍ଦପୁର, ୧୯।୧୦(ସମିସ): ଆନନ୍ଦପୁର ପ୍ରଗତିଶୀଳ ମଞ୍ଚ ପକ୍ଷରୁ ଆବାହକ ଯଜ୍ଞପ୍ରସାଦ ସାହୁଙ୍କ ନେତୃତ୍ୱରେ ରାଜଘାଟଠାରେ ବୈତରଣୀ ନଦୀରେ ବାଲି ସତ୍ୟାଗ୍ରହ ଆରମ୍ଭ ହୋଇଛି। କେନ୍ଦୁଝର ଜିଲ୍ଲା ବିଶେଷକରି ଆନନ୍ଦପୁର ଉପଖଣ୍ଡରେ ବାଲି ଲୁଟ୍ ବେଧଡକ ଭାବେ ଚାଲିଛି। ପ୍ରଶାସନ ଏଥିରେ ଅଙ୍କୁଶ ଲଗାଇବାରେ ଆଦୌ ଇଚ୍ଛା ପ୍ରକାଶ କରୁ ନଥିବା ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି। ବୈତରଣୀ ତଥା ଅନ୍ୟ ନଦୀ ଓ ନାଳର ସୁରକ୍ଷା ପାଇଁ ଏହି ବାଲି ସତ୍ୟାଗ୍ରହ ଆନ୍ଦୋଳନ ଜାରିରହିବ ବୋଲି ମଞ୍ଚ ପକ୍ଷରୁ ସୂଚନା ମିଳିଛି। ଯୁବ ସାମାଜିକ କର୍ମୀ ସତ୍ୟବ୍ରତ ଜେନା ଏଥିରେ ସାମିଲ ହୋଇ କହିଥିଲେ ଯେ ବୈତରଣୀ ଆମ ଜୀବନ ଧାରା। ଏଥିରୁ ବାଲି ଲୁଟ୍ ପାଇଁ ବିଭିନ୍ନ ସ୍ଥାନରେ ଶହ ଶହ ଗଛ କାଟି ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି। ପ୍ରକୃତି ଆମ ମା', ତା' ଗର୍ଭରୁ ଚୋରି ଅପରାଧ ନୁହେଁ କି ବୋଲି ବରିଷ୍ଠ ନେତା କୈଳାଶ ସାମଲ ପ୍ରଶ୍ନ କରିଛନ୍ତି। ବୈତରଣୀ ଆମ ଆସ୍ଥା ଓ ବିଶ୍ୱାସର ପ୍ରତୀକ, ହେଲେ କିଛି ମାଫିଆ ଏହାକୁ କଳା ଟଙ୍କା ପାଇଁ ହତ୍ୟା କରିବାକୁ ଯୋଜନା କରିଥିବା ବେଞ୍ଚାର ମଧୁସୂଦନ ରାଉତ କହିଥିଲେ। ଯୁବ ପରିବେଶବିତ୍ ନୀଳାଚଳ ବେହେରା, ଜଗବନ୍ଧୁ ଜେନା, ଦୈତାରି ମହାକୁଡ, ରୋହନ ଜେନା, ପୂର୍ଣ୍ଣଚନ୍ଦ୍ର ଜେନା, ପ୍ରତାପ ଧଳ, ଦାମୋଦର ସାହୁ, ଏକଲବ୍ୟ ଧଳ, ଉତ୍ସବ ଜେନା, କୈଳାସ ଜେନା, ଶୁଭକାନ୍ତ ଜେନା ପ୍ରମୁଖ ସତ୍ୟାଗ୍ରହରେ ସାମିଲ ହୋଇ ନିଜର ମତ ରଖିଥିଲେ। ଆଜିର ବାଲି ସତ୍ୟାଗ୍ରହକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ପ୍ରଶାସନ ବାଲି ଚୋରି ଦିଗରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ନିହାତି ଜରୁରୀ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି।



**ବୈତରଣୀ ନଦୀ ପଠାରେ ବେଆଇନ ବାଲି ପାହାଡ଼**

# ଖଜୁରିବଣି-ତନେଇପାଳରୁ ଜଙ୍ଗଲ ରାସ୍ତାରେ ଚାଲାଣ

ଆନନ୍ଦପୁର, ୧୯।୧୦ (ସମିସ)

ଆନନ୍ଦପୁର ଅଞ୍ଚଳରୁ ଚୋରା ବାଲି ଏବେ ଜଙ୍ଗଲ ରାସ୍ତାରେ ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ତାନେଇପାଳ ବୁଢୀକୁଦ ଖଜୁରିବଣିରୁ ରାତିରେ ଘଞ୍ଚ ଜଙ୍ଗଲ ରାସ୍ତାରେ ହାଇୱା ଯୋଗେ ଯାଉଥିବା ସୂଚନା ମିଳିଛି। ଖଣି ବିଭାଗ ଓ ପୁଲିସ କୌଣସି ପଦକ୍ଷେପ ଗ୍ରହଣ କରୁ ନଥିବାରୁ ଚୋରା ବାଲି ଚାଲାଣ ଏବେ ଖୋଲାଖୋଲି ଚାଲିଛି। ଆନନ୍ଦପୁର ଉପଖଣ୍ଡରେ ଶହଶହ ଟ୍ରାକ୍ଟର ବାଲି ଚୋରା ଚାଲାଣରେ ନିୟୋଜିତ ହୋଇଥିବା ବେଳେ ଚଢ଼ଉ ହେଉ ନଥିବାରୁ ବ୍ୟାପକ ରାଜସ୍ୱ ହାନି ହେଉଛି। ଆସନ୍ତା ଅକ୍ଟୋବର ୧୫ ତାରିଖ ପର୍ଯ୍ୟନ୍ତ ଖଣି ବିଭାଗ ପକ୍ଷରୁ ଲିଜ୍ ଘାଟରୁ ବାଲି ଖନନ ବନ୍ଦ ରହିଛି। ଏଣେ ଚୋରା ବାଲିଘାଟ ପାଇଁ କୌଣସି କଟକଣା ନାହିଁ। ମାଫିଆମାନେ ମନଇଚ୍ଛା ବିଭିନ୍ନ ସ୍ଥାନରେ ନଦୀକୁ ରାସ୍ତା ନିର୍ମାଣ କରି ବାଲି ଚୋରା ଚାଲାଣ କରୁଛନ୍ତି।



ଆନନ୍ଦପୁର ତହସିଲ ଅନ୍ତର୍ଗତ ବୁଢ଼ୀକୁଦ ଗ୍ରାମ ନିକଟରେ ଚୋରା ବାଲିଘାଟ ଚାଲିଛି ଏଠାରୁ ୩୦ରୁ ଉର୍ଦ୍ଧ୍ୱ ଟ୍ରାକ୍ଟର ନିୟମିତ ବାଲି ଚାଲାଣ କରି ନଦୀ ପଠାରେ ଗଚ୍ଛିତ ରଖିବା ପରେ ଜଙ୍ଗଲ ରାସ୍ତାରେ ମୟୂରଭଞ୍ଜ ଜିଲ୍ଲାକୁ ହାଇୱା ଯୋଗେ ଚାଲାଣ କରୁଛନ୍ତି। ଗେଣ୍ଡାବସା ଗ୍ରାମ ପଡ଼ିଆରେ ବାଲି ଗଚ୍ଛିତ ରଖାଯାଇ ଏଠାରୁ ରାତିରେ ହାଇୱା ଯୋଗେ ମୟୂରଭଞ୍ଜ ଜିଲ୍ଲାକୁ ଚାଲାଣ କରାଯାଉଛି। ମାଫିଆମାନେ ସ୍ଥାନୀୟ ଲୋକମାନଙ୍କୁ ହାତକରି ମାସିକ ଲକ୍ଷଲକ୍ଷ ଟଙ୍କା ମୁନାଫା କମାଉଛନ୍ତି। ସେହିପରି କୋଡ଼ପଡ଼ା ପଞ୍ଚାୟତ ତନେଇପାଳ ନିକଟରେ ବୈତରଣୀ ନଦୀରେ ଏକ ଚୋରା ବାଲିଘାଟ ନିର୍ମାଣ କରାଯାଇଛି। ଏଠାରେ ମଧ୍ୟ ୨୫ରୁ ଉର୍ଦ୍ଧ୍ୱ ଟ୍ରାକ୍ଟର ଦିନରାତି ବାଲି ଚାଲାଣ କରୁଛନ୍ତି। ଏଠାରୁ ବାଲି ଉଠାଯାଇ ଖଜୁରିବଣୀ ନିକଟରେ ବେଆଇନ୍ ଭାବେ ପାହାଡ଼ ପରି ବାଲି ଗଦା କରାଯାଇଛି।

ମିଳିଥିବା ସୂଚନା ଅନୁସାରେ, ଖଜୁରିବଣି ଓ ଗେଣ୍ଡାବସାରେ ୧୦୦ଟ୍ରିପରୁ ଅଧିକ ବାଲି ସରକାରୀ ଜମିରେ ମହଜୁଦ କରି ରଖାଯାଇଛି। ଏହି ଅଞ୍ଚଳରେ ଚାଲୁଥିବା ଅନେକ ଟ୍ରାକ୍ଟରର କାଗଜପତ୍ର ନଥିବା ବେଳେ ଡ୍ରାଇଭରମାନଙ୍କର ଲାଇସେନ୍ସ ମଧ୍ୟ ନାହିଁ। ସେହିପରି ଅନଭିଜ୍ଞ ଡ୍ରାଇଭରଙ୍କ ଦ୍ୱାରା ଟ୍ରାକ୍ଟରଗୁଡ଼ିକ ବେପରୁଆ ଭାବେ ଚାଲୁଥିବାରୁ ସାଧାରଣ ଲୋକଙ୍କ ଧନଜୀବନ ପ୍ରତି ବିପଦ ଆଶଙ୍କା ରହୁଛି। ଏହି ଅଞ୍ଚଳ ମୟୂରଭଞ୍ଜ ଜିଲ୍ଲା ସୀମାରେ ରହିଥିବାରୁ ବାଲି ମାଫିଆମାନେ ସହଜରେ ଖସି ଯାଉଛନ୍ତି ବୋଲି ଖଣି ଅଧିକାରୀ ପ୍ରକାଶ କରିଛନ୍ତି। ଖୁବ୍‌ଶୀଘ୍ର ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଗଚ୍ଛିତ ବାଲିକୁ ଜବତ କରିବାକୁ ସାଧାରଣରେ ଦାବି ହୋଇଛି।

## ସତ୍ୟସାଇ ସଂଗଠନ ପକ୍ଷରୁ ମନ୍ଦିର ସଫେଇ

ଆନନ୍ଦପୁର, ୧୯।୧୦ (ସମିସ): ଶ୍ରୀ ସତ୍ୟସାଇଙ୍କ ଜୟନ୍ତୀ ଉପଲକ୍ଷେ ସେବାକାର୍ଯ୍ୟ ଓ ପରିବାର ଭଜନ ଆରମ୍ଭ ହୋଇଛି। ଆନନ୍ଦପୁର ସମିତିର ଆବାହକ ନିତ୍ୟାନନ୍ଦ ସାମଲଙ୍କ ତତ୍ତ୍ୱାବଧାନରେ ଶ୍ରୀ ଦଧିବାମନଜୀଉ ମନ୍ଦିର ପରିସର ସଫେଇ କରାଯାଇଥିଲା। ସମିତି ପକ୍ଷରୁ ଶହେ ପରିବାରରେ ହେବାକୁ ଥିବା ଭଜନ କାର୍ଯ୍ୟକ୍ରମ ଆନନ୍ଦପୁର ଘସିପୁର। କଣ୍ଟିପାଳ ଶୈଳଙ୍ଗ ସରେଇ ଗ୍ରାମରୁ ଆରମ୍ଭ ହୋଇଥିବା ବେଳେ ସମିତି ଆବାହକ ନିତ୍ୟାନନ୍ଦ ସାମଲଙ୍କ ପରିବାରରୁ ଶୁଭାରମ୍ଭ ହୋଇଛି। ପ୍ରତିଦିନ ଭାବ ଓ ଭକ୍ତିରେ ହେଉଥିବା ଏହି ପରିବାର ଭଜନରେ ଡା ଶିଶିର କୁମାର ଦାସ, ଅଧ୍ୟାପକ ପ୍ରମୋଦ ରାଜ, ହାଡିବନ୍ଧୁ ସି ବଂକିମ ପଟ୍ଟନାୟକ ଅସିତ ନାୟକ ବାବୁଲି ମିଶ୍ର ଦିଲୀପ ଧଳ ନନ୍ଦକିଶୋର ଦଳେଇ ରାଜେନ୍ଦ୍ର ସାହୁ ମନରଞ୍ଜନ ସିଂହ ଶ୍ରୀକାନ୍ତ ସାହୁ ଶତ୍ରୁଘ୍ନ ଶତପଥୀ ଅସିତ କୁମାର ନାୟକ ଗୋପରଞ୍ଜନ ପାଣି ନିରୁପମା ପଟ୍ଟନାୟକ ମାମା ମହାପାତ୍ର ଲିଲି ରାଉତ ସମେତ ସାଇ ପରିବାରର ଭାଇଭଉଣୀ ଯୋଗଦେଉଥିବା ଜଣାଯାଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ନଭେମ୍ବର ୨୩ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ଚାଲିବ ବୋଲି ସୂଚନା ମିଳିଛି।



## ଆଜିର ରାଶିଫଳ

**ମେଷ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି । ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ । ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ ।

**ବୃଷ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ । ଘର ପାଇଁ ନୂଆ ଜିନିଷ କିଣିବେ । ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ । ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ । ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି । ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ । ଅଧିକ ପରିଶ୍ରମ କରିବେ । ପାରିବାରିକ ଜୀବନ ସୁଖମୟ ହେବ । ବାଦବିବାଦରୁ ଦୂରେଇ ରହିବେ ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ । ଉଧାର ଧନ ଫେରିପାଇବେ । ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ । ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ ।

**ସିଂହ:** ନିବେଶରୁ ଲାଭ ପାଇବେ । କାର୍ଯ୍ୟରେ ସଫଳତା ମିଳିବ । ବ୍ୟବହାରରେ ସଂଯମତା ରକ୍ଷା କରିବେ । ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ । ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ । ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ । ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ । ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ ।

**ତୁଳା:** ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି । ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ । ନାଚ, ଗୀତରେ ସଫଳତା ମିଳିବ ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ । ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ । ଇଚ୍ଛା ପୂରଣ ହେବ । ଦାମ୍ପତ୍ୟ ଜୀବନ ଖୁସିରେ ବିତିବ । ବନ୍ଧୁଙ୍କ ସହ ବୁଲିବାକୁ ଯିବେ ।

**ଧନୁ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଚାକିରିରେ ପରିବର୍ତ୍ତନ ହେବ । ରାଜନୀତିରେ ସଫଳ ହେବେ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ । ପରିବାର ସଦସ୍ୟଙ୍କ ସହଯୋଗ ମିଳିବ ।

**ମକର:** ସରକାରୀ କ୍ଷେତ୍ରରେ ଲାଭ ମିଳିବ । ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ । ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ । ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ ।

**କୁମ୍ଭ:** ବ୍ୟସ୍ତତା ଭିତରେ ଦିନଟି କଟିବ । ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ । ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ । ପ୍ରେମ ଜୀବନ ସୁଖମୟ ହେବ ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ । ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ । ଶିକ୍ଷାରେ ସଫଳତା ମିଳିବ । ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ ।

## ଆଜିର ଇତିହାସ

- ୧୯୪୦- ନେଦରଲ୍ୟାଣ୍ଡରେ ରାସନ୍‌ରେ ପନିର ମିଳିବା ଆରମ୍ଭ ହେଲା ।
- ୧୯୬୨- ଭାରତ ଓ ଚୀନ୍ ସୀମା ବିବାଦକୁ ନେଇ ଯୁଦ୍ଧ ଆରମ୍ଭ ହେଲା ।
- ୧୯୭୩-ସିଡ୍‌ନୀ ଅପେରା ହାଉସ୍‌କୁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଖୋଲିଦିଆଗଲା ।
- ୧୯୯୧- ଉତ୍ତରକାଶୀରେ ୬.୮ ତୀବ୍ରତାର ଭୂମିକମ୍ପ ଆସିବାରୁ ୧୦୦୦ ଲୋକଙ୍କ ପ୍ରାଣହାନି ।

## ନଭେମ୍ବର ୧୪ରେ
# 'ଦେ ଦେ ପ୍ୟାର୍ ଦେ ୨'

ବଲିଉଡ୍ ଅଭିନେତା ଅଜୟ ଦେବଗନ୍ ଓ ରକୁଲପ୍ରୀତ ସିଂହଙ୍କ ଫିଲ୍ମ 'ଦେ ଦେ ପ୍ୟାର୍ ଦେ' ୨୦୧୯ରେ ଆସିଥିଲା । ଏବେ ଅଜୟ ଏହାର ସିକ୍ୱେଲ ଆଣୁଛନ୍ତି । ଇତିମଧ୍ୟରେ 'ଦେ ଦେ ପ୍ୟାର୍ ଦେ ୨'ର ଟ୍ରେଲର୍ ରିଲିଜ୍ ହୋଇଛି । ଟ୍ରେଲର୍ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି । ଫିଲ୍ମରେ କମେଡି ସହ ଇମୋସନ୍‌ର ମିଶ୍ରଣ ଦେଖିବାକୁ ମିଳିବ ବୋଲି ଟ୍ରେଲର୍‌ରୁ ଏକପ୍ରକାର ସ୍ପଷ୍ଟ ହୋଇଛି । ଏଥିରେ ଜାଭେଦ ଜାଫରି, ମିଜାନ ଜାଫରି, ଗୌତମୀ କପୁର, ଇଶିତା ଦତ୍ତା, ସଞ୍ଜୀବ ସେଠ୍ ପ୍ରମୁଖଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ । ଟି-ସିରିଜ୍ ଓ ଲବ୍ ଫିଲ୍ମସ୍ ଏହାର ପ୍ରଯୋଜନା ଦାୟିତ୍ୱରେ ଅଛି । ଅଂଶୁଲ ଶର୍ମା ଏହାର ନିର୍ଦ୍ଦେଶନା ଦେଇଛନ୍ତି । ଅଜୟ ଓ ରକୁଲଙ୍କ ମଧ୍ୟରେ ଗଢ଼ି ଉଠିଥିବା ପ୍ରେମ ସମ୍ପର୍କ ଉପରେ ଫିଲ୍ମଟି ଆଧାରିତ । ଏଥିରେ ଆର୍. ମାଧବନ୍, ରକୁଲଙ୍କ ପିତା ଭୂମିକାରେ ନଜର ଆସିବେ । ଏହା ନଭେମ୍ବର ୧୪ରେ ପରଦାକୁ ଆସିବ । 'ଦେ ଦେ ପ୍ୟାର୍ ଦେ' ଫିଲ୍ମରେ ଅଜୟ ଓ ରକୁଲଙ୍କ ସହ ତବୁ, ଜିମି ସେରଗିଲ୍, ଆଲୋକ ନାଥ, କୁମୁଦ ମିଶ୍ରା ଦେଖାଯାଇଥିଲେ । ଫିଲ୍ମକୁ ଦର୍ଶକୀୟ ଆଦୃତି ମିଳିଥିଲା । ତେବେ 'ଦେ ଦେ ପ୍ୟାର୍ ଦେ ୨' ଦର୍ଶକଙ୍କ କେତେ ମନୋରଞ୍ଜନ କରୁଛି ତାହା ଦେଖିବାକୁ ବାକି ରହିଲା ।





## ବିଶ୍ୱ ଅଷ୍ଟିଓପୋରୋସିସ୍ ଦିବସ

ଅଷ୍ଟିଓପୋରୋସିସ୍ ରୋଗର ଗମ୍ଭୀରତା ବିଷୟରେ ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ୨୦ ଅକ୍ଟୋବରକୁ ବିଶ୍ୱ ଅଷ୍ଟିଓପୋରୋସିସ୍ ଦିବସ ଭାବେ ପାଳନ କରାଯାଉଛି । 'ଅଷ୍ଟିଓ' ଅର୍ଥ 'ହାଡ଼, ଏବଂ 'ପୋରୋସିସ୍' ଅର୍ଥ 'ଛିଦ୍ରପୂର୍ଣ୍ଣ' । ଏହି ରୋଗ ହାଡ଼କୁ ଫମ୍ପା କରିଦିଏ । ଏହା ମହିଳା, ବୟସ୍କ ଏବଂ ହରମୋନ୍ ଅସନ୍ତୁଳନ ଥିବା ଲୋକଙ୍କ ମଧ୍ୟରେ ଅଧିକ ଦେଖାଯାଏ । ଏକ ଆକଳନ ଅନୁଯାୟୀ, ଭାରତରେ ପ୍ରାୟ ଆଠ ଜଣ ପୁରୁଷ ଏବଂ ତିନି ଜଣ ମହିଳାଙ୍କ ମଧ୍ୟରୁ ଜଣେ ଅଷ୍ଟିଓପୋରୋସିସ୍ ରୋଗରେ ପୀଡ଼ିତ ହେଉଛନ୍ତି । ୧୯୯୬ ଅକ୍ଟୋବର ୨୦ ତାରିଖରେ ବ୍ରିଟେନର ନ୍ୟାସନାଲ ଅଷ୍ଟିଓପୋରୋସିସ୍ ସୋସାଇଟି ପକ୍ଷରୁ ଏହି ଦିବସ ପାଳନ କରାଯାଇଥିଲା । ଏହି ଅଭିଯାନକୁ ୟୁରୋପୀୟ କମିଶନ ପକ୍ଷରୁ ସମର୍ଥନ ମଧ୍ୟ କରାଯାଇଥିଲା । ପରେ ୧୯୯୭ଠାରୁ ଅନ୍ତର୍ଜାତୀୟ ଅଷ୍ଟିଓପୋରୋସିସ୍ ଫାଉଣ୍ଡେସନ୍ ପକ୍ଷରୁ ପ୍ରତିବର୍ଷ ବିଶ୍ୱସ୍ତରୀୟ ସଚେତନତା ସୃଷ୍ଟି ପାଇଁ ଏହି ଦିବସକୁ ପାଳନ କରାଯାଉଛି । ବୟସ ବଢ଼ିବା ସହ ଶରୀରରେ ହାଡ଼ ଦୁର୍ବଳ ହେବାକୁ ଲାଗିଥାଏ । ଯାହାକୁ ଚିକିତ୍ସା ବିଜ୍ଞାନ ଭାଷାରେ ଅଷ୍ଟିଓପୋରୋସିସ୍ କୁହାଯାଉଛି । ଯଦିଓ ଏହାକୁ ବୃଦ୍ଧାବସ୍ଥାର ରୋଗ କୁହାଯାଏ, କିନ୍ତୁ ଚିନ୍ତାର ବିଷୟ ଯେ, ଗତ କିଛି ବର୍ଷ ମଧ୍ୟରେ ଯୁବାବସ୍ଥାରେ ମଧ୍ୟ ଏହି ରୋଗ ଦେଖାଦେଉଛି । ନିଷ୍କ୍ରିୟ ଜୀବନଶୈଳୀ, ମଦ୍ୟପାନ,ଧୂମପାନ,ଜେନେଟିକ୍, ମଧୁମେହ, ମେଦବହୁଳତା, ଆର୍ଥ୍ରାଇଟିସ୍, କର୍କଟ ଔଷଧର ଦୀର୍ଘକାଳୀନ ବ୍ୟବହାର ଏବଂ ମେନୋପୋଜ ମଧ୍ୟ ଏହି ରୋଗର କାରଣ ହୋଇପାରେ । ପୁରୁଷଙ୍କ ଅପେକ୍ଷା ମହିଳାମାନଙ୍କଠାରେ ଏହି ସମସ୍ୟା ଅଧିକ ଦେଖାଯାଏ । ଅଷ୍ଟିଓପୋରୋସିସ୍ ସମସ୍ୟାକୁ ଦୂରେଇ ଦେବା ପାଇଁ ନିୟମିତ ବ୍ୟାୟାମ କରିବା ସହ ଖାଦ୍ୟରେ କ୍ୟାଲସିୟମ୍, ଭିଟାମିନ୍ ଡି ଓ ପ୍ରୋଟିନ୍ ଯୁକ୍ତ ଖାଦ୍ୟକୁ ସାମିଲ କରାଯିବା ଜରୁରୀ । ଏହାସହ ନିୟମିତ କଅଁଳ ଖରାରେ ବୁଲିବା ନିହାତି ଆବଶ୍ୟକ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଠିକ୍ ସମୟରେ ରୋଗ ଚିହ୍ନଟ ହୋଇପାରିଲେ ଚିକିତ୍ସା ମାଧ୍ୟମରେ ଏହି ସମସ୍ୟାକୁ ଏଡ଼ାଇ ଦିଆଯାଇ ପାରିବ ।

## ଦୀର୍ଘାୟୁର ଉତ୍ସ ଦହି

ଆମେରିକାରେ ଜନ୍ମଗ୍ରହଣ କରିଥିବା ସ୍ପେନର ମହିଳା ମାରିୟା ବ୍ରେନେସ ମୋରେରଙ୍କର ଗତବର୍ଷ ମୃତ୍ୟୁ ହୋଇଥିଲା । ମୃତ୍ୟୁ ବେଳକୁ ତାଙ୍କୁ ୧୧୭ ବର୍ଷ ବୟସ ହୋଇଥିଲା । ଅବଶ୍ୟ ତାଙ୍କ ମୃତ୍ୟୁର କିଛି ଦିନ ପୂର୍ବରୁ ସେ ବିଶ୍ୱର ସବୁଠୁ ବୟସ୍କା ଜୀବିତ ମହିଳା ହେବାର ରେକର୍ଡ କରିଥିଲେ । ସେପ୍ଟେମ୍ବର ୨୪ରେ ସେଲ୍ ରିପୋର୍ଟର ମେଡିକାଲ ପତ୍ରିକାରେ ପ୍ରକାଶିତ ଏକ ଆଲେଖ୍ୟ ଅନୁସାରେ, ଗବେଷକମାନେ ବ୍ରେନେସଙ୍କ ଦୀର୍ଘ ଜୀବନ ରହସ୍ୟ ସମ୍ପର୍କରେ ଜାଣିବାକୁ ଇଚ୍ଛା କରି ତାଙ୍କର ରକ୍ତ, ଲାଳ, ମଳ, ମୂତ୍ର ଏବଂ ଜିନ୍‌ର ଅଧ୍ୟୟନ କରିଥିଲେ । ଏହି ଅଧ୍ୟୟନରୁ ଜଣାପଡ଼ିଥିଲା ଯେ, ବ୍ରେନେସ ଧୂମପାନ କି ନିଶାଦ୍ରବ୍ୟ ସେବନ କରୁ ନ ଥିଲେ । ଯଥାସମ୍ଭବ ସେ ନିତିଦିନର କାମ ନିଜେ କରୁଥିଲେ । ସେ ଗାଁରେ ରହିବା ସହ ହାଲୁକା ବ୍ୟାୟାମ କରୁଥିଲେ ଏବଂ ଭୂମଧ୍ୟ ସାଗରୀୟ ଅଞ୍ଚଳର ଲୋକଙ୍କ ଭଳି ଖାଦ୍ୟ ଖାଉଥିଲେ । ତାଙ୍କ ଖାଦ୍ୟରେ ସେ ଅଲିଭ୍ ତେଲର ବ୍ୟବହାର କରୁଥିଲେ । ତେବେ ତାଙ୍କ ଜୀବନଶୈଳୀରେ ଗୋଟିଏ ସ୍ୱତନ୍ତ୍ର କଥା ଥିଲା । ସେ ଦିନକୁ ତିନି ଥର ଦହି ଖାଉଥିଲେ । ସେହିଭଳି ଏହି ଅଧ୍ୟୟନର ନେତୃତ୍ୱ ନେଇଥିବା ଡା. ଜୋସେଫ ସହଲାବ ଏକ ପୋଷ୍ଟରେ ଦୀର୍ଘ ଜୀବନ ଲାଗି ଦହିକୁ ଭଲ ସପ୍ଲିମେଣ୍ଟ ବୋଲି କାହିଁକି କୁହାଯାଇଛି, ସେ ସମ୍ପର୍କରେ କହିଛନ୍ତି । ଦହି କୋଲନ କ୍ୟାନସର ଆଶଙ୍କାକୁ କମ୍ କରିବା ସହ ଏହା ପାକସ୍ଥଳୀକୁ ସୁସ୍ଥ ରଖିଥାଏ । ସେହିପରି ଦହି ସବୁଠୁ ଉତ୍ତମ ଖାଦ୍ୟପଦାର୍ଥରୁ ଅନ୍ୟତମ ବୋଲି ଅଧ୍ୟୟନରୁ ଜଣାପଡ଼ିଛି । ଦହି ପ୍ରୋବାୟୋଟିକ୍‌ର ମଧ୍ୟ ଏକ ଉତ୍ତମ ଉତ୍ସ । ଏଥିରେ କ୍ୟାଲସିୟମ୍ ଏବଂ ଫସ୍‌ଫରସ୍ ଭରପୂର ଥିବାରୁ ଏହା ହାଡ଼ ଓ ଦାନ୍ତକୁ ମଜଭୁତ କରେ । ଏପରିକି ଏହା ଅଷ୍ଟିଓପୋରୋସିସ୍ ଭଳି ରୋଗକୁ ରୋକିବାରେ ସାହାଯ୍ୟ କରେ ବୋଲି ସେ କହିଛନ୍ତି ।



## ଆଲୋକର ପର୍ବ
# ଦୀପାବଳି

**ଆଲୋକ ଓ ଆନନ୍ଦର ପର୍ବ ଦୀପାବଳିରେ ପୂରା ପରିବେଶ ବଦଳିଯାଏ । କାର୍ତ୍ତିକ ମାସ ଅମାବାସ୍ୟାରେ ଏହି ପର୍ବ ପାଳନ କରାଯାଏ । ଦୀପାବଳି ଅମାବାସ୍ୟାକୁ ପଯ଼ଃ ଅମାବାସ୍ୟା ମଧ୍ୟ କୁହାଯାଏ । ଏହିଦିନ ପିତୃପୁରୁଷଙ୍କୁ କାଉଁରିଆ କାଠି ଜାଳି ମନେ ପକାଯାଏ । ତା'ସହ ଏହି ଦିନ ମା'କାଳୀଙ୍କୁ ଆରାଧନା କରାଯାଏ । ଘରେ ଘରେ ଦୀପ ଜଳେ, ବାଣ ଫୁଟେ, ଶ୍ରାଦ୍ଧ ପଡ଼େ ଏବଂ ପିଠାପଣା ହୁଏ ।**





ଶାସ୍ତ୍ରୀୟ ମତ ତଥା ଲୋକକଥାରେ ବିଭିନ୍ନ କାରଣକୁ ନେଇ ଦୀପାବଳି ପର୍ବ ପାଳନ କରିବାର ନିୟମ ଅଛି । ପୌରାଣିକ ମତରେ, ଏହି ଦିନ ଭଗବାନ ବିଷ୍ଣୁ ହିରଣ୍ୟକଶ୍ୟପକୁ ବଧ କରିଥିବାରୁ ଏହି ପର୍ବ ପାଳନ କରାଯାଏ । କେବଳ ସେତିକି ନୁହେଁ, ମର୍ଯ୍ୟାଦାପୁରୁଷ ରାମଚନ୍ଦ୍ର ୧୪ ବର୍ଷ ବନବାସ ଶେଷ କରିବା ପରେ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିଥିଲେ । ଅଯୋଧ୍ୟାର ସମସ୍ତ ନରନାରୀ ଶ୍ରୀରାମଙ୍କ ଅସତ୍ୟ ଉପରେ ସତ୍ୟର ବିଜୟ ନିମନ୍ତେ ଖୁସିରେ ବିଭିନ୍ନ ପ୍ରକାର ଦୀପ ଜାଳିଥିଲେ । ଏହିଦିନକୁ ସ୍ମରଣୀୟ କରିବା ପାଇଁ ଦୀପାବଳି ପାଳନ କରାଯାଏ । ଅନ୍ୟପଟେ ଦୀପାବଳିର ଦିନକ ପୂର୍ବରୁ ଶ୍ରୀକୃଷ୍ଣ ନରକାସୁରକୁ ବଧ କରିଥିବାରୁ ଏହାର ପରଦିନକୁ ଦୀପାବଳି ଭାବେ ପାଳନ କରାଯାଏ । ତେବେ ରାକ୍ଷସମାନଙ୍କୁ ବଧ କରିବା ପରେ ମହା କାଳୀଙ୍କ କ୍ରୋଧ ଯେତେବେଳେ ଶାନ୍ତ ହୋଇ ନ ଥିଲା ଏବଂ ସେ ଉଗ୍ର ରୂପ ଧାରଣ କରି ସୃଷ୍ଟି ସଂହାର ଉଦ୍ଦେଶ୍ୟରେ ବାହାରିଥିଲେ । ସେତେବେଳେ ଶିବ ତାଙ୍କୁ ଅଟକାଇବା ପାଇଁ ତଳେ ଶୋଇପଡ଼ିଥିଲେ । ଏହାପରେ ମହାକାଳୀ ଶାନ୍ତ ହୋଇଥିଲେ । ଏହାସହ କାଳୀଙ୍କ ଶାନ୍ତ ରୂପ ମା' ଲକ୍ଷ୍ମୀଙ୍କୁ ଏହିଦିନଠାରୁ ପୂଜା ଆରମ୍ଭ କରାଯିବା ସହ ଦୀପାବଳି ରାତିରେ ମା' କାଳୀଙ୍କ ଉଗ୍ର ରୂପର ଉପାସନା କରାଯାଏ ।

ଅନ୍ୟପକ୍ଷରେ ଏହିଦିନ ଓଡ଼ିଶାରେ ବଡ଼ବଡ଼ୁଆଙ୍କ ଉଦ୍ଦେଶ୍ୟରେ ପିଣ୍ଡ ଦିଆଯିବା ପରେ କାଉଁରିଆ କାଠି ଜଳାଯାଏ । ପିତୃ ପୁରୁଷଙ୍କୁ ଆଲୋକ ଦେଖାଇ ସ୍ୱର୍ଗ ଲୋକକୁ ଫେରିଯିବା ପାଇଁ ପ୍ରାର୍ଥନା କରାଯାଏ ।

କାଉଁରିଆ କାଠି ଜାଳିବା ବେଳେ କୁହାଯାଏ, "ବଡବଡୁଆ ହୋ! ଅନ୍ଧାରରେ ଆସ ଆଲୁଅରେ ଯାଅ । ଗଙ୍ଗା ଯାଅ, ଗୟା ଯାଅ, କାଶୀ ଯାଅ । ପୁରୁଷୋତ୍ତମରେ ମହାପ୍ରସାଦ ଖାଇ । ବାଇଶି ପାହଚରେ ଗଡ଼ଗଡ଼ଉ ଥାଅ ।"

## ମା' କାଳୀଙ୍କ ପ୍ରିୟ ଭୋଗ



**କାର୍ତ୍ତିକ ଅମାବାସ୍ୟାରେ କାଳୀ ପୂଜା ପାଳନ କରାଯାଏ । ରାତିରେ ମା' କାଳୀଙ୍କ ପୂଜା କରାଯାଏ ଏବଂ ଭୋଗ ଅର୍ପଣ କରାଯାଏ । ମା' କାଳୀଙ୍କୁ ଉଭୟ ଆମିଷ ଓ ନିରାମିଷ ଭୋଗ ଲାଗି କରାଯାଏ । ତେବେ ମା' କାଳୀଙ୍କ ପ୍ରିୟ ଭୋଗ କ'ଣ, ସେ ସମ୍ପର୍କରେ ଜାଣିବା ।**

- ମା'କାଳୀଙ୍କୁ ଭୋଗରେ ଗୁଡ଼ ଅର୍ପଣ କରିବା ଦ୍ୱାର ଜୀବନ ସମସ୍ତ କଷ୍ଟ ଦୂର ହୋଇଥାଏ । ଗୁଡ଼ରେ ତିଆରି ମିଠା ଅର୍ପଣ କରନ୍ତୁ ।
- ମୁଗଡାଲି ଖେଚୁଡ଼ି ମା' କାଳୀଙ୍କ ପ୍ରିୟ । ଏହାକୁ ଅର୍ପଣ କଲେ ଜୀବନର ସମସ୍ତ ସମସ୍ୟା ଓ ବାଧା ବିଘ୍ନ ଦୂର ହେବା କୁହାଯାଏ ।
- ସୁଜି ହାଲୁଆ ସମେତ ତାଜା ଫଳ ଭୋଗ କରାଯାଏ ।
- କ୍ଷୀରୀ ସମେତ ଦୁଗ୍ଧରେ ପ୍ରସ୍ତୁତ ମିଠା ଭୋଗ ଲାଗି କଲେ, ମା' କାଳୀ ପ୍ରସନ୍ନ ହୁଅନ୍ତି ।
- କିଛି ମନ୍ଦିର ଓ ପରମ୍ପରାରେ ମା' କାଳୀଙ୍କୁ ଆମିଷ ଭୋଗ ମଧ୍ୟ ଲାଗି କରାଯାଏ ।

## ସ୍ମୃତି

# ଯମ ଦ୍ୱିତୀୟା



ଦୀପାବଳିର ଦୁଇ ଦିନ ପରେ ଅର୍ଥାତ କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା ତିଥିରେ ପାଳିତ ହୁଏ ଯମ ଦ୍ୱିତୀୟା ବା ଭାତୃ ଦ୍ୱିତୀୟା । ଏହି ଦିନ ମୃତ୍ୟୁର ଦେବତା ଯମରାଜଙ୍କୁ ମଧ୍ୟ ପୂଜା କରାଯାଏ । ଏହା ହେଉଛି ଭାଇ-ଭଉଣୀ ମଧ୍ୟରେ ଥିବା ପବିତ୍ର ସମ୍ପର୍କର ପର୍ବ । କୁହାଯାଏ, ଏହିଦିନ ଭଉଣୀ ଘରେ ଭାଇ ଭୋଜନ କରିବା ଦ୍ୱାରା ଭାଇ ଦୀର୍ଘାୟୁ ହୋଇଥାଏ । ସୂର୍ଯ୍ୟ ଦେବ ଏବଂ ଦେବୀ ସଂଜ୍ଞାଙ୍କ ପୁତ୍ର ଯମ ଏବଂ ପୁତ୍ରୀ ଯମୀ ଏହିଦିନ ଜନ୍ମଗ୍ରହଣ କରିଥିଲେ । ତେଣୁ ଏହିଦିନକୁ ଯମଦ୍ୱିତୀୟା ଭାବରେ ପାଳନ କରାଯାଏ । ସେହିପରି ଅନ୍ୟ ଏକ ପୌରାଣିକ କାହାଣୀ ଅନୁସାରେ, କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା ଦିନ ଯମୁନା ଯମରାଜଙ୍କୁ ନିଜ ଘରକୁ ଆମନ୍ତ୍ରିତ କରିଥିଲେ । ଅତିଥି ସତ୍କାର କରିବା ସହ ଭୋଜନ କରାଇ ଥିଲେ । ଏହି କାରଣକୁ ଏହାକୁ ଯମ ଦ୍ୱିତୀୟା ବୋଲି କୁହାଯାଏ । ସେହିପରି ଏଥିରେ ଯମରାଜ ପ୍ରସନ୍ନ ହୋଇ ଭଉଣୀକୁ ବର ଦେଇଥିଲେ, ଏହିଦିନ ସଂସାରର ଯେଉଁ ଭଉଣୀମାନେ ତାଙ୍କ ଭାଇଙ୍କୁ ଟୀକା ଲଗାଇ ପୂଜା କରିବେ, ସେହି ଭାଇମାନଙ୍କର ଆୟୁ ବୃଦ୍ଧି ହେବା ସହିତ ତାଙ୍କ ଜୀବନରୁ ସମସ୍ତ ପ୍ରକାରର କଷ୍ଟ, ବାଧା ବିଘ୍ନ ଦୂର ହୋଇଯିବ ଏବଂ ଯମଲୋକର ପୀଡା ଆଉ ତାଙ୍କୁ ଲାଗିବ ନାହିଁ ।

ଅନ୍ୟପଟେ ଏହିଦିନ ଭଉଣୀ ଭାଇର ଦୀର୍ଘାୟୁ କାମନା କରି ଯମରାଜଙ୍କ ପାଖେ ପ୍ରାର୍ଥନା କରନ୍ତି । ଏହି ପର୍ବରେ ଭଉଣୀମାନେ ଭାଇ ମଥାରେ ତିଳକ ଲଗାଇ ବନ୍ଦାପନା କରି ଭାଇ ମାନଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରିଥାନ୍ତି । ଭାଇମାନେ ଭଉଣୀଙ୍କୁ ସ୍ନେହ ପ୍ରେମର ନିଦର୍ଶନ ସ୍ୱରୂପ ଉପହାରମାନ ଦେଇଥାନ୍ତି । ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କ ଚତୁର୍ଦ୍ଦଶ ଯାତ୍ରା ମଧ୍ୟରୁ ଯମ ଦ୍ୱିତୀୟା ଯାତ୍ରା ଅନ୍ୟତମ । ଏହିଦିନ ଶ୍ରୀଲିଙ୍ଗରାଜ ପ୍ରଭୁ ଯମେଶ୍ୱର ଏବଂ ତାଙ୍କର ଭଉଣୀ କାମାକ୍ଷୀଙ୍କୁ ଭେଟ କରିବାକୁ ଯାଇଥାନ୍ତି । ସେହିପରି ଶ୍ରୀକ୍ଷେତ୍ରରେ ଯମେଶ୍ୱର ମହାଦେବଙ୍କ ମନ୍ଦିରରେ ଯମ ଦ୍ୱିତୀୟା ପାଇଁ ସ୍ୱତନ୍ତ୍ର ପୂଜାନୀତି ଅନୁଷ୍ଠିତ ହୋଇଥାଏ । ଏହି ପର୍ବ ଅକ୍ଟୋବର ୨୩ ତାରିଖରେ ପାଳନ କରାଯିବ ।

# ଶ୍ରୀମଦ୍ ଭାଗବତରେ ପୁରଞ୍ଜନ ଉପାଖ୍ୟାନ

ଶିବନାରାୟଣ ମହାପାତ୍ର

**(ଶ୍ରୀମଦ୍ ଭାଗବତରେ ପୁରଞ୍ଜନ ଉପାଖ୍ୟାନର ଗତ ସଂସ୍କରଣରେ ପ୍ରକାଶିତ ଉପାଖ୍ୟାନ ତତ୍ତ୍ୱର ଅବଶିଷ୍ଟ ଅଂଶ ଏଥର ପ୍ରଦାନ କରାଯାଇଛି ।)**

ବିବାହ ପରେ ପୁରଞ୍ଜନ ପୁରଞ୍ଜନୀଙ୍କ ପ୍ରତି ଏତେ ପରିମାଣରେ ମୋହିତ ହୋଇଗଲା ଯେ, ପୂରଞ୍ଜନୀ ଯାହା କହିଲା, ପୁରଞ୍ଜନ ସେଇଆ କଲା । ଅର୍ଥାତ ମଣିଷର ମତି / ଅବିଦ୍ୟା ମଣିଷକୁ ଯୋଉ ଆଡକୁ ଟାଣେ ମଣିଷ ସେଇ ଆଡକୁ ଗତି କରେ ।

ଏହିପରି ପୁରଞ୍ଜନ (ଜୀବତ୍ମା) ଢେର ଦିନ ପୂରଞ୍ଜନୀ (ମତି / ବୁଦ୍ଧି / ଅବିଦ୍ୟା) ସହିତ ଖୁବ ଆନନ୍ଦରେ ଦିନ କାଟିଲା । କିଛି ଦିନ ପରେ ଜରା (ବାର୍ଦ୍ଧକ୍ୟ) ନାମକ ଏକ ଅସୁନ୍ଦର ନାରୀର ପୁରଞ୍ଜନ (ଜୀବାତ୍ମା) ଉପରେ ନଜର ପଡିଲା । ଜରା (ବାର୍ଦ୍ଧକ୍ୟ) ତା'ର ବନ୍ଧୁ ଚଣ୍ଡବେଗ (କାଳଚକ୍ର) ସାହାଯ୍ୟରେ ପୁରଞ୍ଜନ ଉପରେ ଆକ୍ରମଣ କଲା । ଏହି ଆକ୍ରମଣରେ ଚଣ୍ଡବେଗ (କାଳଚକ୍ର)ର ସୈନ୍ୟ ବାହିନୀ (ତିନି ଶହ ପାଞ୍ଚଷଠି ଦିନ ଏବଂ ତିନି ଶହ ପାଞ୍ଚଷଠି ରାତ୍ରୀ) ସାହାଯ୍ୟ କଲେ । ଅର୍ଥାତ ଜୀବତ୍ମା କାଳ ଚକ୍ରର ଦିନ ରାତି ପ୍ରଭାବରେ କ୍ରମେ ବାର୍ଦ୍ଧକ୍ୟରେ ପହଁଞ୍ଚିଲା । ବାର୍ଦ୍ଧକ୍ୟର ଆକ୍ରମଣରେ ଜୀବତ୍ମାର ପ୍ରଥମେ କର୍ମେନ୍ଦ୍ରିୟ ଓ ପରେ ପରେ ଜ୍ଞାନେନ୍ଦ୍ରିୟମାନେ କାର୍ଯ୍ୟ କରିବା ବନ୍ଦ କରିଦେଲେ । ଏହି ଭଳି ଜରାର ଆକ୍ରମଣରେ ପୂରଞ୍ଜନୀର ଦଶ ସୈନିକ ମରିଗଲେ । ପାଞ୍ଚ ଫେଣା ବିଶିଷ୍ଟ ସାପ ମଧ୍ୟ ପ୍ରାଣ ହରାଇଲା । ଶେଷରେ ଜୀବାତ୍ମା ପୂରଞ୍ଜନର ମୃତ୍ୟୁ ହେଲା ।

ପୂରଞ୍ଜନ ମୃତ୍ୟୁ ସମୟରେ ପୂରଞ୍ଜନୀକୁ ଝୁରି ଝୁରି ମୃତ୍ୟୁବରଣ କରିଥିବାରୁ ପର ଜନ୍ମରେ ବିଧରଭ ଦେଶର ରାଜ କନ୍ୟା ଭାବରେ ଜନ୍ମ ନେଲା ଓ ତାର ନାମ ବୈଦେହୀ ହେଲା । ବୈଦେହୀ ମଳୟ ଦେଶର ରାଜା ମଳୟଧ୍ୱଜଙ୍କୁ ବିବାହ କଲେ । ସମୟ ଅନୁକ୍ରମେ ଶିକାର ଖେଳୁ ଖେଳୁ ମଳୟଧ୍ୱଜଙ୍କର ମୃତ୍ୟୁ ହେଲା ଏବଂ ତତ୍କାଳୀନ ପରମ୍ପରା ଅନୁଯାୟୀ ବୈଦେହୀ ସତୀ ହେବା ପାଇଁ ପ୍ରସ୍ତୁତ ହେବା ସମୟରେ ଅଭିଜ୍ଞାତ ପହଞ୍ଚି ପୁରଞ୍ଜନ ଙ୍କୁ ତାଙ୍କର ପୂର୍ବ ସମ୍ପର୍କ ବିଷୟରେ ମନେ ପକାଇ ଦେଲେ ଓ ପୁନର୍ବାର ତାଙ୍କ ସାଙ୍ଗରେ ପୂର୍ବ ଅବସ୍ଥାକୁ ଫେରି ଯିବାକୁ କହିଲେ ।

ଏହି ଉପାଖ୍ୟାନର ସାର ମର୍ମ ହେଲା, ଯେ ପର୍ଯ୍ୟନ୍ତ ଜୀବତ୍ମା ପରମାତ୍ମାଙ୍କ ସାନ୍ନିଧ୍ୟ ଲାଭ କରୁଥିବ ,ସେ ପର୍ଯ୍ୟନ୍ତ ଜୀବତ୍ମା ଶାନ୍ତି ଲାଭ କରୁଥିବ । ପରମାତ୍ମାଙ୍କୁ ଭୁଲି ମାୟା ସଂସାରରେ ନିର୍ଲିପ୍ତ ହେଲେ କଷ୍ଟ ଭୋଗିବ । ନାରଦ ମୁନୀଙ୍କର ଏହି ଉପାଖ୍ୟାନ ପ୍ରାଚୀନବରହୀଙ୍କୁ ପ୍ରଭାବିତ କରିଥିଲା ଏବଂ ସେ ନିଜର ଆଚରଣରେ ପରିବର୍ତ୍ତନ କରିଥିଲେ ।

କେଶୁରା
ମୋ: ୮୨୪୯୨୧୩୦୪୦

### ପ୍ରଥମ ମ୍ୟାଚ୍‌ରେ ରୋ-କୋ, ଗିଲ୍ ଫେଲ୍, ୨୩ରେ ଦ୍ୱିତୀୟ ମୁକାବିଲା

# ଅଷ୍ଟ୍ରେଲିଆର ପେସ୍ ଆଗରେ ଭାରତର ଆତ୍ମସମର୍ପଣ

ପର୍ଥ,୧୯।୧୦(ଏଜେନ୍ସି)


ଅପଟସ୍ ଷ୍ଟାଡିୟମ୍‌ରେ ଅଷ୍ଟ୍ରେଲିଆର ପେସ ଓ ନିଖୁଣ ବୋଲିଂ ଆଗରେ ଆତ୍ମସମର୍ପଣ କରିଛି ଭ୍ରମଣକାରୀ ଭାରତୀୟ କ୍ରିକେଟ ଦଳ। ଏଠାରେ ଆଜି ଅନୁଷ୍ଠିତ ବର୍ଷାବାଧାପ୍ରାପ୍ତ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୭ ୱିକେଟରେ ଭାରତକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଭାରତର ୩ ତାରକା ଖେଳାଳି ଏକାଥରକେ ବିଫଳ ହେବା ସମର୍ଥକ ଓ ଟିମ୍ ମ୍ୟାନେଜମେଣ୍ଟକୁ ନିରାଶ କରିଛି। ତାରକା ମାନଙ୍କ ମଧ୍ୟରୁ ରୋହିତ ଶର୍ମା ୮, ବିରାଟ କୋହଲି ୦ ଓ ଅଧିନାୟକରେ ଡେବ୍ୟୁ କରିଥିବା ଶୁବମନ ଗିଲ୍ ୧୦ ରନ୍‌ରେ ଆଉଟ ହୋଇଥିଲେ। ଅଷ୍ଟ୍ରେଲିଆରେ କୋହଲି ପ୍ରଥମଥର ଦିନିକିଆ ଫର୍ମାଟରେ ଖାତା ଖୋଲିବାକୁ ଅସମର୍ଥ ହୋଇଥିଲାବେଳେ ଗିଲ୍ ଉଭୟ ଟେଷ୍ଟ ଓ ଦିନିକିଆ ଫର୍ମାଟରେ ଦଳର ନେତୃତ୍ୱ ନେଇ ପ୍ରଥମ ମ୍ୟାଚ୍‌ରେ ପରାଜିତ ହୋଇଛନ୍ତି। ଏହି ବିଜୟ ଫଳରେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଅଷ୍ଟ୍ରେଲିଆ ଆରମ୍ଭରୁ ୧-୦ରେ ଅଗ୍ରଣୀ ନେଇଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ଗୁରୁବାର ଆଡିଲେଡ ଓଭାଲରେ ଓ ତୃତୀୟ ମ୍ୟାଚ୍ ଶନିବାର ସିଡ୍‌ନୀରେ ଖେଳାଯିବ। ପର୍ଥର ଲୋ ସ୍କୋରିଂ ପିଚ୍‌ରେ ଅଷ୍ଟ୍ରେଲିଆ ଇନିଂସରେ ଶେଷଯାଏ ଅପରାଜିତ ରହି ୪୬ ରନ୍ କରିଥିବା ଅଧିନାୟକ ମିଚେଲ ମାର୍ଶଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।



ଏହି ମ୍ୟାଚ୍‌ରେ ବର୍ଷା ବାରମ୍ବାର ଖେଳରେ ବାଧା ସୃଷ୍ଟି କରିଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଇନିଂସରେ ୪ଥର ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହୋଇଥିଲା। ଏହା ସାଙ୍ଗକୁ ଅଷ୍ଟ୍ରେଲିଆର ପେସ୍ ଓ ନିଖୁଣ ବୋଲିଂ ଆଗରେ ଭାରତୀୟ ବ୍ୟାଟର ହାତଟେକି ଦେଇଥିଲେ। ଏପରିକି ଦଳର ଜଣେ ହେଲେ ଖେଳାଳି ବେଶି ସମୟ ତିଷ୍ଠି ନ ଥିଲେ କି ବଡ଼ ସ୍କୋର କରିବାରୁ ବଞ୍ଚିତ ହୋଇଥିଲେ। ୨୬ ଓଭରରେ ୯ ୱିକେଟ ହରାଇ ୧୩୬ ରନ୍ କରିଥିଲାବେଳେ ଆଉ ଖେଳ ସମ୍ଭବ ହୋଇ ନ ଥିଲା। ଫଳରେ ଭାରତର ଇନିଂସ ଏହିଠାରୁ ଶେଷ ହୋଇଥିଲା। ଦଳ ପକ୍ଷରୁ ଲୋକେଶ ରାହୁଲ ସର୍ବାଧିକ ୩୮ ଓ ଅକ୍ଷର ପଟେଲ ୩୧ ରନ୍‌ର ଯୋଗଦାନ ଦେଇଥିଲେ। ଦୀର୍ଘ ୭ ମାସ ପରେ ଜାତୀୟ ଦଳକୁ ଫେରିଥିବା ଦୁଇ ସୁପରଷ୍ଟାର ରୋହିତ ଶର୍ମା ମାତ୍ର ୧୪ଟି ବଲ୍ ଖେଳି ୮ ଓ ବିରାଟ କୋହଲି ୮ ବଲ୍ ଖେଳି ଖାତା ଖୋଲି ପାରି ନ ଥିଲେ। ଅଧିନାୟକ ଗିଲ୍ ମଧ୍ୟ ୧୦ ରନ୍‌ରେ ଆଉଟ ହୋଇଥିଲେ। ବାରମ୍ବାର ଖେଳ ବନ୍ଦ ରହିବା ଯୋଗୁଁ ଭାରତୀୟ ବ୍ୟାଟର ଲୟକୁ ଫେରି ନ ଥିଲେ। ଅଷ୍ଟ୍ରେଲୀୟ ବୋଲର ଏଥିରୁ ଫାଇଦା ଉଠାଇଥିଲେ। ଜୋଶ ହାଜ୍‌ଲେଉଡ, ମିଚେଲ ଓଏନ ଓ ମାଥ୍ୟୁ କୁନେମାନ ୨ଟି ଲେଖାଏଁ ୱିକେଟ ନେଇଥିଲେ।

ଜବାବରେ ଡିଏଲ୍‌ଏସ୍ ମେଥଡ ଅନୁଯାୟୀ ଅଷ୍ଟ୍ରେଲିଆ ଆଗରେ ୨୬ ଓଭରରେ ୧୩୧ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଲକ୍ଷ୍ୟକୁ ଘରୋଇ ଦଳ ଭଲ ପାଗରେ ଖେଳି୨୧.୧ ଓଭରରେ ୩ ୱିକେଟ ହରାଇ ହାସଲ କରିନେଇଥିଲା। ଅଧିନାୟକ ତଥା ଓପନର ମିଚେଲ ମାର୍ଶ ଶେଷପର୍ଯ୍ୟନ୍ତ ଅପରାଜିତ ରହି ୪୬ ରନ୍‌ର ଭଲ ସ୍କୋର କରିଥିଲେ। ତାଙ୍କ ସହ ମ୍ୟାଟ ରେନ୍‌ଶା ୨୪ ବଲ୍‌ରୁ ୨୧ ରନ୍ କରି ଦଳକୁ ସହଜରେ ଜିତାଇଥିଲେ। ୱିକେଟ ରକ୍ଷକ ଜୋଶ ଫିଲିପ୍ ୨୯ ବଲ୍‌ରୁ ୩ ଚୌକା ଓ ୨ ଛକା ସହ ଦ୍ରୁତ ୩୭ ରନ୍ କରି ଅଷ୍ଟ୍ରେଲିଆର ବିଜୟ ସହଜ କରିଦେଇଥିଲେ। ଟ୍ରାଭିସ ହେଡ୍‌ଙ୍କୁ ୮ ରନ୍‌ରେ ଆଉଟ କରି ଅର୍ଶଦୀପ ଯେଉଁ ସଫଳତା ପାଇଥିଲେ ତାହାର ସଦୁପଯୋଗ କରି ପାରି ନ ଥିଲା ଭାରତ। ଫାଷ୍ଟ ପିଚ୍‌ରେ ଭାରତୀୟ ପେସର ବିଫଳ ହୋଇଥିଲାବେଳେ ସ୍ପିନର ଅକ୍ଷର ପଟେଲ ଓ ୱାଶିଂଟନ ସୁନ୍ଦରଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା।

## ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ତନ୍‌ଭୀଙ୍କୁ ରୌପ୍ୟ



**ଗୌହାଟୀ, ୧୯ ।୧୦ (ଏଜେନ୍ସି):** ଏଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ବିଶ୍ୱ ଜୁନିଅର ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ଭାରତର ତନଭୀ ଶର୍ମା ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ରବିବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ଫାଇନାଲରେ ଟପ୍ ସିଡ୍ ତନଭୀ ୭-୧୫, ୧୨-୧୫ ସିଧାସଳଖ ଗେମରେ ଦ୍ୱିତୀୟ ସିଡ୍ ଥାଇଲାଣ୍ଡର ଅନ୍ୟାପତ୍‌ଙ୍କ ନିକଟରୁ ହାରି ସ୍ୱର୍ଣ୍ଣରୁ ବଞ୍ଚିତ ହୋଇଥିଲେ। ଫାଇନାଲ ମ୍ୟାଚର ଫଳାଫଳ ମାତ୍ର ୨୮ ମିନିଟ୍‌ରେ ବାହାରିଯାଇଥିଲା। ତନଭୀ ଏଥିସହ ୫ମ ଭାରତୀୟ ଭାବେ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ରୌପ୍ୟ ପଦକ ଜିତିଛନ୍ତି। ତାଙ୍କ ପୂର୍ବରୁ ଅପର୍ଣ୍ଣା ପୋପଟ୍ (୧୯୯୬), ସାଇନା ନେହ୍ୱାଲ (୨୦୦୬), ସିରିଲ ବର୍ମା (୨୦୧୫) ଓ ଶଙ୍କର ମୁଥୁସ୍ୱାମୀ (୨୦୨୨) ବିଭିନ୍ନ ସଂସ୍କରଣରେ ରୌପ୍ୟ ପଦକ ସଫଳତା ପାଇଥିଲେ। ସେହିଭଳି ତନଭୀଙ୍କ ରୌପ୍ୟ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଇତିହାସରେ ଭାରତର ୧୨ତମ ପଦକ ଥିଲା। ଯେଉଁଥିରେ ଗୋଟିଏ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୬ କାଂସ୍ୟ ପଦକ ସାମିଲ ରହିଛି।

## ୫୦୦ ମ୍ୟାଚ୍ ଖେଳିବାରେ ରୋହିତ୍ ୫ମ ଭାରତୀୟ

**ପର୍ଥ, ୧୯ ।୧୦ (ଏଜେନ୍ସି):** ଅନ୍ତର୍ଜାତୀୟ କ୍ରିକେଟ୍‌ରେ ରୋହିତ ଆଜି ୫୦୦ତମ ମ୍ୟାଚ୍ ଖେଳିଛନ୍ତି। ବିଶ୍ୱର ୧୧ତମ ତଥା ପଞ୍ଚମ ଭାରତୀୟ କ୍ରିକେଟର୍ ଭାବେ ସେ ଏହି କ୍ଲବରେ ସାମିଲ ହୋଇଛନ୍ତି। ରୋହିତ୍‌ଙ୍କ ପୂର୍ବରୁ ଭାରତୀୟ ଭାବେ ସଚିନ ତେନ୍ଦୁଲକର (୬୬୪), ବିରାଟ କୋହଲି (୫୫୧), ମହେନ୍ଦ୍ର ସିଂ ଧୋନି (୫୩୮) ଓ ରାହୁଲ ଦ୍ରାବିଡ୍ (୫୦୯) ୫୦୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଛନ୍ତି। ସର୍ବାଧିକ ୬୬୪ ମ୍ୟାଚ୍ ଖେଳି ସଚିନ ଏହି ତାଲିକାର ଶୀର୍ଷରେ ରହିଛନ୍ତି।

● ସିକେ ନାଇଡୁ ଟ୍ରଫି

## ଓଡ଼ିଶାର ବିଜୟ ଅଭିଯାନ



ସାଇଦୀପ



ଆୟୁଷ

କଟକ,୧୯।୧୦(ସମିସ): ପ୍ରଥମ ଲିଗ୍ ମ୍ୟାଚ୍‌ରେ ହାଇଦ୍ରାବାଦକୁ ୬୩ ରନରେ ପରାସ୍ତ କରି ଓଡ଼ିଶା ସିକେ ନାଇଡୁ ଟ୍ରଫିରେ ଅଭିଯାନ ଆରମ୍ଭ କରିଛି। ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଘରୋଇ ହାଇଦ୍ରାବାଦ ୨୩୩ ରନର ଲକ୍ଷ୍ୟକୁ ପିଛା କରି ରବିବାର ମ୍ୟାଚ୍‌ର ୪ର୍ଥ ଦିବସରେ ୧୬୯ ରନରେ ଅଲଆଉଟ ହୋଇଥିଲା। ଅଧିନାୟକ ସାଇଦୀପ ମହାପାତ୍ର ଓ ଆୟୁଷ ବାରିକ ୩ଟି ଲେଖାଏ ୱିକେଟ ଦଖଲ କରିଥିଲେ। ପ୍ରଥମ ପାଳିରେ ୮ ୱିକେଟ ସଫଳତା ପାଇଥିବା ଆୟୁଷ ମ୍ୟାଚ୍‌ରେ ମୋଟ ୧୧ଟି ୱିକେଟ ଅକ୍ତିଆର କରିଛନ୍ତି। ପ୍ରକାଶଥାଉକି, ଓଡ଼ିଶାର ପ୍ରଥମ ପାଳି ୧୫୯ ରନରେ ସୀମିତ ରହିବା ପରେ ହାଇଦ୍ରାବାଦ ୧୯୫ରନରେ ଅଲଆଉଟ ହୋଇଥିଲା। ଓମ ଟି ମୁଣ୍ଡେଙ୍କ ଶତକୀୟ ପାଳି ସହାୟତାରେ ଓଡ଼ିଶା ଦ୍ୱିତୀୟ ଇନିଂସ୍‌ରେ ୨୬୮ ରନ କରିଥିଲା। ଆସନ୍ତା ୨୬ରୁ ୨୯ ପର୍ଯ୍ୟନ୍ତ ଭୁବନେଶ୍ୱର ରେଳବାଇ ଷ୍ଟାଡିୟମରେ ଆସାମ ବିପକ୍ଷରେ ଓଡ଼ିଶା ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳିବ।

## ଆନ୍ତଃସ୍କୁଲ ଫୁଟବଲ ଫାଇନାଲରେ କିସ୍




ଭୁବନେଶ୍ୱର,୧୯।୧୦ (ସମିସ): ରାଜୁ ମାର୍ଣ୍ଡିଙ୍କ ଡବଲ ଗୋଲ ବଳରେ କିସ୍ ୨-୦ ଗୋଲରେ ଓଡ଼ିଏମ୍ ପବ୍ଲିକ୍ ସ୍କୁଲ୍‌କୁ ପରାସ୍ତ କରି ଏଠାରେ ଚାଲିଥିବା ଭୁବନେଶ୍ୱର ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଓଡ଼ିଏମ୍ ଗ୍ଲୋବାଲ ସ୍କୁଲ ଓ ୟୁନିଟ-୧ ସରକାରୀ ହାଇସ୍କୁଲ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ସହ କିସ୍ ଫାଇନାଲ ମୁକାବିଲା କରିବ। ବିଜୟୀ କିସ୍ ପକ୍ଷରୁ ଡବଲ ଗୋଲ ଦେଇଥିବା ରାଜୁ ମାର୍ଣ୍ଡିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଖେଳ ଶେଷରେ ଆୟୋଜକ ଭୁବନେଶ୍ୱର ଭେଟେରାନ ଫୁଟବଲ ସଂଘ ସଭାପତି ନବରଞ୍ଜନ ପଟ୍ଟନାୟକ, ତାହିଦୁଲ ହୋଦା ଆଦି ଅତିଥିଭାବେ ଉପସ୍ଥିତ ଥିଲେ। ରେଫରି ପ୍ରିୟବ୍ରତ ବାହିନୀପତି, ସରୋଜ ମହାରଣା, ଶେଖାୱତ ଖାନ୍ ଓ ଅମିତ ନାୟକ ପ୍ରଥମ ସେମିଫାଇନାଲ ମ୍ୟାଚ୍ ପରିଚାଳନା କରିଥିଲେ।

● ଲୋକାଲ-୧- ସନ୍ଦୀପ ମହାନ୍ତି ସ୍ମାରକୀ ଚେସ୍

## ଓମ୍‌ଆଦିତ୍ୟ ଜିତିଲେ ଟାଇଟଲ




ଭୁବନେଶ୍ୱର,୧୯।୧୦ (ସମିସ): ଭୁବନେଶ୍ୱରର ଓମ୍ ଆଦିତ୍ୟ ଖାଡଙ୍ଗା ୧୮ତମ ରାଜ୍ୟ ଓପନ ଚେସ୍ ଚାମ୍ପିଅନସିପ୍‌ରେ ଟାଇଟଲ ଜିତିଛନ୍ତି। ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ କେଶୁରସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଭୁବନେଶ୍ୱରର ଦୁଇ ଖେଳାଳି ଓମ୍‌ଆଦିତ୍ୟ ଓ ସ୍ୱପ୍ନିଲ ପ୍ରିୟଦର୍ଶୀ ସମାନ ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ଟାଇବ୍ରେକରରେ ସ୍ୱପ୍ନିଲଙ୍କୁ ପଛରେ ପକାଇ ଟାଇଟଲ ଜିତିନେଇଥିଲେ। ରାୟଗଡ଼ାର ଫକିର ମାଝୀ ତୃତୀୟ, ପାରାଦୀପ୍‌ର ଜ୍ଞାନରଞ୍ଜନ ସେଠୀ ଚତୁର୍ଥ, ଭୁବନେଶ୍ୱରର ସୌମ୍ୟରଞ୍ଜନ ମିଶ୍ର ୫ମ ସ୍ଥାନ ଅଧିକାର କରିଥିଲେ। ଖେଳ ଶେଷରେ ସ୍ୱର୍ଗତ ସନ୍ଦୀପଙ୍କ ପିତା ସୁରେନ୍ଦ୍ରନାଥ ମହାନ୍ତି, ଓଡ଼ିଶା ରାଜ୍ୟ ଚେସ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ରୟାଲସ୍କୁଲର ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞା ପାରମିତା ସାହୁ ଅତିଥିଭାବେ ଯୋଗଦେଇଥିଲେ।

● ବରିଷ୍ଠ ମହିଳା ଟି-୨୦

## ୬ଷ୍ଠ ପରାଜୟ ସହ ଓଡ଼ିଶା ବିଦା

**କଟକ,୧୯।୧୦(ସମିସ):** ବରିଷ୍ଠ ମହିଳା ଟି-୨୦ ଟ୍ରଫିରେ ଓଡ଼ିଶା ୬ଟି ଲିଗ୍ ମ୍ୟାଚ୍‌ରେ ପରାସ୍ତ ହୋଇ ପ୍ରତିଯୋଗିତାରୁ ବିଦା ହୋଇଛି। ୭ଟି ଲିଗରୁ ମାତ୍ର ଗୋଟିଏ ମ୍ୟାଚ୍ ଜିତି ୪ ପଏଣ୍ଟ ପାଇଥିବା ଓଡ଼ିଶା ଗ୍ରୁପ-ସି ଟେବଲର ୬ଷ୍ଠ ସ୍ଥାନରେ ରହିଛି। ଗ୍ୱାଲିୟରର କ୍ୟାପ୍ଟେନ ରୁପସିଂହ ଷ୍ଟାଡିୟରେ ରବିବାର ଖେଳାଯାଇଥିବା ଅନ୍ତିମ ଲିଗ୍‌ରେ ଦଳ ୯ ୱିକେଟରେ ହରିୟାଣାଠାରୁ ହାରିଥିଲା। ଟସ୍ ଜିତି ବ୍ୟାଟିଂ କରିଥିବା ଓଡ଼ିଶା ୮ ୱିକେଟ ହରାଇ ୧୧୩ରନ ସଂଗ୍ରହ କରିଥିଲା। ଓଡ଼ିଶା ପାଇଁ ଦୁଇ ଓପନର୍ ତନ୍ମୟୀ ବେହେରା ୫୧ ଓ ମାଧୁରୀ ମେହେଟା ୨୨ ରନ କରିଥିଲେ। ବ୍ୟାଟିଂ କରିଥିବା ଅନ୍ୟ ୮ଜଣ ବ୍ୟାଟର୍ ଦୁଇଅଙ୍କ ଛୁଇଁପାରି ନ ଥିଲେ। ହରିୟାଣାର ଅମନଦୀପ କୌର ସର୍ବାଧିକ ୩ଟି ୱିକେଟ ଦଖଲ କରିଥିଲେ। ଜବାବରେ ହରିୟାଣା ଦ୍ୱିତୀୟ ଓଭରରେ ରୀମା ସିସୋଦିଆ (୧ରନ)ଙ୍କ ୱିକେଟ୍ ହରାଇଥିଲା। ତେବେ ଅଧିନାୟିକା ତଥା ଅନ୍ତର୍ଜାତୀୟ କ୍ରିକେଟର ଶେଫାଳି ବର୍ମାଙ୍କ ଦ୍ରୁତ ପାଳି ବଳରେ ହରିୟାଣା ୯.୨ ଓଭରରେ ଗୋଟିଏ ୱିକେଟ୍ ହରାଇ ସହଜ ବିଜୟ ହାସଲ କରିଥିଲା। ଶେଫାଳି ୨୪ବଲରୁ ୫୫ରନର ଅପରାଜିତ ପାଳି ଖେଳିଥିଲେ।

### ଆଇସିସି ମହିଳା ଦିନିକିଆ ବିଶ୍ୱକପ୍

## ୩୦୦ତମ ମ୍ୟାଚ୍‌ରେ ନାଇଟ୍‌ଙ୍କ ଶତକ

**ଇନ୍ଦୋର, ୧୯ ।୧୦ (ଏଜେନ୍ସି):** ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ ରବିବାର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଘରୋଇ ଭାରତ ଓ ଇଂଲଣ୍ଡ ସାମ୍ନାସାମ୍ନି ହୋଇଛନ୍ତି। ସ୍ଥାନୀୟ ହୋଲ୍‌କର ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ହିଥର ନାଇଟ୍‌ଙ୍କ ଶତକ ସହାୟତାରେ ୮ ୱିକେଟ୍‌ରେ ୨୮୮ ରନର ଚ୍ୟାଲେଞ୍ଜିଂ ସ୍କୋର କରିଛି। ଜବାବରେ ଏହି ଲକ୍ଷ୍ୟକୁ ପିଛା କରିଥିବା ଭାରତୀୟ ଦଳ ଶେଷ ଖବର ସୁଦ୍ଧା ୨୦ ଓଭରରେ ୨ ୱିକେଟ୍ ହରାଇ ୧୦୪ ରନ ସଂଗ୍ରହ କରିଛି। ଓପନର୍ ପ୍ରତୀକା ରାୱଲ ୬ ଓ ହର୍ଲିନ ଦେଓଲ ୨୪ ରନ କରି ଆଉଟ୍ ହୋଇଛନ୍ତି। ଅଧିନାୟିକା ହରମନପ୍ରୀତ୍ କୌର ୩୫ ଓ ସ୍ମୃତି ମନ୍ଧାନା ୩୬ ରନ କରି ଖେଳୁଛନ୍ତି। ଭାରତ ବର୍ତ୍ତମାନ ସୁଦ୍ଧା ୪ ମ୍ୟାଚ୍ ଖେଳି ୨ଟି ଲେଖାଏ ବିଜୟ ଓ ପରାଜୟ ସହ ୪ ପଏଣ୍ଟ ପାଇ ଚତୁର୍ଥ ସ୍ଥାନରେ ରହିଛି। ଅପରପକ୍ଷରେ ଇଂଲଣ୍ଡ ୪ ମ୍ୟାଚରୁ ହ୍ୟାଟ୍ରିକ ବିଜୟ ସହ ୭ ପଏଣ୍ଟ ପାଇ ତୃତୀୟ ସ୍ଥାନ ହାସଲ କରିଛି। ଏହି ମ୍ୟାଚ୍ ଜିତିଲେ ଇଂଲଣ୍ଡ ତୃତୀୟ ଦଳ ଭାବେ ସେମିରେ ସ୍ଥାନ ପକ୍କା କରିବ। ପୂର୍ବରୁ ପଏଣ୍ଟ ଟେବଲ୍‌ର ପ୍ରଥମ ଦୁଇ ସ୍ଥାନରେ




ରହିଥିବା ଅଷ୍ଟ୍ରେଲିଆ । (୯) ଓ ଦକ୍ଷିଣ ଆଫ୍ରିକା (୮) ସେମିଫାଇନାଲକୁ ଯୋଗ୍ୟତା ହାସଲ କରିସାରିଛନ୍ତି।

ରବିବାର ଏଠାରେ ଖେଳାଯାଇଥିବା ମ୍ୟାଚରେ ଟସ୍ ଜିତି ଇଂଲଣ୍ଡ ଅଧିନାୟିକା ନାଟାଲୀ ସ୍କିଭର-ବ୍ରଣ୍ଟ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଓପନିଂ ଯୋଡ଼ିରେ ତାମି ବିଉମଣ୍ଟ ଓ ଆମୀ ଜୋନ୍ସ ୭୩ ରନର ଭାଗୀଦାରି ଗଢ଼ି ଭଲ ଆରମ୍ଭ ଦେଇଥିଲେ। ପ୍ରଥମେ ବିଉମଣ୍ଟ ୨୨ ଓ ଆମୀ ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ୍ ହୋଇଥିଲେ। ଏହାପରେ କିନ୍ତୁ ବ୍ୟାଟିଂକ୍ରମର ୩ୟ ସ୍ଥାନରେ ଆସିଥିବା ହିଥର ନାଇଟ୍ ଗୋଟିଏ ପାଶ୍ୱର୍ରେ ଦୃଢ଼ତାର ସହ ଖେଳି ଶତକ ହାସଲ କରିଥିଲେ। ଫଳରେ ଇଂଲଣ୍ଡ ୫୦ ଓଭରରେ ୮ ୱିକେଟରେ ୨୮୮ ରନର ସମ୍ମାନଜନକ ସ୍କୋର କରିପାରିଥିଲା। ନାଇଟ୍ ୧୫ ଚୌକା ଓ ଗୋଟିଏ ଛକା ବଳରେ ସେ ୯୧ ବଲରୁ ୧୦୯ ରନ ସଂଗ୍ରହ କରିଥିଲେ। ଦିନିକିଆରେ ଏହା ତାଙ୍କର ୩ୟ ଶତକ ଥିଲା। ଏହା ନାଇଟ୍‌ଙ୍କ ୩୦୦ତମ ଅନ୍ତର୍ଜାତୀୟ ମ୍ୟାଚ୍ ଥିବାରୁ ଶତକ ହାସଲ କରି ସେ ଏହାକୁ ଆହୁରି ସ୍ମରଣୀୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟିକା ନାଟାଲୀ ୩୮, ସୋଫି ଡଙ୍କଲୀ ୧୫, ଚାର୍ଲି ଡିନ ଅପରାଜିତ ୧୯ ରନ କରିଥିଲେ। ଏକଦା ୨ ୱିକେଟ୍‌ରେ ୨୧୧ ରନ କରି ଭଲସ୍ଥିତିରେ ରହିଥିବା ଇଂଲଣ୍ଡ ଦୀପ୍ତି ଶର୍ମାଙ୍କ ବୋଲିଂକୁ ସାମ୍ନା କରି ନ ପାରି ଶେଷ ୧୧.୧ ଓଭରରେ ୬ ୱିକେଟ ହରାଇ ୭୭ ରନ ସଂଗ୍ରହ କରିଥିଲା। ଭାରତ ପକ୍ଷରୁ ଦୀପ୍ତି ସର୍ବାଧିକ ୪ ଓ ଶ୍ରୀଚରଣି ୨ଟି ୱିକେଟ୍ ନେଇଥିଲେ।

## ଯାଜପୁର ଜୋନ୍‌ରେ କଳିଙ୍ଗ ଭଲିବଲ୍ ଲିଗ୍ ଉଦ୍‌ଘାଟିତ



କଟକ,୧୯।୧୦(ସମିସ): ଗ୍ରାମାଞ୍ଚଳରେ ଭଲିବଲ କ୍ରୀଡ଼ାର ପ୍ରଚାରପ୍ରସାରକୁ ଦୃଷ୍ଟି ରଖି ଆରମ୍ଭ ହୋଇଥିବା କଳିଙ୍ଗ ଭଲିବଲ୍ ଲିଗ(କେଭିଏଲ) ଆଜି ଯାଜପୁର ଜୋନ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଜୋନ୍‌ରେ ମୋଟ୍ ୧୨ଟି ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରୟାସ ବିଦ୍ୟାମନ୍ଦିର ଗ୍ରାଉଣ୍ଡରେ ଉଦ୍‌ଘାଟନୀ ଉତ୍ସବ ଆୟୋଜନ ହୋଇଥିଲା। ତେବେ ହୋମ୍ ଆଣ୍ଡ ଆୱେ ଫର୍ମାଟରେ ହେଉଥିବା ଏହି ଲିଗରେ ପ୍ରତ୍ୟେକ ଦଳ ନିଜ ଗ୍ରାଉଣ୍ଡରେ ଏବଂ ଅନ୍ୟ ଦଳର ଗ୍ରାଉଣ୍ଡରେ ମ୍ୟାଚ୍ ଖେଳିବେ। ସର୍ବାଧିକ ପଏଣ୍ଟ ହାସଲକାରୀ ଦଳ ଜୋନ୍ ଚାମ୍ପିଅନ ଘୋଷିତ ହେବା ସହ ସୁପରଲିଗ୍‌ରେ ପ୍ରବେଶ କରିବ। କଳିଙ୍ଗ ଭଲିବଲ ବିକାଶ ପରିଷଦ(କେଭିଡିସି) ପକ୍ଷରୁ ଆୟୋଜିତ ଏହି ଲିଗ୍ ଅନ୍ୟ ଜୋନ୍ ଗୁଡିକରେ ଖୁବଶୀଘ୍ର ଆରମ୍ଭ ହେବ। କେଭିଡିସି ସଭାପତି ଡଃ ଅଭିଲାଶ ଦାଶ, ସମ୍ପାଦକ ସଂଗ୍ରାମ ଓଝା, ଉପସଭାପତି ରମାକାନ୍ତ ପଟ୍ଟନାୟକ, ଶିବରଞ୍ଜିତ ଜେନା, କାର୍ଯ୍ୟନିର୍ବାହୀ ସଦସ୍ୟ ଦୀପ୍ତିରଞ୍ଜନ ମହାନ୍ତି, ଆଦର୍ଶ ଆନନ୍ଦ ଡିଗଲ, ଅସିତ କୁମାର ଦାସ, ଢେଙ୍କାନାଳ ଜିଲ୍ଲା ସଭାପତି ଧର୍ମାନନ୍ଦ ସେନାପତି, ପ୍ରୟାସ ଗ୍ରୁପର ଦିବ୍ୟବ୍ରତ ପଣ୍ଡା, ରାଜେଶ କୁମାର ଦାସ, ଅଭୟ କୁମାର ରଥ, କେଭିଡିସି ନିର୍ଦ୍ଦେଶିକା ଦୀପ୍ସା ମଜୁମଦାର, ସାହିଲ ଦ୍ୱିବେଦୀଙ୍କ ସମେତ ପୂର୍ବତନ ଜାତୀୟ ଭଲିବଲ ଖେଳାଳି ମହମ୍ମଦ ହିଫଜୁର ରେହମାନ, ମହମ୍ମଦ ଓବେଦୁର ରେହମାନ, ମହମ୍ମଦ ମୋହିବୁର ରେହମାନ ପ୍ରମୁଖ ଉପସ୍ଥିତ ଥିଲେ।

## ନିଙ୍ଗବୋ ଟାଇଟଲ୍ ଜିତିଲେ ରିବାକିନା

**ନିଙ୍ଗବୋ, ୧୯ ।୧୦ (ଏଜେନ୍ସି):** ଚାଇନାରେ ଅନୁଷ୍ଠିତ ଡବ୍ଲ୍ୟୁଟିଏ-୫୦୦ ଟେନିସ ଟୁର୍ଣ୍ଣାମେଣ୍ଟ ନିଙ୍ଗବୋ ଓପନ୍‌ରେ ଏଲିନା ରିବାକିନା ଚାମ୍ପିଅନ ହୋଇଛନ୍ତି। ରବିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଫାଇନାଲରେ କାଜାଖସ୍ତାନ ତାରକା ଏଲିନା ୩-୬, ୬-୦, ୬-୨ ସେଟ୍‌ରେ ୪ର୍ଥ ସିଡ୍ ରୁଷିଆର ଏକତେରିନାଙ୍କୁ ହରାଇଥିଲେ।

## ନନ୍ଦକିଶୋର ପଟ୍ଟନାୟକ ସ୍ମାରକୀ ଫୁଟବଲ୍ ୨୫ରୁ




**ଭୁବନେଶ୍ୱର,୧୯।୧୦ (ସମିସ):** ରାଜ୍ୟର ବିଶିଷ୍ଟ ମହିଳା ଫୁଟବଲ କୋଚ୍ ସ୍ୱର୍ଗତ ନନ୍ଦକିଶୋର ପଟ୍ଟନାୟକଙ୍କ ସ୍ମୃତିରେ ତୃତୀୟ ରାଜ୍ୟସ୍ତରୀୟ ମହିଳା ଫୁଟବଲ ପ୍ରତିଯୋଗିତା ଚଳିତମାସ ୨୫ରୁ ୩୧ ତାରିଖଯାଏ ଖେଳାଯିବ। ୟୁନିଟ୍-୧ ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ପୁଲିସ୍, ସ୍ପୋର୍ଟ୍ସ ଓଡ଼ିଶା, କଟକ ଜିଲ୍ଲା କ୍ରୀଡ଼ା ସଂସଦ, ତାରିଣୀ ଫୁଟବଲ ଏକାଡେମୀ, ନିତା ଆମ୍ବାନି ଫୁଟବଲ ଏକାଡେମୀ, କୁଆଁରମୁଣ୍ଡା ଯୁବ ସଂଗଠନ ଓ ବାଲେଶ୍ୱରର ମହିଳା ଫୁଟବଲ ଆସୋସିଏସନ ଏହି ଟୁର୍ଣ୍ଣାମେଣ୍ଟରେ ଭାଗନେବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ଦଳକୁ ଟ୍ରଫି ସହ ୩୧,୦୦୦ ଟଙ୍କା ଓ ରନର୍ସ ଅପ୍ ଦଳକୁ ୨୧,୦୦୦ ଟଙ୍କା ସହ ଅନ୍ୟ ଶ୍ରେଷ୍ଠ ଖେଳାଳିମାନଙ୍କୁ ପୁରସ୍କୃତ କରାଯିବ ବୋଲି ଆୟୋଜକ ସିଟି କ୍ଲବ୍‌ର ସମ୍ପାଦକ ପ୍ରଦୀପ କୁମାର ରାଉତରାୟ ଓ ସହ ସମ୍ପାଦକ ବନୋଜ କୁମାର ପ୍ରଧାନ ଜଣାଇଛନ୍ତି। ଏହି ଅବସରରେ କଳିଙ୍ଗ ଷ୍ଟାଡିୟମ୍‌ରେ ରବିବାର ଟୁର୍ଣ୍ଣାମେଣ୍ଟର ଟ୍ରଫି ଓ ଲୋଗୋ ଉନ୍ମୋଚିତ କରାଯାଇଛି। ଏଥିଲାଗି ଅନୁଷ୍ଠିତ ଏକ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଅତିଥିଭାବେ ଯୋଗ ଦେଇ ଲୋଗୋ ଓ ଟ୍ରଫି ଉନ୍ମୋଚନ କରିଥିଲେ। ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର, ବାବୁ ସିଂହ, ଓଡ଼ିଶା ଅଲିମ୍ପିକ୍ ସଭାପତି ସମୀର ମହାନ୍ତିଙ୍କ ଅନେକ ସଂଗଠକ, କୋଚ୍, ଖେଳାଳି ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ରାଜ୍ୟ ସ୍କୁଲ ଓ କଟକ ଜିଲ୍ଲା ଚେସ୍ ଉଦ୍‌ଯାପିତ

## ଓମ୍‌ସ୍ୱରୂପ, ହର୍ଷିତ ରଞ୍ଜନ ଚାମ୍ପିଅନ

ଭୁବନେଶ୍ୱର,୧୯।୧୦(ସମିସ)

କଟକ ଜିଲ୍ଲା ଚେସ ସଂଘ ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମ୍ ପରିସରରେ ରାଜ୍ୟସ୍ତରୀୟ ସ୍କୁଲ ଓ କଟକ ଜିଲ୍ଲା ଚେସ୍ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରେକର୍ଡ ୨୪୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ରାଜ୍ୟ ସ୍କୁଲ ଜୁନିଅର ବିଭାଗରେ ଖୋର୍ଦ୍ଧାରି ଓମସ୍ୱରୂପ ପତି ଓ କଟକର ଶ୍ରଦ୍ଧାସ୍ମରଣିକା ନନ୍ଦ ଯଥାକ୍ରମେ ଚାମ୍ପିଅନ ଓ ରନର୍ସ ଅପ୍ ହୋଇଥିଲେ।

ଖୋର୍ଦ୍ଧାର ସାୟାଂଶ ଦାସ, ସୁନ୍ଦରଗଡ଼ରୁ ଶୁଭାଶିଷ ବାରିକ, ଖୋର୍ଦ୍ଧାର ଦିବ୍ୟାଂଶୁ କୁମାର ପଶାୟତ, କଟକର ନିରେକ ପରିଡ଼ା, ଖୋର୍ଦ୍ଧାର ଦୁଇ ଖେଳାଳି ଦେବରାଜ ସେନାପତି ଓ ପ୍ରୀତୀକା ପରିଡ଼ା, ବରଗଡ଼ର ନୟନିକା ସାହୁ ଓ କଟକର ଆଦିତ୍ୟ ଦାସ ଯଥାକ୍ରମେ ତୃତୀୟରୁ ୧୦ମ ସ୍ଥାନ ଅଧିକାର କରିଥିଲେ। କଟକ ଜିଲ୍ଲା ଚେସ୍‌ରେ ହର୍ଷିତ ରଞ୍ଜନ ସାହୁ ଚାମ୍ପିଅନ ଓ ନୀଲସୁ ପଟ୍ଟନାୟକ ରନର୍ସ ଅପ୍ ହୋଇଥିଲେ। ୪୬ ବର୍ଷୀୟ ରବୀନ୍ଦ୍ର ଓଝା ତୃତୀୟ, ୬୮ ବର୍ଷୀୟ ନାରାୟଣ ସ୍ୱାଇଁ ଚତୁର୍ଥ ଓ ୯ ବର୍ଷୀୟ ଆଦ୍‌ଭିକ୍ ଆଦିତ୍ୟ ସ୍ୱାଇଁ ପଞ୍ଚମ ସ୍ଥାନ ଅଧିକାର କରିଥିଲେ।




ଖେଳ ଶେଷରେ କଳିଙ୍ଗ ଇନଷ୍ଟିଚ୍ୟୁଟ ଡେଣ୍ଟାଲ ସାଇନ୍ସର ଅର୍ଥୋ ଡେଣ୍ଟିଷ୍ଟ ଡାକ୍ତର ନିବେଦିତା ସାହୁ ମୁଖ୍ୟ ଅତିଥି, ଓଡ଼ିଶା ଅଲିମ୍ପିକ୍ ସଂଘର ସମ୍ପାଦକ ଅଭିଜିତ ପାଲ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ କଟକ ଜିଲ୍ଲା ଚେସ ସଂଘ ସଭାପତି ବିବେକ ତିବରୱାଲ, ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ, ଉପସଭାପତି ପ୍ରଶାନ୍ତ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ଆର୍ବିଟର ନିହାର ରଞ୍ଜନ ସାସ୍‌ମଲ ଓ ତାପସ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ଦୁଇଟି ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS